ନେପାଳ ପ୍ରିମିୟର ଲିଗ ଖେଳିବେ ଶିଖର ଧାୱନ

ପୃଷ୍ଠା ୬

ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 231| ଭାଗ ୩୨ | ସଂଖ୍ୟା୨୩୧ Bhubaneswar | Friday 15 November 2024 | Page 8 Rs. 4.00 ଭୁବନେଶ୍ୱର | ଶୁକ୍ରବାର ୧୫ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ଫେବୃୟାରୀ ୨୧ରୁ ମାଟ୍ରିକ ପରୀକ୍ଷା

କଟକ, ୧୪।୧୧ (ସଂଚାର ବ୍ୟୁରୋ): ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ୨୦୨୫ ଫେବୃଆରୀ ୨୧ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଉଭୟ ରେଗୁଲାର ଏବଂ ଏକ୍ସ ରେଗୁଲାର ପାଇଁ ୨୧ରୁ ପରୀକ୍ଷା ଅନୁଷ୍ଠିତ ହେବ। ଫେବୃୟାରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ମାଟ୍ରିକ୍ ପରୀକ୍ଷା । ପ୍ରଥମ ଦିନ ଅର୍ଥାତ ୨୧ ରେ ମାତୃଭାଷା ଓଡ଼ିଆ ରହିଥିବା ବେଳେ ୨୪ ରେ ଦ୍ୱିତୀୟ ଭାଷା ଇଂରାଜୀ , ୨୭ ତାରିଖରେ ଗଣିତ, ମାର୍ଚ୍ଚ ୧ ରେ ସାଧାରଣ ବିଜ୍ଞାନ , ମାର୍ଚ୍ଚ ୩ ସାମାଜିକ ବିଜ୍ଞାନ, ମାର୍ଚ୍ଚ ୬ ରେ ତୃତୀୟ ଭାଷା ହିନ୍ଦୀ କିମ୍ବା ସଂସ୍କୃତ ରହିଛି। ପରୀକ୍ଷା ସକାଳ ୯ ରୁ ଆରମ୍ଭ ହୋଇ ୧୧.୩୦ ପର୍ଯ୍ୟନ୍ତ ଚାଲିବ। କେବଳ ଗଣିତ ପାଇଁ ଅଧିକ ୧୫ ମିନିଟ ସମୟ ଦିଆଯିବ। ୧୧.୩୦ ପରିବର୍ତ୍ତେ ୧୧.୪୫ ରେ ଶେଷ ହେବ ଗଣିତ ପରୀକ୍ଷା। ଉଭୟ ରେଗୁଲାର ଏବଂ ଏକ୍ସ ରେଗୁଲାର ପରୀକ୍ଷା ଗୋଟିଏ ସିଟିଂ ଓ ଗୋଟିଏ ପ୍ରଶ୍ନ ପତ୍ରରେ ହେବା ନେଇ ସୂଚନା ଦେଇଛି ବୋର୍ଡ।

ତିନି ବର୍ଷ ପରେ ଚଳଚ୍ଚିତ୍ର ପୁରସ୍କାର

- ସହିଦ୍ ରଘୁ ସର୍ଦ୍ଦାର, ପ୍ରତୀକ୍ଷା ଓ ଡାଲଚିନି ଏବଂ ଦମନ ଶ୍ରେଷ୍ଠ ଫିଲ୍ମ
- ଅନନ୍ତ ମହାପାତ୍ରଙ୍କୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି। ବିଗତ ୩ ବର୍ଷ (୨୦୨୦, ୨୦୨୧ ଓ ୨୦୨୨) ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଛି। ନାଟ୍ୟକାର ମୋହନ ସୁନ୍ଦରଦେବ ଗୋସ୍ୱାମୀ

ପୁରସ୍କାର (ଜୀବନବ୍ୟାପି ସାଧନା ପୁରସ୍କାର) ପାଇଁ ଅନନ୍ତ ମହାପାତ୍ରଙ୍କୁ ଚୟନ କରାଯାଇଛି। ୩୨ତମ ଚଳଚ୍ଚିତ୍ର ପୁରସ୍କାର-୨୦୨୦ ପାଇଁ ଡ. ବିଶ୍ୱନାଥ ପଟ୍ଟନାୟକଙ୍କ ପ୍ରଯୋଜିତ 'ସହିଦ୍ ରଘୁ ସର୍ଦ୍ଦାର' ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇବ।

ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ରାକେଶ ସାମଲ (ରୋମିଓ ରାଜା), ଦେବାଶିଷ



ପାତ୍ର ଶ୍ରେଷ୍ଠ ଅଭିନେତା (ସହିଦ୍ ରଘୁ ସର୍ଦ୍ଦାର) ଓ ଅମ୍ଳାନ ଦାସ (ରୋମିଓ ରାଜା), ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ କାବ୍ୟା କିରଣ ଶୁକ୍ଳା (ସହିଦ ରଘୁ ସର୍ଦ୍ଦାର), ଶ୍ରେଷ୍ଠ କାହାଣୀକାର ଡ. ବିଶ୍ୱନାଥ ପଟ୍ଟନାୟକ (ସହିଦ୍ ରଘୁ ସର୍ଦ୍ଦାର), ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ (ରୋମିଓ ରାଜା), ଶ୍ରେଷ୍ଠ ପ୍ରଚ୍ଛଦ ଗାୟକ ସରୋଜ କୁମାର (ଗୀତ: ଜୀବନ ତୁ କୋଉ ସୁଖ ପାଉରେ..., ଚଳଚ୍ଚିତ୍ର: ରୋମିଓ ରାଜା), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଅସୀମା ପଣ୍ଡା (ରୋମିଓ ରାଜା) ପୁରସ୍କାର ପାଇବେ।

୨୦୨୧ ପାଇଁ 'ପ୍ରତୀକ୍ଷା' ଓ ଡାଲଚିନି ଶ୍ରେଷ୍ଠ ଚଳଚ୍ଚିତ୍ର ବିବେଚିତ ହୋଇଛି। ପ୍ରଯୋଜକ ଅନୁପମ ପଟ୍ଟନାୟକଙ୍କର ଏହି ଚଳଚିତ୍ର ପାଇଁ ସାହିତ୍ୟିକ ଗୌରହରି ଦାସ କାହାଣୀ ଲେଖିଛନ୍ତି। ସେ ଶ୍ରେଷ୍ଠ କାହାଣୀକାର ଭାବେ ପୁରସ୍କୃତ ହେବେ। ଏତଦ୍ ବ୍ୟତୀତ ଚଳଚ୍ଚିତ୍ର 'ଭୋକ' ପାଇଁ ରଂଜନ ଦାସଙ୍କୁ ମଧ୍ୟ ଶ୍ରେଷ୍ଠ କାହାଣୀକାର ପୁରସ୍କାର ମିଳିବ। ତୃଷ୍ଣା ଚଳଚ୍ଚିତ୍ର ପାଇଁ ସୁରେଶ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ➮ପୃଷ୍ଠା-୬

ମୋହନଙ୍କ ତାଗିଦ୍: ଆଉ ଚଳିବନି ବିଜେଡି ଷ୍ଟାଇଲ୍

ଚାଷୀଙ୍କୁ ହଇରାଣ କଲେ କାର୍ଯ୍ୟାନୁଷ୍ଠାନ

- ସମବାୟ ଅନୁଷ୍ଠାନ ଗରିବ ଓ ନିଷ୍ପେଷିତଙ୍କ ଭରସା
- ୫୦ ଲକ୍ଷ ଚାଷୀ ପରିବାର ସମବାୟ ଆନ୍ଦୋଳନ ସହ ଜଡ଼ିତ
- ସମବାୟ ସମିତି ସରକାରୀ ନିୟମ ଅନୁଯାୟୀ ଧାନ ସଂଗ୍ରହ କରନ୍ତୁ, ନହେଲେ ଜେଲ ଯିବ

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ସମବାୟ ଅନୁଷ୍ଠାନ ହେଉଛି ସମାଜର ତଳ ସ୍ତରରେ ରହିଥିବା ଗରିବ ଏବଂ ନିଷ୍ପେଷିତଙ୍କ ଆଶା ଓ ଭରସା। ଓଡ଼ିଶାର ପ୍ରାୟ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପରିବାର ସମବାୟ ଆନ୍ଦୋଳନ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ। ସେମାନ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ଅନୁଷ୍ଠାନମାନଙ୍କ ଉପରେ ନିର୍ଭରଶୀଳ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ସମବାୟ ଭବନ ପରିସରରେ ୭୧ ତମ ନିଖିଳ ଭାରତ ସମବାୟ ସପ୍ତାହକୁ ଉଦ୍‌ଘାଟନ କରି କହିଛନ୍ତି। ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ସମବାୟ ସପ୍ତାହ ପାଳନ କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ୨୭୦୦ରୁ ଅଧିକ ପ୍ରାଥମିକ ସମବାୟ ସଂସ୍ଥା ସରକାର ଓ ଚାଷୀଙ୍କ ମଧ୍ୟରେ ସେତୁ ସଦୃଶ କାମ କରୁଛନ୍ତି। ଫସଲ ଋଣ, ଫସଲ ବୀମା, ସାର, ବିହନ, କୀଟନାଶକ ଇତ୍ୟାଦି ସେମାନଙ୍କ ମାଧ୍ୟମରେ ଚାଷୀଙ୍କ ପାଖକୁ ଯାଇଥାଏ। ତେଣୁ ଏହି ସବୁ ସଂସ୍ଥା ଗୁଡ଼ିକୁ ସଶକ୍ତ ➮ପୃଷ୍ଠା-୬

ଜନଜାତୀୟ ଗୌରବ ଦିବସରେ ଭବ୍ୟ ଆୟୋଜନ

ଆଭାସୀରେ ଯୋଗ ଦେବେ ମୋଦୀ

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆୟୋଜିତ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ମୁଖ୍ୟ ଅତିଥି ଭାବେ ଆଭାସୀ ମାଧ୍ୟମରେ ଯୋଗ ଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଏହି ରାଜ୍ୟସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ଓ ଜନ ଜାତୀୟ ଗୌରବ ଦିବସ ସମାରୋହ ପାଳନ କରାଯିବ ।କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ କେନ୍ଦ୍ର ଖାଉଟି ବ୍ୟାପାର, ➮ପୃଷ୍ଠା-୬

ରାତିରେ 'କନଭୟ'

ଦିନରେ ଲୁଟ୍

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ରାଜଧାନୀରେ ଆଇନଶୃଙ୍ଖଳା ପରିସ୍ଥିତିର ଅତି ବିକଳ ଚିତ୍ର। ନୂଆ କମିଶନର, ନୂଆ ଡିସିପି ଆସିବା ପରେ ଅବସ୍ଥା ବଦଳିବ କ'ଣ ସାଙ୍ଘାତିକ ହେବାକୁ ବସିଲେଣି। ପୋଲିସ ଡାଳେ ଡାଳେ ଗଲେ ବର୍ତ୍ତମାନ ପତ୍ରେ ପତ୍ରେ ଗଲେଣି ଚୋର। ମିଡ଼ିଆ ଡକାଇ ବାଃ ବାଃ ନେବା ପାଇଁ ଏଜି ଛକରେ ସାଇରନ ବଜାଇ କମିଶନର କନଭୟ ପାଟ୍ରୋଲିଂ କରୁଥିବା ବେଳେ ଉପକଣ୍ଠରେ ଲୁଟେରା ଲୁଟ ପାଇଁ ଜୀବନ ନେବା ଘଟଣା ଏବେ ପୋଲିସର ପାରିବାପଣିଆ ପ୍ରତି ସୃଷ୍ଟି କରିଛି ପ୍ରଶ୍ନବାଚୀ।

ଆସନ୍ତୁ ପୁରା ଘଟଣା ଉପରେ ନଜର ପକାଇବା। ଲୁଟେରାଙ୍କ ପାଇଁ ଚାଲିଯାଇଛି ଜୀବନ। ରାସ୍ତାରେ ପଡ଼ି ପ୍ରାଣ ହରାଇଛନ୍ତି ମହିଳା। ମୃତ ମହିଳାଙ୍କ ନାଁ ଯୁ ବିଷ୍ଣୁ ପାତ୍ର। ଭୁବନେଶ୍ୱରରୁ ହରିରାଜପୁର ସୋମନାଥ ମନ୍ଦିର ଦର୍ଶନ ପାଇଁ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ସହ ଯାଉଥିଲେ। ହଠାତ କଳା ପଲସର ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଆସି ଏୟାରଫିଲ୍ଡ ଥାନା ଲବଣଗିରି ଠାରେ ସୁନା ଚେନ ଝାମ୍ପି ନେବା ପାଇଁ ଉଦ୍ୟମ କରିଥିଲେ। ମୋଟା ଚେନ କାରଣରୁ ଚେନ ନେଇପାରି ନ ଥିଲେ ଲୁଟେରା। ସ୍ୱାମୀ ବାଇକ୍ ଚଲାଉଥିବାବେଳେ ପଛରେ ବସିଥିଲେ। ଲୁଟ ନ କରିପାରି ପୁନର୍ବାର ଲୁଟ ପାଇଁ ଗୋଡ଼ାଇ ଆକ୍ରମଣ କରିଥିଲେ। ଲୁଟରୁ ସୁନା ଚେନ ସିନା ବଞ୍ଚିଗଲା ହେଲେ ଆକ୍ରମଣ ପରେ ମୁଣ୍ଡରେ ଆଘାତ ପାଇଥିଲେ ମହିଳା। ୩ ଦିନ ଧରି ଜୀବନ ସହିତ ସଂଗ୍ରାମ କରିବା ପରେ ଶେଷରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ସିସିଟିଭି ଚେକିଂ ଆରମ୍ଭ କରିଛି ସ୍ପେଶାଲ ସ୍କ୍ୱାର୍ଡ ଓ ଏୟାରଫିଲ୍ଡ ଥାନା ପୋଲିସ। ଘଟଣାସ୍ଥଳ ନିକଟରେ ସିସିଟିଭି ଦେଖି ଅଭିଯୁକ୍ତଙ୍କୁ ଧରିବା ପାଇଁ ଛାନ୍‌ଭିନ୍ କରିବା ସହ କେସ ନମ୍ବର ୩୪୦ ରେ ମାମଲା ରୁଜୁ କରିଛି। ସହର ବିଢ଼ବା ସାଙ୍ଗକୁ ଏହି ଅଞ୍ଚଳରେ ବାହାର ଲୋକେ ଆସି ଭଡାନେଇ ରହୁଥିବାରୁ ପାଟ୍ରୋଲିଂକୁ ବଢ଼ାଇବାକୁ ଦାବି ହୋଇଛି। ସେପଟେ ଗତ ରାତିରେ ରାଜଧାନୀର ରାଜରାସ୍ତାରେ କନଭୟ ପାଟ୍ରୋଲିଂ ପରେ ଏଭଳି ଘଟଣା ପୋଲିସର ଚିନ୍ତା ବଢ଼ାଇଛି। ଚୋରକୁ ଧରି ନ ପାରି ଓଲଟା ସୁନା ପିନ୍ଧି ବାହାରକୁ ଯାଉଥିବା ବେଳେ ସଚେତନ ହେବାକୁ କହିଛନ୍ତି ଜୋନ ଏସିପି କୃଷ୍ଣଚନ୍ଦ୍ର ପଲେଇ। ପୋଲିସର ଏଭଳି ବୟାନ ମଧ୍ୟ ଲୋକଙ୍କ ଭୟକୁ ଅଧିକ ବଢ଼ାଇଛି। ସୁରକ୍ଷା ଦେବା ବଦଳରେ ସାଧାରଣ ଲୋକଙ୍କୁ ସଚେତନ କରିବା ଆଳରେ ଏଭଳି ବୟାନ ରାଜଧାନୀବାସୀଙ୍କ ମନରେ ଛନକା ପୁରାଇଛି। ଏଭଳି ଗଳିକନ୍ଦିରେ ଚୋର ବୁଲୁଥିବା ବେଳେ ରାସ୍ତା ଉପରେ କନଭୟ ପାଟ୍ରୋଲିଂକୁ ଫମ୍ପା ମାଠିଆର ଆବାଜ ସହ ତୁଳନା କରିଛନ୍ତି ଭୁବନେଶ୍ୱରବାସୀ।



କାନ ଡେରିଆ

ମୁଖ୍ୟମନ୍ତ୍ରୀ ଆମ ଡକରା ଦେଇଛି
ଚାଷୀ ପଇସା ଖାଅନାହିଁ
ପଇସା ଖାଇଲେ
ଜେଲରେ ପଶିବ
କେହି ପିଠିରେ ପଡ଼ିବେ ନାହିଁ

ମଧ୍ୟାହ୍ନ ଭୋଜନରେ 'ଟଙ୍କାଏ' ବଢ଼ିଲା

ବିଦ୍ୟାର୍ଥୀମାନେ ଲୁକ୍କାୟିତ ଗୁଣକୁ ଚିହ୍ନଟ କରନ୍ତୁ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଏବଂ ଐତିହ୍ୟ ବିଦ୍ୟାଳୟ ଯୋଜନା ଶୁଭାରମ୍ଭ

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ଆଜି ୟୁନିଟ-୩ ସ୍ଥିତ କ୍ୟାପିଟାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଶେଷ ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ନୂତନ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଶୁଭାରମ୍ଭ କରିଥିବା କାର୍ଯ୍ୟକ୍ରମ ଗୁଡ଼ିକ ହେଲା, ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ।ଏହା ଅଧୀନରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ୬, ୭୯୪ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ସତ୍ୟବାଦୀ ବନ ବିଦ୍ୟାଳୟ ପରି ଏହି ବିଦ୍ୟାଳୟଗୁଡ଼ିକରେ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ।

ମୁଖ୍ୟମନ୍ତ୍ରୀ କହିଥିଲେ, ଐତିହ୍ୟ ବିଦ୍ୟାଳୟ ଯୋଜନାରେ ପୁରାତନ ବିଦ୍ୟାଳୟର ସଂରକ୍ଷଣ ଓ ପୁନରୁଦ୍ଧାର ହେବ। ୫୧ଟି ଐତିହ୍ୟ ବିଦ୍ୟାଳୟର ବିକାଶ କରାଯିବ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅନ୍ତେବାସୀଙ୍କ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ୩୧୪ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ୧୭୩ରେ କସ୍ତୁରବା ଗାନ୍ଧୀ ବାଳିକା ➮ପୃଷ୍ଠା-୬

ଟ୍ରେଣ୍ଡିଂ ନ୍ୟୁଜ୍

- ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଦାବିକୁ ମାନିନେଇଛନ୍ତି ୟୁପି ଜନସେବା ଆୟୋଗ। ଗୋଟିଏ ଦିନରେ ପବ୍ଲିକ ସର୍ଭିସ୍ କମିଶନ ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ ଖୁବଶୀଘ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ଆୟୋଗ ଅଧ୍ୟକ୍ଷ ଶ୍ରୀନେଟ ସୂଚନା ଦେଇଛନ୍ତି।
- ଟ୍ରାନ୍ସଲେସନ ସେବାରେ ବିଶେଷଜ୍ଞତା ଥିବା ଏକ ଷ୍ଟାର୍ଟଅପ୍ କମ୍ପାନୀ ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଲଞ୍ଚ କରିଛି। କମ୍ପାନୀର ସିଇଓ ବାସ୍କୋ ପେଡ୍ରୋ ଦାବି କରିଛନ୍ତି, ଆଗାମୀ ଦିନରେ ଅନୁବାଦ କରିବା ପାଇଁ ଏହି ଉନ୍ନତ ଏଆଇ ସିଷ୍ଟମ୍ ବିଭିନ୍ନ ଭାଷାରେ ଅନୁବାଦ କରାପାରିବ।
- ବୋମାରେ ମୁମ୍ବାଇ ବିମାନବନ୍ଦରକୁ ଉଡ଼ାଇ ଦିଆଯିବ ବୋଲି ଧମକ ମିଳିବା ପରେ ସିଆଇଏସ୍ଏଫ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ାକଡ଼ି କରାଯିବା ସହିତ ସହାର ଥାନାକୁ ଆଲର୍ଟରେ ରଖାଗଲା।
- ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସ ଘୃଣା ପ୍ରସାର କରୁଛି ଓ ମସ୍କ ବିଷ ପ୍ରଚାର କରୁଛନ୍ତି। ଏଭଳି ଅଭିଯୋଗ ଆଣି ବ୍ରିଟିଶ ଖବରକାଗଜ ଦି ଗାର୍ଡିଆନ୍ ଏହାର ବ୍ୟବହାରକୁ ବ୍ୟାନ୍ କଲା। ଜାତିଭେଦ ଏବଂ ଷଡ଼ଯନ୍ତ୍ର ଥିଓରୀ ସହିତ ଆପତ୍ତିଜନକ ବିଷୟବସ୍ତୁ ଏକ୍ସରେ ବୃଦ୍ଧି ପାଇଛି।
- ମହାରାଷ୍ଟ୍ରର ନନ୍ଦୁରବରରେ ଆୟୋଜିତ ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ାଭାଷାରେ ସମାଲୋଚନା କଲେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ। ମୋଦି ସମ୍ବିଧାନ ନ ପଢ଼ି ସମ୍ବିଦାନ ଉପରେ ଭାଷଣ ଦେଉଛନ୍ତି ବୋଲି କହିଲେ ରାହୁଲ।

ମନ୍ତ୍ରୀଙ୍କ ପାଇଁ ଖୋଲା, କର୍ମଚାରୀଙ୍କ ପାଇଁ ତାଲା

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ମନ୍ତ୍ରୀଙ୍କ ପାଇଁ ବିଳାସପୂର୍ଣ୍ଣ ଯାତ୍ରାକୁ ସରକାର ଅନୁମତି ଦେଇଛନ୍ତି। ହେଲେ ସରକାରୀ କର୍ମଚାରୀଙ୍କ ତାଲିମ ବାବଦ ଭତ୍ତାକୁ ବନ୍ଦ କରିଦିଆଯାଇଛି। ରାଜ୍ୟ ସରକାରଙ୍କ ଏଭଳି ଏକ ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଥିବା ବେଳେ ଆମେ ମଧ୍ୟ ଏପ୍ରକାର ନିଷ୍ପତ୍ତିକୁ ନେଇ ଚକିତ। ପୂର୍ବରୁ କେବଳ ମୁଖ୍ୟମନ୍ତ୍ରୀ ଯେକୌଣସି ସରାକାରୀ କାର୍ଯ୍ୟକ୍ରମ ପାଇଁ ସବୁ ପ୍ରକାର ବିମାନ ଯାତ୍ରାର ଅନୁମତି ଥିଲା। ଅର୍ଥାତ ମୁଖ୍ୟମନ୍ତ୍ରୀ ବିଜନେସ କ୍ଲାସ ହେଉ କି କ୍ଲବ କ୍ଲାସରେ ➮ପୃଷ୍ଠା-୬

ଜୟନାରାୟଣଙ୍କ ଆଚରଣ ବିଜେପିକୁ ଅଡୁଆ

- ସୁପ୍ରିମକୋର୍ଟରେ ଆଗୁଆ ଜାମିନ ଆବେଦନ ଖାରଜ
- ଜନପ୍ରତିନିଧିଙ୍କ ବ୍ୟବହାରରେ ସର୍ବୋଚ୍ଚ ନ୍ୟାୟାଳୟ ଖପ୍ପା
- ତଥାପି ବିଧାୟକଙ୍କ ଶବ୍ଦରେ ନାହିଁ ସଂଜମତା

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ବିଜେପି ତଣ୍ଟିରେ ଲାଗିଛି ଜୟନାରାୟଣ କଣ୍ଟା । ଦଳ ନା ଢୋକି ପାରୁଛି ନା ଥୁକି ପାରୁଛି । ବିଭିନ୍ନ ସମୟରେ ବିବାଦୀୟ ମନ୍ତବ୍ୟ ଓ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଆସୁଥିବା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଆଜି ପୁଣି ଥରେ ଆଇନର ଜାଲରେ ଛନ୍ଦି ହୋଇଯାଇଛନ୍ତି । ସମ୍ବଲପୁରରେ ମହିଳା ପୋଲିସ ଅଧିକାରୀଙ୍କ ମାଡ ମାରିବା ଘଟଣାରେ ସୁପ୍ରିମକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି ।

ସୁପ୍ରିମକୋର୍ଟରେ ଦୁଇ ଜଣିଆ ଖଣ୍ଡପିଠ ତାଙ୍କ ଜାମିନ ଆବେଦନକୁ ଖାରଜ କରିବା ସହ ଲୋକ ପ୍ରତିନିଧିଙ୍କ ବ୍ୟବହାରକୁ ନେଇ ମଧ୍ୟ କଟୁ ଟିପଣୀ ଦେଇଛନ୍ତି । ରାଜନେତାମାନେ ସମାଜର ଦିଗଦର୍ଶକ ହେବା କଥା ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟରୁ ଝଟକା ପାଇବା ପରେ ମଧ୍ୟ ଜୟନାରାୟଣଙ୍କ ଉଚ୍ଚାରଣରେ ସଂଜମତା ଆସୁନାହିଁ। ଜାମିନ ଆବେଦନ ଖାରଜ ହେବା ପରେ ଏହା ତାଙ୍କ ଭାବମୂର୍ତ୍ତୀକୁ ପ୍ରଭାବିତ କରିବ କି ବୋଲି ସାମ୍ବାଦିକଙ୍କ ପ୍ରଶ୍ନରେ ସେ ଅସଭ୍ୟ ଭାଷା ମଧ୍ୟ ବ୍ୟବହାର କରିଥିଲେ। ଏଥିସହିତ ପୋଲିସଙ୍କୁ ଦରକାର ପଡିଲେ ବାଡେଇବା କଥା

ବୋଲି ପୁଣି ଥରେ କହିଛନ୍ତି ଜୟନାରାୟଣ।

ଜୟନାରାୟଣଙ୍କ ଏଭଳି ବିବାଦୀୟ ମନ୍ତବ୍ୟକୁ ନେଇ ରାଜ୍ୟ ବିଜେପି ନେତାମାନେ ମଧ୍ୟ କୌଣସି ସଫେଇ ଦେବାକୁ ପଛଘୁଞ୍ଚା ଦେଉଛନ୍ତି। କାରଣ ଏଭଳି ଆଚରଣ ଦ୍ୱାରା ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଭାବମୂର୍ତ୍ତି ମଧ୍ୟ ପ୍ରଭାବିତ ହେଉଛି। ଜଣେ ଦାୟିତ୍ୱ ସମ୍ପନ୍ନ ରାଜନେତା ଭାବେ ଜୟନାରାୟଣଙ୍କର ଏଥିପ୍ରତି ନିଘା ନାହିଁ। ଯଦିଓ ସୁପ୍ରିମ କୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିଦେବା ପରେ ତାଙ୍କ ପାଖରେ ଆହୁରି ଆଇନଗତ ସୁଯୋଗ ରହିଛି। କିନ୍ତୁ ସରକାରୀ ଦଳର ବିଧାୟକଙ୍କ ପାଇଁ ଏଭଳି ବିବାଦୀୟ ବକ୍ତବ୍ୟ ସାଧାରଣରେ ଗ୍ରହଣୀୟ ନୁହେଁ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ଗତ ଫେବୃଆରୀ ୧୫ରେ ସମ୍ବଲପୁରରେ ଏକ ରାଜନୈତିକ କାର୍ଯ୍ୟକ୍ରମରେ ମହିଳା ପୋଲିସ ଅଧିକାରୀଙ୍କ ଉପରକୁ ହାତ ଉଠାଇଥିଲେ ଜୟନାରାୟଣ। ସମ୍ବଲପୁର ଜିଲ୍ଲାପାଳଙ୍କ ଅଫିସ୍ ଘେରାଉ କରି ବିଜେପି କର୍ମୀ ବିକ୍ଷୋଭ କରୁଥିବା ସମୟରେ ଧନୁପାଲୀ ଆଇଆଇସି ଅନୀତା ପ୍ରଧାନଙ୍କୁ ଜୟନାରାୟଣ ମିଶ୍ର ଧକ୍କା ମାରିଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ପ୍ରଥମେ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ। ସେଠୁ ତାଙ୍କୁ ଆଶ୍ୱସ୍ତି ନ ମିଳିବାରୁ ପରେ ସେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରସଙ୍ଗ ଏଇଠି ଅଟକି ନ ଥିଲା। ଏହି ଘଟଣାରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ରାସ୍ତାକୁ ଓହ୍ଲାଇଥିଲେ।

ତେବେ ଜୟନାରାୟଣଙ୍କ ଓକିଲଙ୍କ କହିବା ଅନୁଯାୟୀ, ଏନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ମାଗିଥିଲେ। ହେଲେ ରାଜ୍ୟ ସରକାର କୌଣସି ଗିରଫଦାରୀ ନ ହେବା ସ୍ପଷ୍ଟ କରିଥିଲେ। ଯେହେତୁ ଗିରଫଦାରୀର ସମ୍ଭାବନା ନାହିଁ, ତେଣୁ ଆଗୁଆ ଜାମିନକୁ ଖାରଜ କରିଛନ୍ତି ସୁପ୍ରିମକୋର୍ଟ।

ଦୁଇ ବେଶରେ ଦର୍ଶନ ଦେଲେ ଶ୍ରୀବଳଦେବଜୀଉ

କେନ୍ଦ୍ରାପଡା, ୧୪।୧୧ (ସଂଚାର ବ୍ୟୁରୋ): ପଂଚୁକ ୫ ଦିନ ୫ଟି ବେଶ ଅନୁଷ୍ଠିତ ହେଉଥିବା ବେଳେ ଗୁରୁବାର ଦିନ ଗୋଟିଏ ଦିନରେ ତ୍ରୟୋଦଶୀ ଓ ଚର୍ତୁଦ୍ଦଶୀ ତିଥି ଭୋଗ ହେଉଥିବାରୁ ମହାପ୍ରଭୁଙ୍କର ୨ଟି ବେଶ ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ମାସର ଭୀଷ୍ମ ପଂଚକର ଚତୁର୍ଥ ଦିବସରେ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ୨ଟି ବେଶ ଅନୁଷ୍ଠିତ ହୋଇଯାଇଛି । ତ୍ରୟୋଦଶୀରେ ଦ୍ୱିବିନ୍ଦ ବାନର ବେଶ ହେବାକୁ ଥିବାବେଳେ ଚର୍ତୁଦ୍ଦଶୀରେ ବକାସୁର ବଧ ବେଶ ଅନୁଷ୍ଠିତ ହୋଇଥିଲା । ଜୀଉ ମାନଙ୍କର ସଂନ୍ଧ୍ୟା ନୀତି ପରେ ଏହି ୨ ବେଶ ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ପୂଜା ନୀତି ପାଳନ କରାଯାଇ ଥିଲା। ଜୀଉ ମାନଙ୍କ ବେଶ ଦର୍ଶନ ପାଇଁ ମନ୍ଦିରରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାବେଶ ପରିଲକ୍ଷିତ ହୋଇଛି । ବେଶ ଲାଗି ପରେ ମହାସ୍ନାନ କରାଯାଇ ଦିଅଁ ମାନଙ୍କ ରାତ୍ର ଧୂପ ଓ ବଡସିଂହାର ପୁଷ୍ପାଞ୍ଜଳୀ ଅନ୍ତେ ପହୁଡ ଲାଗି ହୋଇଥିବା ଜଣାପଡିଛି ।

ଦୁବାଇରେ ଚିତ୍ରକଳା ପ୍ରଦର୍ଶନ କରି କେନ୍ଦ୍ରାପଡ଼ାକୁ ଗର୍ବିତ କଲେ ସୌମ୍ୟରଂଜନ

କେନ୍ଦ୍ରାପଡା, ୧୪।୧୧ (ସଂଚାର ବ୍ୟୁରୋ): ଆର୍ନ୍ତଜାତୀୟ ଚିତ୍ରଶିଳ୍ପୀ ତଥା କ୍ରିଷ୍ଣା ଏକାଡେମୀର ସଭାପତି ସୌମ୍ୟରଂଜନ ପଟ୍ଟନାୟକ ଚଳିତ ମାସ ୯ ତାରିଖ ରୁ ୧୨ତାରିଖ ପର୍ଯ୍ୟନ୍ତ ଦୁବାଇର ଇଣ୍ଟର ନ୍ୟାସନାଲ ଆର୍ଟସେଣ୍ଟରରେ ମୋଦି ୨୦ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗନେଇ ୨ଟି ଚିତ୍ର ଯଥା: ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କର ବିକଶିତ ଭାରତ ମିଳିତ ଭାବେ ଅଙ୍କନ କରିଥିବା ବେଳେ ଅନ୍ୟ ଚିତ୍ରଟିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଚିତ୍ରରେ କିପରି ଓଡ଼ିଶାର କଳା ସଂସ୍କୃତିର ଗୁରୁତ୍ୱ ଓ ଧାର୍ମିକ ଭାବନା ପ୍ରତି ଆସ୍ଥା ଚିତ୍ରରେ ପ୍ରତିଫଳିତ ହୋଇଥିବା ବେଳେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉ, ଜଗନ୍ନାଥ ଓ ସୁଭଦ୍ରା ଏହା ସହ କେନ୍ଦୁଝର ଆରାଧ୍ୟ ଦେବୀ ମା ତାରେଣୀଙ୍କୁ ଚିତ୍ରରେ ଅତିସୁନ୍ଦର ଭାବେ ଚିତ୍ରିତ

କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୌମ୍ୟରଂଜନ ପଟ୍ଟନାୟକଙ୍କୁ ସମ୍ମାନୀତ କରିଥିଲେ।

ଏଠାରେ ୟୁଏଇର ରାଷ୍ଟ୍ରଦୁତ ସତଶ ସିବନ, ଅମୀୟ ମିସ୍ର (ୟୁଏଇ ଓଡ଼ିଆ ସମଜ ସଭାପତି), କୁଳମଣୀ ବିଶ୍ୱାଳ, ଡ଼. ବିପିନ ମିଶ୍ର (ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଅଧ୍ୟକ୍ଷ) ଓ ସୁଭଦ୍ରା ଗ୍ୟାଲେରୀର ଚେୟାରମ୍ୟାନ ସୂର୍ଯରଥ ଚିତ୍ର ପ୍ରଦର୍ଶନୀରେ ସୌମ୍ୟଙ୍କ ଚିତ୍ରକୁ ଅତିଥି ମାନଙ୍କ ଦ୍ୱାରା ଉଚ୍ଚପ୍ରଶଂସା କରାଯାଇଥିଲା । ଭୁବନେଶ୍ୱର ସ୍ଥିତ ପୂର୍ବ ଭାରତର ଅଗ୍ରଣୀ କଳା ଅନୁଷ୍ଠାନ ସୁଭଦ୍ରା ଆର୍ଟ ଗ୍ୟାଲେରୀ, ଦୁବାଇ ଓଡ଼ିଆ ସମାଜ,ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ଓ ସଂସ୍କୃତି ବିଭାଗର ମିଳିତ ସହାୟତାରେ ଦୁବାଇରେ ଭାରତ ଓ ଦୁବାଇର ୬୦ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ଚିତ୍ରପ୍ରଦର୍ଶନୀ ଓ ୨୮ ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ଚିତ୍ର କର୍ମଶାଳା ସଫଳ ହୋଇପାରିଛି ।

ଓଡିଶାର ୧୪ ଜଣ ଚିତ୍ରଶିଳ୍ପୀ ଭାଗ ନେଇ ସୁନ୍ଦର ଚିତ୍ର ଅଙ୍କନ କରିଥିବା ବେଳେ, ଏହାକୁ ପରିଚାଳନା କରିଥିଲେ । ଚିତ୍ରଶିଳ୍ପୀ ଅଶୋକ ନାୟକ ସୂଚନା ଯୋଗ୍ୟ ଚିତ୍ରଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ ଅନେକ ଥର କେନ୍ଦ୍ରାପଡା ଜିଲ୍ଲାକୁ ଚିତ୍ରକଳାରେ ପ୍ରତିନିଧିତ୍ୱ କରି ଜାତୀୟ ଓ ଆର୍ନ୍ତଜାତୀୟ ମଞ୍ଚରେ ସମ୍ମାନିତ ହୋଇ କେନ୍ଦ୍ରପଡ଼ା ଜିଲ୍ଲାକୁ ଗୌରବାନ୍ବିତ କରିଛନ୍ତି ।

ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲରେ ଶିଶୁ ଦିବସ

ପଟ୍ଟାମୁଣ୍ଡାଇ, ୧୪।୧୧ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ଶିଶୁ ଦିବସ ସମାରୋହରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ଉପଲକ୍ଷେ ସ୍କୁଲ ଅଧକ୍ଷ ପ୍ରତାପ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟା ସଭାପତି ସୁକାନ୍ତ ତ୍ରିପାଠୀ ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପଣ୍ଡା ମୁଖ୍ୟବକ୍ତା ଓ ସ୍କୁଲ ନିର୍ଦ୍ଦେଶକ ଆଡ଼ଭୋକେଟ ସଞ୍ଜୟ ସାହୁ ସମ୍ମାନିତଅତିଥି ଭାବେ ଯୋଗ ଦେଇ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ହୋଇଥିବାରୁ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ କରାଯାଇ ଏକ ସୁଦୃଢ ଦେଶ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ ଓ ସୁମନପ୍ରିୟା ନାୟକ ସ୍ୱାଗତଭାଷଣ ଓ ବନିମୟୀ ଜେନା ଅତିଥିପରିଚୟ ପ୍ରଦାନ କରିଥିଲେ ଓ ଏଇ ଅବସରରେ ଆୟୋଜିତବିଭିନ୍ନ ପ୍ରତିଯୋଗିତାରେ ରିଙ୍କେଶ୍ୱରୀ ଦାସ, ନମିତା ସୂତାର, ତପସ୍ୱିନୀ ପ୍ରଧାନ, ଜ୍ୟୋସ୍ନାରଣୀ ନାୟକ, ବ୍ୟାମୋକେଶ ସାହୁ, ଗୌରବ ବେହେରା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ ପ୍ରତିଭା ଚୟନ କରିଥିଲେ ଓ ଶେଷରେ ରାକେଶ ସୂତାର ଧନ୍ୟବାଦ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମକୁ ଅମିତ ପାତ୍ର, କାମିନୀ ମହାନ୍ତି, ଶୁଭସ୍ମିତା ସାମଲ, ମୋନାଲିସା ରାୟ, ନିକିଦାସଓ ଖଣ୍ଡାଇ, ଭାଗ୍ୟଶ୍ରୀ ରାଉତ ପ୍ରବୀର ବାରିକପ୍ରମୁଖ ପରିଚାଳନା କରିଥିବା ବେଳେ ଅରୁନ୍ଧତୀ ଦାସ, ପାର୍ବତୀ ବାରିକ, ଆଶାଲତା ମଲ୍ଲିକ, ମୋନାଲିସା ପରିଡା, ଭକ୍ତ ରଞ୍ଜନ ମହାନ୍ତି, ମଧୁସ୍ମିତା ଗିରି, ସୌମ୍ୟା ସ୍ୱାତି ପ୍ରିୟଦର୍ଶନୀ, ଅରବିନ୍ଦ ପରିଡା, ଆଶୁତୋଷ ପ୍ରଧାନ, ବିଷ୍ଣୁପ୍ରିୟା ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

୭୧ତମ ନିଖିଳ ଭାରତ ସମବାୟ ସପ୍ତାହ

କେନ୍ଦ୍ରାପଡ଼ା, ୧୪।୧୧ (ସଂଚାର ବ୍ୟୁରୋ): ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତି ପ୍ରାଙ୍ଗଣରେ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ସମବାୟ ପତାକା ଉତ୍ତୋଳନ ସହ ବରପୁତ୍ର ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ ସମବାୟ ସଚେତନତା ବାର୍ତ୍ତାପାଠ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ବେହେରା, କବି ଚରଣ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ରାଉତ ସମ୍ପାଦକ ପ୍ରେମାଞ୍ଜନ ସାହୁ, ସମିତିର କର୍ମକର୍ତ୍ତା ଅନ୍ନଦା ପ୍ରସାଦ ନାୟକ, ରଜନୀକାନ୍ତ ଲେଙ୍କା,ପ୍ରତାପ କୁମାର ନାୟକ ପ୍ରମୁଖ ଯୋଗଦାନ କରିଥିଲେ ।

ଜଗା ଶିଶୁ ସାହିତ୍ୟ ସଂସଦର ୩୧ତମ ସ୍ୱନକ୍ଷତ୍ର ଉତ୍ସବ

ଗାଁ ଆଉ ମାଆ ସବୁଠୁ ସୁନ୍ଦର: ଡ. କୁମରବର

ବରୀ, ୧୪।୧୧ (ସଂଚାର ବ୍ୟୁରୋ): ଗାଁ ଆଉ ମାଆ ସବୁବେଳେ ସୁନ୍ଦର ଲାଗନ୍ତି । ଯିଏ ଏ ଦୁହିଁଙ୍କୁ ଭଲ ପାଇନି ସିଏ ତା ଜୀବନରେ କେବେ ସଫଳତା ପାଇ ପାରେନାହିଁ ବୋଲି ଜଗା ଶିଶୁ ସାହିତ୍ୟ ସଂସଦ ନାଥପୁରର ୩୧ତମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ପ୍ରକାଶ କରିଛନ୍ତି।

ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ବ୍ଲକ୍ର ନବୀନ ଚନ୍ଦ୍ର ବିଦ୍ୟାପୀଠ ଠାରେ ସଂସଦର ସଭାପତି ବ୍ରଜମୋହନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଡ. କୁମରବର ଦାସ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବକ୍ତା ଜ୍ଞାନାନନ୍ଦ ସାଗର ଓ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ପ୍ରଦିପ୍ତ ଦାସ ଯୋଗ ଦେଇ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ବିକାଶ ଦିଗରେ ଅଭିଭାବକମାନେ ଗୁରୁତ୍ୱ ଦେବା ଉଚିତ ଓ ଶିଶୁଟିଏ ପିଲାଦିନୁ ମାର୍ଜିତ ହେଲେ ସଫଳତା ହାସଲ କରିବ ବୋଲି ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ଶିଶୁ ସାହିତ୍ୟ ପାଇଁ କବି ଜୟନ୍ତ କୁମାର ମଲ୍ଲିକ, ଇଂ ଅକ୍ଷୟ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ

ସମାଜସେବା ପାଇଁ ଯାଜପୁର ବ୍ଲକ ର ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋବିନ୍ଦ ଗୋପାଳ ଗଦାଧର ମହାନ୍ତି, ସାମଗ୍ରିକ ସାହିତ୍ୟ ସେବା ପାଇଁ ଅଧ୍ୟାପକ ଡ.ରବିନ୍ଦ୍ର କୁମାର ଦାସ, ଜଗନ୍ନାଥ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ବରୀ ରାମଚନ୍ଦ୍ରପୁର ଥାନାର ସହକାରୀ ଉପ ଆରକ୍ଷୀ ନିରୀକ୍ଷକ ଲମ୍ବୋଦର ଜେନାଙ୍କୁ ମାନପତ୍ର, ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ନିରଂଜନ ସାହୁ ଅତିଥିପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା ସ୍ୱାଗତ ଅଭିଭାଷଣ ଓ ଅନୁଷ୍ଠାନର ସମ୍ପାଦକ ଡ. ଅଜୟ କୁମାର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଯୁବସମ୍ବାଦିକ ସମୀର କୁମାର ସାହୁ, ମୁକ୍ତେଶ୍ୱର ସ୍ୱାଇଁ ଓ ସୁବାଷ ଚନ୍ଦ୍ର ବାରିକଙ୍କୁ ରତ୍ନଗିରି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁସୂୟା ଜେନାଙ୍କ ସମ୍ପାଦନାରେ ଶିଶୁ କିଶୋର ମାସିକ ପତ୍ରିକା ଶିଶୁସୁଧାର ଶୁଭ ଉନ୍ମୋଚନ ଅତିଥିମାନେ କରିଥିଲେ । ପୂର୍ବାହ୍ନରେ ଅନୁଷ୍ଠିତ କଣ୍ଠସଙ୍ଗୀତ, ନୃତ୍ୟ, କବିତା ଆବୃତ୍ତି ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିବାବେଳେ ଅନୁଷ୍ଠାନର ଉପସଭାପତି ଶରତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ସଫଳତା ଦିଗରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

ଆଇନସେବା ପ୍ରାଧିକରଣ ପକ୍ଷରୁ ଶିଶୁ ଦିବସ

କେନ୍ଦ୍ରାପଡା, ୧୪।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଇଣ୍ଟର ନ୍ୟାସନାଲ ଟିଚର୍ସ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯଇଛି । ପ୍ରାଧିକରଣର ସଚିବ ସୁମିତ୍ରା ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ଦିବସର ତାତ୍ପର୍ଯ୍ୟ ସଂପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବକ୍ତବ୍ୟ ରଖିବା ସହ ଭଲ ପାଠପଢି ଭବିଷ୍ୟତରେ ଜଣେ ସୁନାଗରିକ ହୋଇ ଦେଶ ଦଶର ନାମ ରଖିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ସାହୁ, ଶିଶୁ ସୁରକ୍ଷା ସମିତିର ଚେୟାରମ୍ୟାନ ସ୍ୱାଗତିକା ପାତ୍ର, ଇଣ୍ଟର ନ୍ୟାସନାଲ ଟିଚର୍ସ ସ୍କୁଲର ସଭାପତି

ପ୍ରଭାତ କୁମାର ପରିଡା ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଆଇନଜୀବି ଅନନ୍ତ ବିହାରୀ ଶତପଥୀ, ଗଗନ ବିହାରୀ ଖଟୁଆ, ଶାଶ୍ୱତ ନିର୍ମଳ ଦାସ, ଦେବାଶିଷ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଶ୍ରୀକାନ୍ତ କୁମାର ସ୍ୱାଇଁ, ସାନ୍ତନୁ ବଳ ଓ ବରଦା ପ୍ରସନ୍ନ ବଳ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

ରାଜପଥ ଲୁଟେରା ଗିରଫ

କେନ୍ଦ୍ରାପଡା, ୧୪।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଆତଙ୍କ ସୃଷ୍ଟି କରୁଥିବା କୁଖ୍ୟାତ ରାଜପଥ ଲୁଟେରା କାଳିଆ ରାଉତ ଏବଂ ତାର ସହଯୋଗୀ ସୁରିଆ ଓରଫ ସୁରେଶ ରାଉତକୁ କାବୁ କରିବାରେ ସଫଳ ହୋଇଛି ମାର୍ଶାଘାଇ ଥାନା ପୁଲିସ। ଜାତୀୟ ରାଜପଥ, ପାରାଦ୍ୱୀପ ଚଣ୍ଡିଖୋଲ ରାଜପଥରେ ଯାତାୟାତ କରୁଥିବା ବାଇକ ଆରୋହୀ ଓ ପଥଚାରୀଙ୍କ ମୁହଁରେ କୁଖ୍ୟାତ ଲୁଟେରା କାଳିଆ ଲଙ୍କା ଗୁଣ୍ଡ ଫୋପାଡ଼ିବା ସହ ବନ୍ଧୁକ ଓ ଭୁଜାଲି ଦେଖାଇ ଲୁଟ କରିବାରେ ସଫଳ ହୋଇଥାଏ। ବିଶେଷ କରି ବିଳମ୍ବିତ ରାତ୍ରୀରେ ମାର୍ଶାଘାଇ ଓ ସଦର ଥାନା ଅଂଚଳର ଦୁହୁରିଆ, ଶ୍ୟାମସୁନ୍ଦରପୁର, ଗୋପ, ମାର୍ଶାଘାଇ କ୍ରସିଂ, ହଳଦିଆଗୋଡ଼ା, ମସାକଣି, ଯଦୁପୁର, ନୀଳାଞ୍ଚଳ, ବଉଦ ଆଦି ଛକରେ ଟ୍ରକ ଓ ହାଇୱା ଡ୍ରାଇଭରଙ୍କୁ ମରଣାସ୍ତ୍ର ଦେଖାଇ ସୁନା ଚେନ, ମନିପର୍ସ, ସମେତ ଟ୍ରକରୁ ବ୍ୟାଟେରୀ ଚୋରି କରୁଥିବା ବେଳେ କାଳିଆକୁ ଗତ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ଗିରଫ କରିବାରେ ସଫଳ ହୋଇଛି ମାର୍ଶାଘାଇ ପୁଲିସ। ତେବେ କାଳିଆର ଅନ୍ୟ ସହଯୋଗୀମାନେ ବିଭିନ୍ନ ସ୍ଥାନରେ ଲୁଚି ରହିଥିବା ବେଳେ ପୁଲିସ ତାର ନଜର ଜାରି ରଖିଛି। ସୂଚନା ମୁତାବକ କାଳିଆ ନାଁରେ କେନ୍ଦ୍ରାପଡ଼ା ସଦର, ଟାଉନ ଥାନା ସମେତ ଯାଜପୁର, ଭଦ୍ରକ, ଜଗତସିଂହପୁର ଥାନାରେ ବିଭିନ୍ନ ମାମଲା ରହିଥିବା ପୁଲିସ କହିଛି। ରାଜପଥ କଡ଼ରୁ କାଳିଆ ଓ ତାର ସହଯୋଗୀ ସୁରିଆକୁ ଗିରଫ କରିବା ପରେ ଅନ୍ୟ ଅପରାଧୀ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ତାଙ୍କ ନିକଟରୁ ଗୋଟିଏ ଗ୍ୟାସ ସିଲିଣ୍ଡର, ୨ଟି ସୋଲାର ପ୍ଲେଟ୍, ଗୋଟିଏ ମଟର ପମ୍ପ, ଗୋଟିଏ କଟର ମେସିନ ଓ ତିନି ବଣ୍ଡଲ ଇଲେକ୍ଟ୍ରିକ ତାର ପୋଲିସ ଜବତ କରିଥିବା ଜଣାପଡିଛି।

ଗୋମଡ଼କ ସ୍ଥଳକୁ ଛାଡ଼ିଲାନି ବନ ବିଭାଗ

ରାଜନଗର ଡିଏଫ୍ଓ ଗୋ-ହତ୍ୟାକାରୀ: ବିଜେପି

ରାଜନଗର, ୧୪।୧୧ (ସଂଚାର ବ୍ୟୁରୋ): ସରକାର ଗୋ-ହତ୍ୟା ବିରୋଧି ଆଇନ ଆଣିବାକୁ ଯାଉଛନ୍ତି। ସ୍ୱର୍ଗଦ୍ୱାରରେ ଗୋବରରେ ମଣିଷ ପୋଡିବା କଥା ନିଷ୍ପତି ସରିଲାଣି। ମାତ୍ର ସାତଭାୟାକୁ ନିଷିଦ୍ଧାଞ୍ଚଳ କହି ଯିଏ ରଖିଛି ସେଠାରେ ଥିବା ମଣିଷ, ଜୀବଜନ୍ତୁ, ଗଛଲତା ଓ ଗୃହପାଳିତ ପଶୁ ସବୁ ତାର ଦାୟିତ୍ୱ। ଗଣମାଧ୍ୟମରେ ବାହାରିବା ପୂର୍ବରୁ ଯିଏ ଦାୟିତ୍ୱରେ ଅଛନ୍ତି ସିଏ କାହିଁକି ଗୋରୁଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନେଲେନି ଏବଂ ସରକାରଙ୍କୁ ଏ ବିଷୟରେ ଜଣାଇଲେନି ଏବଂ ଗୋମୃତ୍ୟୁ ଓ ଗୋମାତା ଅନାହାରରେ ଥିବା ଭଳି ସୂଚନାକୁ କାହିଁକି ଲୁଚାଇ ରଖିଥିଲେ ବୋଲି ସେ ନେଇ ବନବିଭାଗକୁ ପ୍ରଶ୍ନ କରିଛନ୍ତି ବିଜେପି ନେତା। ଏଥିସହିତ ଏତେ ସଂଖ୍ୟାରେ ଗୋରୁ ମରିବା ଅତି ଜଘନ୍ୟ କଥା। ଗୋମାତାଙ୍କୁ ଶୁଖେଇ ଶୁଖେଇ ମାରିବାରେ ରାଜନଗର ଡିଏଫଓ ଲିପ୍ତ ଅଛନ୍ତି। ଏଥିପାଇଁ ଡଏଫଓ ଦାୟୀ, ଡିଏଫଓ ଗୋ-ହତ୍ୟାକାରୀ ବୋଲି କହିଛନ୍ତି। ଏଥିସହ ସରକାରଙ୍କ ପାଖରେ ଏ ଖବର ପହଁଚାଇବା ସହ, ଆଉ ଯେପରି ଗୋମାତାର ମୃତ୍ୟୁ ନହୁଏ, ସେ ନେଇ ପଦକ୍ଷେପ ନିଆଯିବ।

ରାଜନଗର ବ୍ଲକ ପୁରୁଣା ସାତଭାୟା ଜନବସତିରେ ଶହ ଶହ ଗୋରୁ ଅନାହାରରେ ଅଛନ୍ତି। ବାତ୍ୟା ଦାନା ପ୍ରଭାବରେ ଅନାହାରରେ ୫୦ରୁ ଉର୍ଦ୍ଧ୍ୱ ଗାଈ, ବାଛୁରୀ ଓ ଷଣ୍ଢଙ୍କର ମୃତ୍ୟୁ ଘଟିଛି। ଏପଟେ ଅନାହାରରେ ଥିବା ଗୋରୁଙ୍କ ସମ୍ପର୍କରେ ଖବର ଜାଣିବା ଓ ସେମାନଙ୍କୁ ଖାଇବାକୁ ଦେବା ପାଇଁ ଗୋଖାଦ୍ୟ ନେଇ ଯାଉଥିବା ବିଜେପି ପ୍ରତିନିଧି ଦଳକୁ ବନବିଭାଗ ଗୋରୁଙ୍କ ପାଖକୁ ଛାଡିନି। ସାତଭାୟାରେ ଜନବସତି ଥିବାବେଳେ ସେଠାରେ ଗୋରୁ ଅନାହାରରେ ଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଓ ସ୍ଥିତି ଜାଣିବା ପାଇଁ ଖାଦ୍ୟ ନେଇ ଯାଉଥିବା ପ୍ରତିନିଧି ଦଳକୁ ବନବିଭାଗ ନଛାଡିବା ଘଟଣା ତୀବ୍ର ପତିକ୍ରିୟା ସୃଷ୍ଟି କରିଛି। ଦୀର୍ଘ ୨ ଘଣ୍ଟା କାଳ ବାଉଁଶଗଡ଼ ନଦୀ ପାଖରେ ଅପେକ୍ଷା କରି ବିଜେପି ନେତା ଫେରି ଆସିଛନ୍ତି।

ଆଜି ବରିଷ୍ଠ ବିଜେପି ନେତା ଭୁବନ ମୋହନ ଜେନାଙ୍କ ନେତୃତ୍ୱରେ ବରିଷ୍ଠ ନେତା ନିଳମଣୀ ସାହାଣୀ, ଭୁବନ ମୋହନ ସିଂ, ପବିତ୍ର ପରିଡ଼ା, ରୋଜାଲିନ ମହାନ୍ତି, ଚିତ ରଞ୍ଜନ ଦାସ, ଧର୍ମେନ୍ଦ୍ର ପରିଡ଼ା, ରଶ୍ମୀ ରଞ୍ଜନ ସାମଲ ପ୍ରମୁଖ ଅନାହାରରେ ସାତଭାୟାରେ ଥିବା ଗୋରୁଙ୍କ ପାଇଁ ଗୋଖାଦ୍ୟ ନେଇ ବାଉଁଶଗଡ଼ ନଦୀ ନିକଟରେ ପହଁଚିଥିଲେ। ବିଜେପି ପ୍ରତିନିଧି ଦଳକୁ ଦେଖି ସେଠାରେ ଥିବା ବନବିଭାଗ ଡଙ୍ଗା ନଦୀ ଆରପଟକୁ ପଳାଇଥିଲା। ସାତଭାୟାରେ ଜନବସତି ଥିବା ବେଳେ ଶହ ଶହ ଗୋରୁ ମୃତ୍ୟୁ ମୁଖରେ ପଡ଼ିଥିବା ବେଳେ ଓ ୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟିସାରିଥିବା ବେଳେ ସେଠାକୁ କେହି ଯାଇପାରିବେନି ଭଳି ଅଜବ ନିଷ୍ପତିକୁ ନେଇ ପତିକ୍ରିୟା ବଢ଼ିବାରେ ଲାଗିଛି।

ସାତଭାୟାରେ ପହଞ୍ଚିଲା ପଶୁ ଚିକିତ୍ସା ବିଭାଗ

ଟୀକାକରଣ ସହ ଘାସ ଓ ନଡ଼ା ଖାଇବାକୁ ଦେଲେ

ରାଜନଗର, ୧୪।୧୧ (ସଂଚାର ବ୍ୟୁରୋ): ବଂଗୋପସାଗର କୂଳରେ ଥିବା ସାତଭାୟାର ପୁରୁଣା ଜନବସତି ଅଞ୍ଚଳରେ ଶହ ଶହ ଗାଈ, ବାଛୁରୀ ଓ ଷଣ୍ଢ ଅନାହାରରେ ଅଛନ୍ତି। ଖାଇବାକୁ ପାଉନଥିବା ବେଳେ ପିଇବାକୁ ଟୋପେ ପାଣିବି ପାଉନାହାଁନ୍ତି। ସବୁଆଡେ ଖାଲି ଲୁଣି ପାଣି। ଯେତିକି ଗାଈଗୋରୁ ବାତ୍ୟା ଦାନାରେ ମରିଛନ୍ତି, ତା ଠୁଁ ଅଧିକ ଗୋରୁ ଗତ ସପ୍ତାହ ମଧ୍ୟରେ ଅନାହାରରେ ମରିଥିବା କୁହାଯାଉଛି। ଗୋରୁ ଅନାହାରରେ ରହିବା ଓ ଖାଇବା ଏବଂ ପିଇବାକୁ ନପାଇ ମୃତ୍ୟୁବରଣ କରିବା ଘଟଣା ଉଦ୍ବେଗ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ନିଜେ ବାଉଁଶଗଡ଼ ଘାଟ ପାରହୋଇ ମୋଟର ସାଇକେଲ ଯୋଗେ ସାତଭାୟାରେ ପହଁଚି ୧୧ ତାରିଖରେ ସ୍ଥିତି ପରଖିଥିଲେ। ଆଜି ପଶୁ ଚକିତ୍ସା ବିଭାଗର ୧୬ଜଣିଆ ଟିମ୍ ସାତଭାୟାରେ ପହଁଚି ସେଠାରେ ଥିବା ଷଣ୍ଢ, ଗାଈ, ବାଛୁରୀ, ବଳଦଙ୍କ ସହିତ ମଇଁଷିଙ୍କୁ ଟିକାକରଣ କରୁଛନ୍ତି। ଅନାହାରରେ ଥିବା ଗୋରୁଙ୍କ ପାଇଁ ୩ କୁଇଣ୍ଟାଲ ନଡା ଓ ୧୫

କୁଇଣ୍ଟାଲ ଘାସ ସାତଭାୟାରେ ପହଁଚିଛି। ପଶୁ ଚିକିତ୍ସା ବିଭାଗର କର୍ମଚାରୀମାନେ ବୁଲା ଗୋରୁଙ୍କୁ ଖାଇବାକୁ ନେଇ ଟୀକାକରଣ କରୁଛନ୍ତି।

ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡାଃ. ଦିପ୍ତୀ ମହାପାତ୍ର ନିଜେ ସାତଭାୟାରେ ପହଁଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମଣ୍ଡଳ ପଶୁ ଚିକିତ୍ସା ଅଧିକାରୀ ଡାଃ. ଅକ୍ଷୟ କୁମାର ଦଳାଇ, ମୋବାଇଲ ୟୁନିଟର ପଶୁ ଚିକିତ୍ସା ଅଧିକାରୀ ଡାଃ. ପ୍ରକାଶ କୁମାର ଜେନାଙ୍କ ସହିତ ଜିଲ୍ଲାର ପୁରା ଟିମ୍ ସାତଭାୟାରେ ରହି ଟୀକାକରଣ କାର୍ଯ୍ୟକୁ ଯୋରଦାର କରିଛନ୍ତି। ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରିଣୀ ଡାଃ. ମହାପାତ୍ରଙ୍କ କହିବା କଥା ହେଲା ଟୀକା କରଣ ପରେ ସେଠାରେ କେତେ ଗାଈ ଗୋରୁ ଅଛନ୍ତି, ତାହା ସ୍ପଷ୍ଟ ହେବ। ଖବର ପହଁଛିବା ପରେ ମୃତ ଗୋରୁ ଗୁଡିକୁ ଗାତଖୋଳି ବ୍ଲିଚିଂ ଦେଇ ସତ୍କାର କରାଯାଇଛି। ଟୀକାକରଣ ପରେ ଆଉ ସଂକ୍ରମଣ ବ୍ୟାପିବ ନାହିଁ। ଯଦି ସଂକ୍ରମଣ ବ୍ୟାପେ ସେ ନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ବଂଗୋପସାଗର ମୁହଁରେ ଥିବା ସାତଭାୟାବାସୀଙ୍କୁ ବାଉଁଶଗଡ଼ ନଦୀ ଏପଟେ ବଗପାଟିଆରେ ଥଇଥାନ କରାଯାଇଥିଲେ ମଧ୍ୟ ସେମାନଙ୍କ ଜୀବିକା ପାଇଁ ଆଜି ଯାଏଁ ଜମି ଯୋଗାଇ ଦିଆଯାଇନାହିଁ। ସାତଭାୟାବାସୀ ବଗପାଟିଆ ଥଇଥାନସ୍ଥଳୀରେ ରହୁଥିଲେ ମଧ୍ୟ ଅଧିକାଂଶ ଲୋକଙ୍କ ଗାଈ ଗୋରୁ ସାତଭାୟାରେ ଚରୁଥିଲେ। ଏହାବାଦେ ଷଣ୍ଢ ସମସ୍ୟା ଦେଖାଦେବା ପରେ ବିଭିନ୍ନ ଗାଁର ଲୋକେ ଷଣ୍ଢ ନେଇ ବାଉଁଶଗଡ଼ ନଦୀ ସେପଟେ ଛାଡି ଦେଇ ଆସୁଛନ୍ତି। ଏତେ ସଂଖ୍ୟକ ଗାଈ, ବାଛୁରୀ ଓ ଷଣ୍ଢ ଥିଲେ ମଧ୍ୟ ସେମାନଙ୍କ ପାଇଁ ଏବେ ଗୁରୁତର ଭାବେ ଖାଦ୍ୟ ଓ ପାଣି ସମସ୍ୟା ଦେଖା ଦେଇଛି।

ତାଲୁକ ଆଇନ ସେବା ସମିତି ପକ୍ଷରୁ ଶିଶୁ ଦିବସ

ରାଜନଗର, ୧୪।୧୧ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଜରିମୂଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ତାଲୁକ ଆଇନ ସେବା ସମିତି ପଟ୍ଟାମୁଣ୍ଡାଇ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ସିନିୟର ସିଭିଜ ଜଜ ତଥା ତାଲୁକ ଆଇନ

ସେବା ସମିତିର ଅଧ୍ୟକ୍ଷା ବିଚାରପତି ସୁଶ୍ରୀ ସଙ୍ଗୀତା ମଲ୍ଲିକଙ୍କ ପୌରୋହିତ୍ୟରେ ସିଭିଲ ଜଜ୍ ତଥା ଜେଏମଏଫସି ଡି.କେ.ବାଲକ୍ରୀଷ୍ଣାନ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆଶାଲତା ରାଉତ, ପ୍ୟାନେଲ ଲୟାଲ ବରିଷ୍ଠ ଆଇନଜିବୀ ଧିରେନ ନାଥ ସାହୁ, ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ସିଆରସିସି ଅମର କୁମାର ବେଉରା, ମଧୁସୂଦନ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ଭୂୟାଁ, ସଭ୍ୟ ଚନ୍ଦନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ପ୍ରାରମ୍ଭରେ ବିଚାରପତି ସୁଶ୍ରୀ ସଙ୍ଗୀତା ମଲ୍ଲିକ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ପଷ୍ପମାଲ୍ୟ ଓ ପ୍ରଦୀପ ପଜ୍ଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ତରଫରୁ ଅତିଥିମାନଙ୍କୁ ବନ୍ଦାପନା ଓ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ସୋନାକ୍ଷୀ ମିଶ୍ର ଶିଶୁ ଦିବସ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ପରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ସାଧାରଣ ଜ୍ଞାନ, ମ୍ୟୁଜିକ ଚେୟାର ପ୍ରମୁଖ ପ୍ରତିଯେଗାତା ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନାକ୍ଷୀ ମିଶ୍ର ପ୍ରଥମ, ସୂର୍ଯ୍ୟ ରଞ୍ଜନ ପଣ୍ଡା ୨ୟ, ଆୟୁଷ ରାଉଳ ୩ୟ ସ୍ଥାନ ଅଧିକାର କରିଥିଲେ। ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ଶୁଭସଂଧ୍ୟା ଭୂୟାଁ ପ୍ରଥମ, ଶ୍ରେୟାଶୀ ପରିଡ଼ା ୨ୟ ଓ ଦିବ୍ୟାଙ୍ଗ ବେହେରା ୩ୟ ସ୍ଥାନ ହାସଲ କରିଥିଲେ। କୃତିତ୍ୱ ଅର୍ଜନ ଛାତ୍ର ଛାତ୍ରୀ ମାନଙ୍କୁ ବିଚାରପତି ସୁଶ୍ରୀ ମଲ୍ଲିକ, ଡି.କେ. ବାଲକ୍ରୀଷ୍ଣାନ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ। ଶେଷରେ କୃଷ୍ଣ ଚନ୍ଦ୍ର ସାହିତ୍ୟ ସଂସଦର ସମ୍ପାଦକ ସୁଶ୍ରୀ କାନ୍ତ ପରିଡ଼ା ଧନ୍ୟବାଦ ଦେଇଥିଲେ।

ରାଜନଗରରେ ସମବାୟ ସପ୍ତାହ ପାଳିତ

ରାଜନଗର, ୧୪।୧୧ (ସଂଚାର ବ୍ୟୁରୋ): ରାଜନଗରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ ପରିସରରେ ୭୧ତମ ସମବାୟ ସପ୍ତାହ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ ଯୋଗ ଦେଇ ସମବାୟ ପତାକା ଉତୋଳନ କରିବା ସହିତ ଏହା ୧୪ ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ସମବାୟ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷୀ ମାନଙ୍କର ଉନ୍ନତୀ ଓ ସେବା ମନୋଭାବ ପୋଷଣ କରି କାର୍ଯ୍ୟ କରିବା, ନୂତନ ଯୋଜନା ମାଧ୍ୟମରେ ସମବାୟ ଆନ୍ଦୋଳନକୁ ଶକ୍ତିଶାଳୀ କରିବା, ସମବାୟରେ ଅଭିନବତା, ଜ୍ଞାନ କୌଶଳ ଓ ଉତ୍ତମ ପ୍ରଶାସନ ଆବଶ୍ୟକ। ସମବାୟ ହେଉଛି ମହିଳା ଯୁବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ନିରନ୍ତର ସେବା ଯୋଗାଇବା ପାଇଁ ବୋଲି କହିଥିଲେ। ଏଥିରେ

ରାଜନଗର ଶାଖା ପରିଚାଳକ ବିଶ୍ୱ ପ୍ରକାଶ ସାମଲ, ସତ୍ୟ ନାରାୟଣ ସେଠୀ, ସୁମନ୍ତ କୁମାର ବେହେରା, ଜ୍ୟୋତି ରଞ୍ଜନ ବାରିକ, ବୈକୁଣ୍ଠ କୁମାର ବାରିକ, ମିଲନ କୁମାର ନାୟକ, ବିଭୂତି ଭୂଷଣ ସାହୁ, ବିଜୟ କୁମାର ସ୍ୱାଇଁ, ଅରୂପାନନ୍ଦ ବେହେରା, କୈଳାସ ଚନ୍ଦ୍ର ପରିଡ଼ା, ଦିଲ୍ଲୀପ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ରାଜନଗର ସେବା ସମବାୟ ସମିତିରେ ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ, ନୋଧାବସନ୍ତ ସେବା ସମବାୟ ସମିତିରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା, ବାଇଲିସାହିପାଟଣା ସେବା ସମବାୟ ସମିତିରେ ସମ୍ପାଦକ ଅମର କୁମାର ବଳ ପତାକା ଉତ୍ତୋଳନ କରିଥିଲେ।

ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୧୪।୧୧ (ସଂଚାର ବ୍ୟୁରୋ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ରାଜ୍ୟ ସରକାରଙ୍କ ସହାୟତାରେ କେନ୍ଦ୍ରାପଡ଼ା ପୌରସଂସ୍ଥା ଅଧିନରେ କାର୍ଯ୍ୟ କରୁଥିବା ପୌରସଂସ୍ଥା ଦୃଷ୍ଟି ବାଧିତ, ନିମାଇଁ ଚରଣ ମାନସିକ ଅନଗ୍ରସର ଓ ଦଧିବାମନ ଜୀଉ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଆସନ୍ତା ଡିସେମ୍ବର ତିନି ତାରିଖରେ ହେବାକୁ ଥିବା ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ରୂପାଲି ପ୍ରିୟଦର୍ଶିନୀ, ସମ୍ମାନୀତ ଅତିଥି ଭାବେ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ (ହେଡ କ୍ୱାଟର) ଶ୍ରୀଯୁକ୍ତ ସୁଧାଂଶୁ ବେହୁରା, ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ନାରାୟଣ ପତି ଯୋଗ ଦେଇ ଦୈନ୍ୟ ଦିନ ଜୀବନରେ କ୍ରୀଡା, ଯୋଗ, ବ୍ୟାୟାମର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ବିଶେଷ କରି ଭିନ୍ନକ୍ଷମ ପିଲାମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଅଭିବୃଦ୍ଧିରେ ଏହା ଯଥେଷ୍ଟ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, ଦୌଡ଼, କବିତା ଆବୃତ୍ତି, ସଟ୍ ଫୁଟ୍ ଥ୍ରୋ, ଡିସ୍କସ୍ ଥ୍ରୋ, ମ୍ୟୁଜିକ୍ ଚେୟାର, ନାଚ, ଗଳ୍ପ କଥନ ଆଦି କ୍ରୀଡା ପ୍ରତିଯୋଗିତା ହୋଇଥିଲା । ସର୍ବଶେଷରେ ମୁଖ୍ୟ ଅତିଥି ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପୌର ସଂସ୍ଥା ଦୃଷ୍ଟି ବାଧିତ ବିଦ୍ୟାଳୟରେ କିଛି ମାସ କାର୍ଯ୍ୟ କରିଥିବା କୋଷାଧକ୍ଷ ଅଶୋକ କୁମାର ସାହୁଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ଚିନ୍ତନ ଶିବିର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ

୧୦ ବ୍ୟାଟେରୀଚାଳିତ ଯାନ ଶ୍ରୀମନ୍ଦିରକୁ ଦାନ କଲେ

ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱରସ୍ଥିତ ୱେଲ୍‌କମ୍ ହୋଟେଲ୍‌ରେ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରାଳୟ ପକ୍ଷରୁ ଦୁଇଦିନିଆ ଚିନ୍ତନ ଶିବିର-୨୦୨୪ର ଆୟୋଜନ କରାଯାଇଥିଲା । ଏହି ଶିବିରରେ କେନ୍ଦ୍ରମନ୍ତ୍ରୀ, ନୂତନ ଓ ଅକ୍ଷୟ ଶକ୍ତି ଶ୍ରୀ ପ୍ରହ୍ଲାଦ ଯୋଶୀ, ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶ୍ରୀପଦ ଯଶୋ ନାୟକ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ର ଶକ୍ତି ବିଭାଗ ସଚିବ ଶ୍ରୀ ପଙ୍କଜ ଅଗ୍ରୱାଲ, ଓଡ଼ିଶାର ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପ୍ରାକୃତିକ ସଂପଦରେ ଭରପୂର । ଏହାର ପ୍ରାକୃତିକ ସଂପଦକୁ ବ୍ୟବହାର କରି ଅକ୍ଷୟ ଶକ୍ତି ଦ୍ୱାରା ବିଦ୍ୟୁତ ଉତ୍ପାଦନ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ୫୦୦ ଗିଗାୱାଟ୍‌ର ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ କରିବାକୁ କେନ୍ଦ୍ର ମନ୍ତ୍ରୀ ଯୋଶୀ କହିଥିଲେ । ଆଜି ସୁଦ୍ଧା ଭାରତ ୨୧୨ ଗିଗାୱାଟ୍‌ର ଅଣଜୀବାଶ୍ମ ବିଦ୍ୟୁତ ଶକ୍ତି ଉତ୍ପାଦନ ଲକ୍ଷ୍ୟ ହାସଲ କରିସାରିଛି । ୨୦୩୨ ସୁଦ୍ଧା ଭାରତର ବିଦ୍ୟୁତ ଚାହିଦା ଦୁଇଗୁଣ ବଢ଼ିଯିବ । ଏହାକୁ ମେଣ୍ଟାଇବା ପାଇଁ ଆମକୁ ଅଧିକ ମାତ୍ରାରେ ବିଦ୍ୟୁତ ଉତ୍ପାଦନ କରିବାକୁ ହେବ ଏବଂ ଅକ୍ଷୟ ଶକ୍ତି, ସୋଲାର ପାୱାରର ବ୍ୟବହାର ବୃଦ୍ଧି କରିବାକୁ ହେବ । ଏଥି ନିମନ୍ତେ ଭାରତ ସରକାର ୨୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଶିବିରରେ ଯୋଗଦେଇ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶ୍ରୀପଦ ଯଶୋ ନାୟକ କହିଥିଲେ ଯେ ଆଜିର ସମୟରେ ୫୦୦ ମେଟିକ୍ ଟନ୍‌ର ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ ଆମୋନିଆ ଉତ୍ପାଦନର ମଧ୍ୟ ଲକ୍ଷ୍ୟ ରହିଛି । ଆବର୍ଜନାରୁ ଶକ୍ତି ଉତ୍ପାଦନକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଉଛି । ସାରା ଦେଶକୁ ଏକ ସ୍ଥାୟୀ ବିଦ୍ୟୁତ ଭିତ୍ତିଭୂମି ପ୍ରଦାନ କରିବାକୁ ଜାତୀୟ ଗ୍ରୀଡ୍ ସ୍ଥାପନ କରାଯାଉଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଶିବିରରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ପାଇଁ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ । ରାଜ୍ୟର ଆଗାମୀ ଦିନରେ ପିଏସ୍‌ପି, ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଗାଣ ଆଦି ଯୋଜନା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି କହିଥିଲେ । ଆହୁରି ମଧ୍ୟ ହୀରାକୁଦ ଜଳଭଣ୍ଡାରରେ ଭାସମାନ ସୋଲାର ଶକ୍ତି କାର୍ଯ୍ୟକ୍ଷମ ହେବା ଯୋଜନା ବିଷୟରେ ଜଣାଇଥିଲେ । ସୂଚନାଯୋଗ୍ୟ ଯେ ଦୁଇଦିନ ପୂର୍ବରୁ ଶ୍ରୀ ସିଂହଦେଓ ଦିଲ୍ଲୀରେ ଶକ୍ତିମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗଦେଇ ଓଡ଼ିଶାର ବିଭିନ୍ନ ଯୋଜନା, ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ଜଣାଇଥିଲେ । ଶିବିରର ପ୍ରଥମ ଦିନରେ ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା, ସୌରଶକ୍ତିର ଉତ୍ପାଦନ ବୃଦ୍ଧି, ଭାରତ: ସୌରଶକ୍ତିର ବୈଶ୍ୱିକ ଉତ୍ପାଦକ, କୃଷି କ୍ଷେତ୍ରରେ ସୌରଶକ୍ତିର ବ୍ୟବହାର, ଅକ୍ଷୟ ଶକ୍ତିର କ୍ଷମତା ଇତ୍ୟାଦି ଶୀର୍ଷକରେ ଆଲୋଚନା ହୋଇଥିଲା । ଏହାପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀ ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିରକୁ ୧୦ଗୋଟି ବ୍ୟାଟେରୀଚାଳିତ ଯାନ ପ୍ରଦାନ କରିଥିଲେ । ଆଇଆର୍‌ଇଡିଏର ସିଏସ୍‌ଆର୍ ଯୋଜନା ଅଧୀନରେ ଏହି ଯାନ ପ୍ରଦାନ କରାଯାଇଛି । ଏହି ପ୍ରଦାନ ସମୟରେ ଆଇଆର୍‌ଇଡିଏର ସିଇଓ ତଥା ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ପ୍ରଦୀପ କୁମାର ଦାସ, ନିର୍ଦ୍ଦେଶକ, ବିତ୍ତ ଡ. ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



ଜୟନ୍ତୀ ଅବସରରେ ନେହରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୪।୧୧: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏକ୍ସରେ ଏକ ପୋଷ୍ଟରେ ଶ୍ରୀ ମୋଦୀ ଲେଖିଛନ୍ତି : "ତାଙ୍କ ଜୟନ୍ତୀରେ ମୁଁ ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।"

ଟ୍ୱିନ୍ ସିଟି କ୍ରାଇମ୍

ହୋଟେଲକୁ ଡାକି ଯୁବତୀଙ୍କୁ ଅସଦାଚରଣ ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ଇନଷ୍ଟାଗ୍ରାମରୁ ହୋଇଥିବା ପରିଚୟ ପରେ ଝଗଡ଼ା ଆରମ୍ଭ ତା ପରେ ସମାଧାନ ପାଇଁ ଏକ ହୋଟେଲକୁ ଡାକି ପ୍ରେମ ନିବେଦନ କଲା ଅଭିଯୁକ୍ତ। ହେଲେ ଯୁବତୀ ପ୍ରେମ ନିବେଦନକୁ ଗ୍ରହଣ ନ କରିବାରୁ ହୋଟେଲରେ ଜୋରଜବରଜସ୍ତ କରି ଅସଦାଚରଣ। ଏହି ସମୟରେ ଯୁବତୀ ଜଣଙ୍କ ଭୟରେ ହୋଟେଲ ରୁମର ବାଥରୁମ ଭିତରେ ପଶି କବାଟ ବନ୍ଦ କରିବା ସହ ବାଥରୁମ ସ୍କାଏଲାଇଟର କାଚ ଭାଙ୍ଗି ନିଜର ହାତ କାଟି ଚିତ୍କାର କଲେ। ଏହି ସମୟରେ ହୋଟେଲ କର୍ମଚାରୀ ଏୟାରପୋର୍ଟ ପୁଲିସକୁ ଖବର ଦେଇ ରୁମ ଭିତରୁ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ କାବୁ କରିଥିଲେ। ପରେ ଯୁବତୀଙ୍କ ପରିବାର ମଧ୍ୟ ଥାନାରେ ପହଞ୍ଚି ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ଖୋର୍ଦ୍ଧା ଟାଙ୍ଗିର ଶ୍ରୀରାମ ଦାଶ। ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ଭୁବନେଶ୍ୱରରେ ରହି ପଢ଼ନ୍ତି ଓ ସେ ଇନଷ୍ଟାଗ୍ରାମ ଜରିଆରେ ଅଭିଯୁକ୍ତ ସହିତ ଯୋଗାଯୋଗରେ ଆସିଥିଲେ। ଗତକାଲି ଅବା ୧୩ ତାରିଖ ଦିନ କୌଣସି କାରଣକୁ ନେଇ ଅଭିଯୋଗକାରିଣୀ ଓ ଅଭିଯୁକ୍ତ ମଧ୍ୟରେ ଝଗଡ଼ା ହୋଇଥିଲା।

ସ୍କୁଲରୁ ରାତ୍ରି ଜଗୁଆଳିଙ୍କ ମୃତଦେହ ଉଦ୍ଧାର

କଟକ,୧୪।୧୧(ସଂଚାର ବ୍ୟୁରୋ): ସ୍କୁଲ କୋଠରୀରୁ ରାତ୍ରି ଜଗୁଆଳିଙ୍କ ମୃତଦେହ ଉଦ୍ଧାର କରାଯାଇଛି। କଟକ ଜିଲ୍ଲା ଚୌଦ୍ୱାର ଓଟିଏମ୍ ହାଇସ୍କୁଲରୁ ଝୁଲନ୍ତା ଅବସ୍ଥାରେ ଜଗୁଆଳିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣଙ୍କ ହେଲେ ଜ୍ଞାନରଞ୍ଜନ ବେଉରିଆ। ସେ ଓଟିଏମ୍ ସ୍କୁଲରେ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟରତ ଥିଲେ। ଆଜି ଶିଶୁ ଦିବସ ଥିବାରୁ ଜ୍ଞାନରଞ୍ଜନ ଗତକାଲି ରାତିରେ ଶିକ୍ଷକମାନଙ୍କ ସହ ମିଶି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି କରିଥିଲେ। ଏହାପରେ ଶିକ୍ଷକମାନେ ନିଜ ନିଜ ଘରକୁ ପଳାଇ ଯାଇଥିଲେ। ଜ୍ଞାନରଞ୍ଜନ ସ୍କୁଲରେ ରହିଥିଲେ। ଆଜି ସକାଳେ ବିଦ୍ୟାଳୟ ପରିସରରେ ରହୁଥିବା ଏକ କୋଠରୀରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଏନେଇ ସ୍କୁଲର ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି। ତେବେ ଜ୍ଞାନରଞ୍ଜନ କାହିଁକି ଆତ୍ମହତ୍ୟା, ଏହା ପଛରେ କ'ଣ କାରଣ ରହିଛି ତାହା ଜଣାପଡ଼ି ନାହିଁ।

ବକେୟା ଟଙ୍କା ମାଗିବାରୁ ଦୋକାନୀଙ୍କୁ ଖଣ୍ଡା ଚୋଟ

ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ତେଜରାତି ଦୋକାନରୁ ବକେୟା ନେଇଥିବା ସାମଗ୍ରୀର ଟଙ୍କା ମାଗିବାରୁ ଦୋକାନୀଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲା, ପଳାଶୁଣି ପ୍ରାଚିବିହାରର ରାକେଶ ରଞ୍ଜନ ମହାନ୍ତି। ତାଠାରୁ ଏକ ଖଣ୍ଡା ମଧ୍ୟ ଜବତ କରାଯାଇଛି। ପୂର୍ବରୁ ତା ନାମରେ ମଞ୍ଚେଶ୍ୱର ଥାନାରେ ୭ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଫଳରେ ଆଜି ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ମଞ୍ଚେଶ୍ୱର ପ୍ରାଚିବିହାରରେ ଏକ ତେଜରାତି ଦୋକାନ ରହିଛି। ସେହି ଦୋକାନରୁ ଅଭିଯୁକ୍ତ ବକେୟାରେ କିଛି ସାମଗ୍ରୀ ବକେୟାରେ ନେଇଥିଲା ଓ ନିର୍ଦ୍ଧାରିତ ସମୟରେ ଟଙ୍କା ଦେବା ପାଇଁ କହିଥିଲା କିନ୍ତୁ ଟଙ୍କା ସମୟରେ ଦେଉନଥିଲା। ଫଳରେ ଦୋକାନୀ ଅଭିଯୁକ୍ତକୁ ବାରମ୍ବାର ଟଙ୍କା ମାଗିବା ସତ୍ତ୍ୱେ କୌଣସି ଟଙ୍କା ଦେଉନଥିଲା ଓ ପ୍ରତିବଦଳରେ ଗତ ୧୩ ତାରିଖ ସନ୍ଧ୍ୟା ୭ଟା ସମୟରେ ଅଭିଯୁକ୍ତ ଓ ତାର କିଛି ସହଯୋଗୀଙ୍କ ସହ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ଦୋକାନୀଙ୍କୁ ଗାଳିଗୁଲଜ କରିବା ସହି ହତ୍ୟା ଧମକ ଦେଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ସମୟରେ ଦୋକାନୀ ପାଟି କରିବାରୁ ସ୍ଥାନୀୟ ଲୋକେ ଦୌଡ଼ି ଆସିବା ଦେଖି ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିଲେ। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରିବା ସହ ତାଠାରୁ ଏକ ଖଣ୍ଡା ଜବତ କରିଛି।

ରାୟଗଡାରେ ଶିଳ୍ପ ସପକ୍ଷବାଦୀଙ୍କ ଶୋଭାଯାତ୍ରା

ରାୟଗଡା,୧୪।୧୧(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସକରାତ୍ମକ ଶିଳ୍ପ ମନୋଭାବର ପ୍ରଭାବ ଲୋକଙ୍କ ଉପରେ ପଡିଛି। ଆଦିବାସୀ ଅଞ୍ଚଳର ଲୋକେ ଶିଳ୍ପ ସପକ୍ଷରେ ବାହାରିବା ସହିତ ଶିଳ୍ପକୁ ବିରୋଧ କରୁଥିବା ଦଲାଲମାନଙ୍କୁ ଜିଲ୍ଲାରୁ ହଟାଇବାପାଇଁ ଏକାଠି ହେବାରେ ଲାଗିଛନ୍ତି । ଶିଳ୍ପ ସପକ୍ଷରେ ଦଳମତ ନିର୍ବିଶେଷରେ ଶହ ଶହ ଲୋକ ଏକାଠି ହେବାର ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ। କାଶୀପୁରର ସିଜିମାଳି ଉନ୍ନୟନ କମିଟି ନେତୃତ୍ୱରେ ଟିକିରି, ସୁଙ୍ଗେର, ମାଣ୍ଡିବିସି, ଅଡାଜୋର ଓ ତଳଝିରି ଅଞ୍ଚଳର ଶହ ଶହ ପୁରୁଷ ଓ ମହିଳା ଆସି ହାତରେ ପ୍ଲାକାର୍ଡ ଧରି ଏକାଠି ହେବା ସହିତ ଶିଳ୍ପ ଓ ଖଣି ସପକ୍ଷରେ ମତ ରଖିଛନ୍ତି । ସିଜିମାଳି ତୁରନ୍ତ ଖନନ ପାଇଁ ଦାବି କରିଛନ୍ତି । ସେମାନେ ଖୋଲାଖୋଲିଭାବେ କହିଛନ୍ତି ଯେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣି ଚଳାଇଥିବା ମୈତ୍ରୀ କମ୍ପାନୀକୁ କିଛି ବାହାର ଲୋକ ଆସି ବିରୋଧ କରୁଛନ୍ତି । ସ୍ଥାନୀୟ ଲୋକଙ୍କୁ କମ୍ପାନୀ ବିରୁଦ୍ଧରେ ଉସ୍କାଉଛନ୍ତି । ଏଥିଯୋଗୁଁ ସେମାନଙ୍କର ଜୀବନ ଜୀବିକା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହେଲାଣି। ଶୋଭାଯାତ୍ରାରେ ସାମିଲ ଥିବା କିଛି ମହିଳା କହିଛନ୍ତି ଯେ ଖଣି କାର୍ଯ୍ୟ ଆରମ୍ଭ ପରେ ସେମାନଙ୍କ ହାତକୁ କାମ ମିଳିଥିଲା। ସେମାନଙ୍କ ଅଞ୍ଚଳରୁ କାମଧନ୍ଦା ପାଇଁ ଦାଦନ ଯିବା ଉପରେ ରୋକ୍ ଲାଗିଥିଲା ।

ଆଇଏଫ୍‌ଏଫ୍‌ଆଇ ପ୍ରସ୍ତୁତି ସମୀକ୍ଷା କଲେ ଡ. ଏଲ୍ ମୁରୁଗନ୍

ନୂଆଦିଲ୍ଲୀ,୧୪।୧୧: ଗୋଆରେ ଆସନ୍ତା ୨୦ରୁ ୨୮ ନଭେମ୍ବର ପର୍ଯ୍ୟନ୍ତ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)ର ୫୫ତମ ସଂସ୍କରଣ ଅନୁଷ୍ଠିତ ହେବ । କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗନ୍ ଆଜି ଏହି ମହୋତ୍ସବର ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ପ୍ରମୁଖ ଅଂଶୀଦାରମାନଙ୍କ ସହ ଏକ ବୈଠକରେ ଆଲୋଚନା କରିଛନ୍ତି । ବୈଠକରେ ଡ. ମୁରୁଗନ୍ ମହୋତ୍ସବର ବାଧାମୁକ୍ତ ଆୟୋଜନ ସୁନିଶ୍ଚିତ କରିବା ପାଇଁ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଆଇଏଫଏଫଆଇ ୨୦୨୪ ଗୋଆରେ ଉତ୍ସବ ପାଳନର ଜୀବନ୍ତ ଭାବନା ଏବଂ ସାଂସ୍କୃତିକ ବିବିଧତାକୁ ପ୍ରତିଫଳିତ କରିବା ଉଚିତ୍ । ଏହି ମହୋତ୍ସବକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ସମସ୍ତ ଅଂଶୀଦାରମାନେ ନିଷ୍ଠାର ସହ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଭାରତୀୟ ଚଳଚ୍ଚିତ୍ର ଜଗତର ବିବିଧତାକୁ ପ୍ରଦର୍ଶନ କରିବା ଲାଗି ଏକ ମଞ୍ଚ ରୂପେ ଆଇଏଫଏଫଆଇର ଗୁରୁତ୍ୱ ଉପରେ କେନ୍ଦ୍ର ମନ୍ତ୍ରୀ ଜୋର୍ ଦେଇଛନ୍ତି। ସେ କହିଛନ୍ତି, "ଭାରତୀୟ ସିନେମାକୁ ଆକାର ଦେଇଥିବା ଭାଷା, ସଂସ୍କୃତି ଓ ପରମ୍ପରାର ବ୍ୟାପକ ପରିଦୃଶ୍ୟକୁ ଏହି ମହୋତ୍ସବ ପ୍ରତିନିଧିତ୍ୱ କରିବା ଜରୁରୀ। ଆଞ୍ଚଳିକ ଚଳଚ୍ଚିତ୍ର ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ଅଶେଷ ଲୋକପ୍ରିୟତା ହାସଲ କରିଥିବା ଚଳଚ୍ଚିତ୍ର ପର୍ଯ୍ୟନ୍ତ, ଆଇଏଫଏଫଆଇ ଭାରତୀୟ ସିନେ ଜଗତର ବହୁଳତାବାଦର ଏକ ବାସ୍ତବ ପ୍ରତିଫଳନ ହେବା ଉଚିତ୍।" ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏହି ମହୋତ୍ସବର ପ୍ରଚାର ଓ ପ୍ରସାରକୁ ବ୍ୟାପକ ଭାବେ ବଢ଼ାଇବାର ସମ୍ଭାବନା ଉପରେ ଡକ୍ଟର ମୁରୁଗନ୍ ଜୋର୍ ଦେଇଛନ୍ତି। ଆଇଏଫଏଫଆଇ ଯେପରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବ ଏବଂ ଭାରତୀୟ ସିନେମା ଓ ବିଶ୍ୱ ଦର୍ଶକଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ସମ୍ପର୍କକୁ ପ୍ରୋତ୍ସାହିତ କରିବ ତାହା ସୁନିଶ୍ଚିତ କରିବା ଲାଗି ଅନ୍ତର୍ଜାତୀୟ ମଞ୍ଚର ଲାଭ ଉଠାଇବାକୁ ସେ ସମସ୍ତ ଅଂଶୀଦାରଙ୍କୁ ଅନୁରୋଧ କରିଛନ୍ତି।

ମ୍ୟୁଜିୟମ୍ ପାଠାଗାର ବନ୍ଦ ନିଷ୍ପତ୍ତିର ପୁନର୍ବିଚାର ହେଉ

କଟକ, ୧୪।୧୧(ସଂଚାର ବ୍ୟୁରୋ): ଐତିହାସିକ ଯୋବ୍ରା ମ୍ୟାରିଟାଇମ୍ ମ୍ୟୁଜିୟମରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା 'ମୋ କଟକ ସୁରକ୍ଷା ମଞ୍ଚ'। ଏଥିପାଇଁ ମୁଖ୍ୟମନ୍ତ୍ରୀ, ମ୍ୟୁଜିୟମ୍ ଟ୍ରଷ୍ଟ ବୋର୍ଡ ସଦସ୍ୟ ଓ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ନିଜ ଭାବମୂର୍ତ୍ତି ବଞ୍ଚାଇବା ପାଇଁ ଦୀର୍ଘ ୧୦ବର୍ଷ ପରେ ଚଳିତ ବର୍ଷ ବାଲିଯାତ୍ରା ସମୟରେ (ନଭେମ୍ବର ୧୫-୨୨) ପର୍ଯ୍ୟନ୍ତ ଦିନ ୧୦ଟାରୁ ରାତି ୧୦ଟା (୧୨ଘଣ୍ଟା) ପର୍ଯ୍ୟନ୍ତ ମ୍ୟୁଜିୟମ ଖୋଲାରହିବ ବୋଲି ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହି ନିର୍ଦ୍ଦେଶନାମାରେ ମ୍ୟୁଜିୟମ୍ ପାଠାଗାର ଓ ପିଲାଙ୍କ ପାଇଁ ହୋଇଥିବା କାର୍ଯ୍ୟକ୍ରମ ଅପରାହ୍ଣ ୪ଟାରୁ ରାତି ୧୦ଟା ଯାଏ ବନ୍ଦ ରହିବ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଦର୍ଶକ ଏହି ୨ କାର୍ଯ୍ୟକ୍ରମରୁ ବଞ୍ଚିତ ରହିବେ। ବିଭାଗୀୟ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତ ନିଷ୍ପତ୍ତିର ପରିବର୍ତ୍ତନ କରିବାକୁ ଦାବି କରାଯାଇଛି।

ସମ୍ ହସ୍ପିଟାଲ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ

ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଜେନେରାଲ ମେଡିସିନ୍ ଓ ଏଣ୍ଡୋକ୍ରିନୋଲୋଜି ବିଭାଗ ପକ୍ଷରୁ ଗୁରୁବାର ଦିନ ହସ୍ପିଟାଲ ପରିସରରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ ବିଶ୍ୱ ମଧୁମେହ ଦିବସର ଥିମ୍ ରହିଛି "ଡାଇବେଟିସ୍ ଆଣ୍ଡ ୱେଲବିଙ୍ଗ୍ ଏମ୍‌ପାୱାରଇଂ ଗ୍ଲୋବାଲ୍ ହେଲଥ୍"। ଏହାର ଅର୍ଥ ମଧୁମେହ ଏବଂ ସୁସ୍ଥତା ସହ ବିଶ୍ୱ ସ୍ୱାସ୍ଥ୍ୟକୁ ସଶକ୍ତ କରିବା ମୂଳ ଲକ୍ଷ୍ୟ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଯୋଗ ଦେଇ କହିଥିଲେ ଯେ ପ୍ରତିବର୍ଷ ଭାରତରେ ୧୨୦ରୁ ୧୩୦ ମିଲିୟନ୍ ଲୋକ ମଧୁମେହ ରୋଗରେ ପୀଡିତ ହେଉଛନ୍ତି। ମଧୁମେହ ରୋଗ ଏକ ସାଙ୍ଘାତିକ ରୋଗ ନୁହେଁ। ଲୋକ ମାନେ ଏହି ରୋଗ ବିଷୟରେ ଯେତେ ଶୀଘ୍ର ସଚେତନ ହେବେ ସେତେ ଶୀଘ୍ର ଏହାର ଭୟ ସେମାନଙ୍କର ମନରୁ ଦୂରେଇ ଯିବ। ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ। ପ୍ରତ୍ୟେକ ମଣିଷ ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ସ୍ତରରେ ନିଜକୁ ସୁଦୃଢ଼ କରିବା ଜରୁରୀ ବୋଲି ପ୍ରଫେସର (ଡାକ୍ତର) ମହାପାତ୍ର କହିଥିଲେ।

ଜାତୀୟ ଓ ଆନ୍ତର୍ଜାତିକ କ୍ରୀଡାବିତ ହେଲେ ପୁରସ୍କୃତ

ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ମାନଙ୍କରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବା ସଫଳ କ୍ରୀଡ଼ାବିତ୍ ମାନଙ୍କୁ ଆଜି ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ୧୫ଟି କ୍ରୀଡା ବର୍ଗରେ ସର୍ବମୋଟ ୧୨୯ କ୍ରୀଡ଼ାବିତ୍‌ମାନଙ୍କୁ ୧୭ ଲକ୍ଷ ୮୩ ହଜାର ୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଖୋଖୋ କ୍ରୀଡ଼ାବିତ୍‌ଙ୍କୁ ୩ ଲକ୍ଷ ୭୫ ହଜାର, ଉଶୁ କ୍ରୀଡ଼ାବିତ୍‌ଙ୍କୁ ୧ ଲକ୍ଷ ୯୬ ହଜାର, କରାଟେ କ୍ରୀଡ଼ାବିତ୍‌ଙ୍କୁ ୩ ଲକ୍ଷ ୫୮ ହଜାର ୫୦୦ ଟଙ୍କା, ପେଂଚକ ସିଲେଟ କ୍ରୀଡ଼ାବିତ୍‌ଙ୍କୁ ୨ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଭାବେ ପାରା-ଆଥଲେଟିକ କ୍ରୀଡ଼ାବିତମାନଙ୍କୁ ୧ ଲକ୍ଷ ୧୭ ହଜାର ଟଙ୍କା, ବେସବଲ୍ କ୍ରୀଡ଼ାବିତ୍‌ଙ୍କୁ ୨୪,୫୦୦ ଟଙ୍କା, ଟାଇକଣ୍ଡୋ କ୍ରୀଡ଼ାବିତ୍‌ଙ୍କୁ ୯୮ ହଜାର ଟଙ୍କା, ମୁକବଧିର କ୍ରିକେଟ୍ କ୍ରୀଡ଼ାବିତ୍‌ଙ୍କୁ ୬୨ ହଜାର ୫୦୦ ଟଙ୍କା, ଜୁ-ଜିସ୍ତୁ କ୍ରୀଡ଼ାବିତ୍‌ଙ୍କୁ ୫୩ ହଜାର ଟଙ୍କା, ହ୍ୱିଲଚେୟାର ଫେନ୍‌ସିଙ୍ଗ କ୍ରୀଡ଼ାବିତ୍‌ଙ୍କୁ ୭୦ ହଜାର ଟଙ୍କା, ପାରା ସନ୍ତରଣ କ୍ରୀଡ଼ାବିତ୍‌ଙ୍କୁ ୫୩ ହଜାର ଟଙ୍କା, ଭାରୋତ୍ତୋଳନ କ୍ରୀଡ଼ାବିତ୍ ଙ୍କୁ ୪୪ ହଜାର ଟଙ୍କା, ସନ୍ତରଣ କ୍ରୀଡ଼ାବିତଙ୍କୁ ୩୭,୦୦୦ ଟଙ୍କା,ପାରା-ବ୍ୟାଡ଼ମିଣ୍ଟନ କ୍ରୀଡ଼ାବିତଙ୍କୁ ୩୦ ହଜାର ଟଙ୍କା ଓ ଚେସ୍ ଖେଳାଳୀଙ୍କୁ ୫,୦୦୦ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି।

ଅଦିନିଆ ବନ୍ୟା! ରାତି ଅଧରେ ଘରେ ପଶିଲା ପାଣି

ଯୋଡ଼ା,୧୪।୧୧(ସଂଚାର ବ୍ୟୁରୋ): ରାତି ପ୍ରାୟ ଗୋଟାଏ ହେବ। ଶୀତୁଆ ରାତିରେ ଚାରିଆଡ଼େ ଘୋଟି ଯାଇଛି ଅନ୍ଧକାର ସାଙ୍ଗକୁ କୁହୁଡ଼ି। ଆକାଶ ପ୍ରାୟତଃ ନିର୍ମଳ ରହିଛି। ତାହାରି ଭିତରେ ଆସିଥିଲା ଅଦିନିଆ ବନ୍ୟା! ଆଉ ଚାହୁଁ ଚାହୁଁ ସମସ୍ତଙ୍କ ଘରେ ପଶି ଯାଇଥିଲା ପାଣି। ଆଉ ଶୋଇଥିବା ବେଳେ ଭିଜିଯାଇଥିଲା ବିଛଣା ସମେତ ଖାଦ୍ୟ ସାମଗ୍ରୀ। ଏପରି ବିଚିତ୍ର ଚିତ୍ର ଦେଖିବାକୁ ମିଳିଥିଲା କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରାଞ୍ଚଳରେ। ତେବେ ଏଠି ପ୍ରଶ୍ନ ଉଠୁଛି, ଅଦିନରେ କେଉଁଠୁ ଆସିଲା ବନ୍ୟା ପାଣି? ଘରକୁ ଘର ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମୀଣ ଜଳ ଯୋଗାଣ ବିଛା ଯାଇଛି ପାଇପ୍। ତେବେ ବୁଧବାର ରାତି ପ୍ରାୟ ଗୋଟାଏ ବେଳେ ଯୋଡା ପୌରାଞ୍ଚଳ ୧୦ ନମ୍ବର ୱାର୍ଡ଼ ହନୁମାନ ହଟିଂ ଦେଇ ଯାଇଥିବା ପାନୀୟ ଜଳ ପାଇପ୍ ଫାଟି ଯାଇଥିଲା। ପାଇପ୍ ଫାଟିବା ପରେ ଆସିଥିଲା ଜଳ ପ୍ରଳୟ। ନିଘୋଡ ନିଦରେ ଲୋକମାନେ ଶୋଇଥିବା ବେଳେ ଘରେ ପଶିଥିଲା ପାଣି। ଘର ଭିତରେ ପାଣି ଦେଖି ଲୋକମାନେ ପ୍ରଥମେ କିଛି ଜାଣିପାରିନଥିଲେ। ତରବରିଆ ଭାବେ ଉଠି ପଡ଼ିଥିଲେ। ଚାହୁଁ ଚାହୁଁ ଘରେ ଥିବା ସବୁ ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ଭିଜି ଯାଇଥିଲା। ଏପରିକି ଲୋକଙ୍କ ଶୋଇବା ବିଛଣା ମଧ୍ୟ ଓଦା ହୋଇଯାଇଥିଲା।

ଅଧା ରହିଗଲା ହାଟ ସ୍ଥାନାନ୍ତର

ଭୁବନେଶ୍ୱର,୧୪।୧୧: ରାଜଧାନୀର ପ୍ରମୁଖ ହାଟଗୁଡିକର ସ୍ଥାନାନ୍ତର ଯୋଜନା ଅଧାରେ ରହିଯାଇଛି। ଏକ ନମ୍ବର ପାଇକାରୀ ପରିବା ହାଟକୁ ଭଗବାନପୁର ଉଠାଇନେବାକୁ ଯୋଜନା ହୋଇଥିବାବେଳେ ଚାରି ନମ୍ବର ପାଇକାରୀ ମାଛ ହାଟକୁ କୁଆଖାଇ ନଦୀପଠା ନିକଟକୁ ନେବାପାଇଁ ସ୍ଥିର କରାଯାଇଥିଲା। ସହରର କେନ୍ଦ୍ରସ୍ଥଳ ଏକ ନମ୍ବର ଅଞ୍ଚଳରେ ରହିଛି ରାଜଧାନୀର ସର୍ବବୃହତ୍ ପାଇକାରୀ ପରିବା ହାଟ। ରାଜଧାନୀର ଆଖପାଖ ଅଞ୍ଚଳ ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏପରିକି ରାଜ୍ୟ ବାହାରୁ ଦୈନିକ ଏଠାରୁ ଟ୍ରକ ଟ୍ରକ ପରିବା ଆସୁଛି। ୧୯୫୭ ମସିହାରୁ ଚାରି ଏକର ଜମି ଉପରେ ଥିବା ଏହି ପରିବାହାଟର କଳେବର ବୃଦ୍ଧି ପାଇବାରେ ଲାଗିଛି। ସହରର ଜନସଂଖ୍ୟା ସହିତ ପରିବା ବ୍ୟବସାୟ ବଢ଼ି ଚାଲିଥିବାରୁ ଏଠାକୁ ଦୈନିକ ପ୍ରାୟ ୨ଶହ ଭାରିଯାନ ଆସୁଛି। ତେଣୁ ପରିବାହାଟ ଧିରେ ଧିରେ ସରକାରୀ କ୍ୱାର୍ଟର୍ସ ସମ୍ମୁଖ ଓ ଗଳିକନ୍ଦିକୁ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ହାଟ ବ୍ୟବସାୟୀ ସଂଘ ପାଇକାରୀ ପରିବା ବଜାରକୁ ସ୍ଥାନାନ୍ତର ପାଇଁ ଦାବି କରିଥିବାବେଳେ ୨୦୧୮ମସିହାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଜମି ଚିହ୍ନଟ କରିବାକୁ କହିଥିଲେ। ତଦନୁଯାୟୀ ରାଜଧାନୀ ଉପକଣ୍ଠରେ ଥିବା ଭଗବାନପୁର ଅଞ୍ଚଳରେ ୧୦ ଏକର ଜମି ଚିହ୍ନଟ ହୋଇଥିଲା। ରାଜପଥ ପାର୍ଶ୍ୱରେ ଏହି ସ୍ଥାନଟି ଥିବାରୁ ବିଭିନ୍ନ ସ୍ଥାନରୁ ଆସୁଥିବା ପରିବା ଗାଡି ଚଳାଚଳରେ କୌଣସି ଅସୁବିଧା ହେବନାହିଁ ବୋଲି କୁହାଯାଇଥିଲା। ୨୦୨୨ ମସିହାରେ ଏଥିପାଇଁ ଜୋରସୋରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ବର୍ତ୍ତମାନ ଏହି ଯୋଜନାଟି ଏକ ପ୍ରକାର ଅଧାବାଟରେ ରହିଯାଇଛି। ପୂର୍ବଭଳି ଏକ ନମ୍ବର ଅଞ୍ଚଳର ଗଳିକନ୍ଦିରେ ହୋଲେସେଲ୍ ପରିବା ବଜାର ଚାଲିଛି। ଯାନବାହାନ ଭିଡ ସାଙ୍ଗକୁ ପରିବା ବ୍ୟବସାୟୀମାନେ ପସରା ଖୋଲିବା ଯୋଗୁଁ ହାଟ ଆଖପାଖରେ ଥିବା ସରକାରୀ କ୍ୱାର୍ଟର୍ସର ଲୋକେ ସହଜରେ ଘରୁ ବାହାରି ପାରୁନାହାନ୍ତି। ଏପରିକି ମନ୍ତ୍ରୀ, ଅଫିସରଙ୍କ ଘର ସମ୍ମୁଖରେ ଗାଡି ରଖି ଲୋକେ ହାଟକୁ ଯାଉଥିବାରୁ ସେମାନେ ସମସ୍ୟାରେ ପଡୁଛନ୍ତି। ଏକ ନମ୍ବର ପରିବା ହାଟ ଭଳି ଚାରିନମ୍ବର ଅଞ୍ଚଳରେ ଥିବା ସହରର ପାଇକାରୀ ମାଛ ହାଟ ସ୍ଥାନାନ୍ତର ପ୍ରକ୍ରିୟା ମଧ୍ୟ ଅଧାବାଟରେ ରହିଯାଇଛି। ପାଇକାରୀ ମାଛ ହାଟ ଯୋଗୁଁ ଦୈନିକ ଶତାଧିକ ଭାରିଯାନ ଆସି ଚାରିନମ୍ବର ଅଞ୍ଚଳର ଗଳିକନ୍ଦିରେ ଭିଡ ଜମାଉଛନ୍ତି। ମାଛହାଟରୁ ବାହାରୁଥିବା ବର୍ଜ୍ୟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସହର ମଝିରେ ଥିବା ପାଇକାରୀ ମାଛ ହାଟକୁ ସହର ବାହାରକୁ ଉଠାଇ ନେବାକୁ ଯୋଜନା ହୋଇଥିଲା। ଏଥିପାଇଁ କୁଆଖାଇ ନଦୀପଠା ଅଞ୍ଚଳରେ ସ୍ଥାନ ଚିହ୍ନଟ ହୋଇଥିଲା। ହେଲେ କୌଣସି କାରଣରୁ ଏହି ଯୋଜନାଟି ବି ଅଧାବାଟରେ ରହିଗଲା। ମୋଟାମୋଟି ଭାବେ ସହରବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ହାଟ ସ୍ଥାନାନ୍ତର ପାଇଁ ହୋଇଥିବା ଯୋଜନା ଅଧାବାଟରେ ରହିବା ଯୋଗୁଁ ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ ସହରର ବିଭିନ୍ନ ସ୍ଥାନରେ ନୂଆ ନୂଆ ପରିବା ଓ ମାଛ ହାଟ ଖୋଲିବାରେ ଲାଗିଛି। (ତଥ୍ୟ)

ଜାତି ଗଠନରେ ପୂଜ୍ୟ ପୂଜାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୪। ୧୧(ସଂଚାର ବ୍ୟୁରୋ): ଓଡିଶା ଲେଖକ ସମବାୟ ସମିତି ପରିସରରେ ବିରଜା ପ୍ରସାଦ ଶତପଥି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୂଜ୍ୟାପୂଜା ଓଡିଶର ମାସିକ ଆଲୋଚନା ରେ ମୁଖ୍ୟ ଅତିଥି ଭାବେ ପର୍ଶୁରାମ ଦ୍ୱିବେଦୀ ଓ ବକ୍ତା ଓ ଆଲୋଚକ ଭାବେ ଡାକ୍ତର ରାଜେନ୍ଦ୍ର ଶତପଥୀ, ନାଟ୍ୟକାର ବିଜୟ କୁମାର ମହାନ୍ତି, ସୀତାବଲ୍ଲଭ ମହାପାତ୍ର, ରାମ ନାରାୟଣ ମିଶ୍ର, ଶ୍ରୀବାସ ପ୍ରସାଦ ମହାପାତ୍ର, ଲଡୁକିଶୋର ପଡ଼ିଆରୀ, ଡାକ୍ତର ସନ୍ଧ୍ୟାରାଣୀ ଶତପଥି, ଇଂ ଗଣେଶ ଚନ୍ଦ୍ର ପଣ୍ଡା, ସିଦ୍ଧାର୍ଥ କାନୁନଗୋ ଆଦି ଯୋଗଦାନ କରି ସେମାନଙ୍କ ଅଞ୍ଚଳ ର ବିଶିଷ୍ଟ ଓ ପୂଜ୍ୟ ଲୋକ ମାନଙ୍କ ର ସମାଜ କୁ ଅବଦାନ ସମ୍ପର୍କ ରେ ସୁବିସ୍ତୃତ ଆଲୋଚନା କରିଥିଲେ। ବିଭିନ୍ନ ଉଦାହରଣ ମାଧ୍ୟମ ରେ ମତ ପ୍ରକାଶ ପାଇଥିଲା ଯେ ଜାତି ଗଠନ ରେ ପୂଜ୍ୟ ବ୍ୟକ୍ତି ମାନଙ୍କ ର ମହତ୍ୱ ଅବଦାନ ସମ୍ପର୍କରେ ସମସ୍ତେ ସଚେତନ ହେବା ଉଚିତ। ପ୍ରାରମ୍ଭ ରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅନୁଷ୍ଠାନ ର ଆଭି ମୁଖ୍ୟ ସମ୍ପର୍କ ରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଖଣ୍ଡଗିରି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଦୀପ ମିଶ୍ର ଙ୍କ ବିୟୋଗ ରେ ଦୁଇ ମିନଟ ନିରବ ପ୍ରାଥନା କରାଯାଇଥିଲା। ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

୩୫ତମ ପିକକ୍ ଶିଶୁମେଳା ଉଦଘାଟିତ

ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ଶିଶୁମାନେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେମାନଙ୍କର ଏହି ପ୍ରତିଭାର ସଠିକ ବିକାଶ ପାଇଁ ସବୁ ସ୍ତରରେ ସେମାନଙ୍କୁ ପ୍ରୋତ୍ସାହନର ଅବଶ୍ୟକତା ରହିଛି ବୋଲି ୩୫ ତମ ପିକକ୍ ଶିଶୁମେଳାର ଉଦଘାଟନ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଗୁରୁବାର ସନ୍ଧ୍ୟାରେ ଏକାମ୍ର ହାଟ ମୁକ୍ତାକାଶ ମଞ୍ଚରେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ଦ୍ୱାରା ଆୟୋଜିତ ଶିଶୁମେଳାରେ ଉପସ୍ଥିତ ଅତିଥିମାନେ ପିଲାମାନଙ୍କୁ ଉତ୍ସାହିତ କରିବା ସହ ଶିଶୁମାନେ ନିଜର ଭବିଷ୍ୟତକୁ ସୁଦୃଢ଼ କରିବା ନିମନ୍ତେ ମୂଳରୁ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଛନ୍ତି । ପ୍ରତ୍ୟେକଟି ଶିଶୁର ବଞ୍ଚିବାର ଯେମିତି ଅଧିକାର ଅଛି ସେମିତି ପ୍ରତିଟି କ୍ଷେତ୍ରରେ ନିଜର ସ୍ୱପ୍ନକୁ ସାକାର କରିବା ନିମନ୍ତେ ପ୍ରଚେଷ୍ଟା ଜାରିରଖିବା ଜରୁରୀ । ତେବେ ଅଭିଭାବକ ମାନେ ନିଜର ଆଶା ଅଭିଳାଷାକୁ ସାକାର କରିବା ପାଇଁ ପିଲାମାନଙ୍କ ଉପରେ ଚାପ ପକାଇବା ବଦଳରେ ସହଯୋଗର ହାତ ବଢାଇବା ଆବଶ୍ୟକ ବୋଲି ଅତିରିକ୍ତ ଶ୍ରମ କମିଶନର ମଦନ ମୋହନ ପାଇକ୍ କହିଥିଲେ। ଭୁବନେଶ୍ୱରର ମେୟର ସୁଲୋଚନା ଦାଶ ପିଲାମାନଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରି କହିଥିଲେ ଯେ ପିଲାମାନେ ନିଜ ପାଠ ପଢିବା ସହିତ ତାଙ୍କ ଭିତରେ ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ପାଇଁ ସୁଯୋଗ ପାଇବା ଆବଶ୍ୟକ । ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ପୂର୍ବତନ ଶ୍ରମ କମିଶନର ଅଶ୍ୱିନୀ କୁମାର ଦାସ କହିଲେ ଯେ ଭଲ ନାଗରିକ ହେବା ନିମନ୍ତେ ସମସ୍ତ ଶିଶୁ ନିଜର ସ୍ୱପ୍ନକୁ ପୁରଣ କରିବାକୁ ଚେଷ୍ଟା କରନ୍ତୁ । ବିଶିଷ୍ଟ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ ପିଲାମାନେ ନିଜର ସ୍ୱପ୍ନ କୁ ସାକାର କରିବା ପାଇଁ କାର୍ଯ୍ୟ କରିବା ଆବଶ୍ୟକ, ଅଭିନେତ୍ରୀ ଭୂମିକା ଦାସ ପିଲାମାନଙ୍କୁ ନିଜ ଭିତରର ପ୍ରତିଭାକୁ ଚିହ୍ନିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ଓ ଖେଳାଳି ଅଂଶିକା ରାଉତରାୟ ପିଲାମାନଙ୍କୁ ନିଜର ମାନସିକ ଶକ୍ତିର ବୃଦ୍ଧି ପାଇଁ କିଛି ସମୟ ଖେଳିବା ଆବଶ୍ୟକ ବୋଲି କହିଥିଲେ । ଓଡିଆ ଚଳଚ୍ଚିତ୍ରର ଶିଶୁ କଳାକାର ତଥା ପିକକ୍ ର ଗୁଡୱିଲ ଆମ୍ବାସାଡର ସୁହାନା କର ଓ ତାପସ କୁମାର ଷଡଙ୍ଗୀ, କହିଲେ ଆମେ ପିଲାମାନେ ଏକ ସୁସ୍ଥ ପୃଥିବୀ ଗଢିବା ନିମନ୍ତେ କଠିନ ପରିଶ୍ରମ କରିବା, ପାଠ ପଢିବା ଓ ସ୍ୱପ୍ନ ଦେଖିବା ଆବଶ୍ୟକ। ପିକକ୍ ଶିଶୁମେଳା କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଶ ପଟ୍ଟନାୟକ ଉଦଘାଟନ ଉତ୍ସବରେ ଅଧକ୍ଷତା କରିଥିଲେ ।

ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR

ସଞ୍ଚାର

ମହାରାଷ୍ଟ୍ର ପରେ ବିହାର

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ଏବେ ଫୋକସରେ ବିହାର। ଆସନ୍ତା ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ବିହାର ବିଭାଜନ ପରେ ଲୋକସଭାରେ ଏହାର ସଭ୍ୟସଂଖ୍ୟା କମିଛି। ଲୋକସଭାରେ ବିହାରରୁ ୪୦ଜଣ ପ୍ରତିନିଧି ଅଛନ୍ତି। ୟୁପି, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗ ପରେ ଲୋକସଭାରେ ବିହାରର ପ୍ରତିଧିତ୍ୱ ଚତୁର୍ଥ ସର୍ବାଧିକ। ତେବେ ସଂଖ୍ୟା ଦୃଷ୍ଟିରୁ ନୁହେଁ, ରାଜନୈତିକ ଗୁରୁତ୍ୱ ଦୃଷ୍ଟିରୁ ବିହାରର ସ୍ଥାନ ବହୁ ଉଚ୍ଚରେ। ଭାରତୀୟ ରାଜନୀତିରେ ବିହାର ଅନେକ ସମୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ହିନ୍ଦୀ ବେଲ୍ଟରେ ଏହା ଏକ ପ୍ରମୁଖ ରାଜ୍ୟ। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଏହିଠାରୁ ଆରମ୍ଭ ହୋଇଥିଲା। ଅଣକଂଗ୍ରେସ ରାଜନୀତିର ମୂଳଦୁଆ ଏହିଠାରେ ପଡ଼ିଥିଲା। ତେଣୁ ସ୍ୱାଭାବିକ ଭାବେ ବିହାର ବିଧାନସଭା ନିର୍ବାଚନର ଗୁରୁତ୍ୱ ମଧ୍ୟ ଯଥେଷ୍ଟ ଅଧିକ। ଆଜିକୁ ବହୁ ବର୍ଷ ହେବ ବିହାରରେ କଂଗ୍ରେସ ଏକ ଗୌଣ ଦଳ ହୋଇଯାଇଛି। ମୁକାବିଲା ହେଉଛି ଲାଲୁ ଏବଂ ନୀତିଶଙ୍କ ମଧ୍ୟରେ। ଏଥର ମଧ୍ୟ ନୀତିଶ କୁମାରଙ୍କ ନେତୃତ୍ୱାଧିନ ଏନଡିଏ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧିନ ଇଣ୍ଡି ମେଣ୍ଟ ମଧ୍ୟରେ ହେବ। ଏନଡିଏରେ ନୀତିଶଙ୍କ ଜେଡିୟୁ, ବିଜେପି, ଚିରାଗ ପାଶ୍ୱାନଙ୍କ, ଲଜେପି, ଜିତନ ରାମ ମାନଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ଇତ୍ୟାଦି ରହିଥିବା ବେଳେ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧିନ ମେଣ୍ଟରେ ଆରଜେଡି, କଂଗ୍ରେସ, ସିପିଏମ, ସିପିଆଇ ପ୍ରମୁଖ ଦଳ ଅଛନ୍ତି। ନିର୍ବାଚନ ପୂର୍ବରୁ ଆଉ କିଛି ଛୋଟ ଦଳ ମେଣ୍ଟରେ ସାମିଲ ହୋଇପାରନ୍ତି। ରାଜ୍ୟରେ ତୃତୀୟ ରାଜନୈତିକ ଶକ୍ତି ନାହିଁ କହିଲେ ଚଳେ। ଇତିମଧ୍ୟରେ ନୀତିଶ ଓ ତେଜସ୍ୱୀ ଯାଦବ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଏକ ସମାରୋହରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡାଙ୍କ ଉପସ୍ଥିତିରେ ନୀତିଶ କହିଛନ୍ତି ଯେ, ଅତୀତରେ ଏନଡିଏ ଛାଡ଼ି ଆରଜେଡି ହାତ ଧରିବା ତାଙ୍କର ଏକ ଭୁଲ ନିଷ୍ପତ୍ତି ଥିଲା। ଆଉ ସେ ଭୁଲ କରିବେ ନାହିଁ ଏବଂ ରାଜନୈତିକ ଜୀବନର ଶେଷ ପର୍ଯ୍ୟନ୍ତ ସେ ଏନଡିଏରେ ରହିବେ। ସେହିପରି ତେଜସ୍ୱୀ ଯାଦବ ଏକ ସାକ୍ଷାତକାର ଅବସରରେ କହିଛନ୍ତି ଯେ, ନୀତିଶ ଦୁଇଥର ତାଙ୍କୁ ଧୋକା ଦେଇଛନ୍ତି। ଆଉ ଥରେ ତାଙ୍କୁ ସୁଯୋଗ ମିଳିବ ନାହିଁ। ସେ ଜଣେ ବିଶ୍ୱାସଯୋଗ୍ୟ ନେତା ନୁହଁନ୍ତି। ତାଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବାରେ ଆରଜେଡି ସହଯୋଗ ବା ସମର୍ଥନ କରିବନି। ୨୦୧୪ରେ ନୀତିଶ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ବିରୋଧ କରି ଏନଡିଏରୁ ଓହରିଯାଇଥିଲେ। ୨୦୧୫ ବିଧାନସଭା ନିର୍ବାଚନରେ ଲାଲୁଙ୍କ ଆରଜେଡି ସହ ହାତ ମିଳାଇ ସଫଳତା ପାଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଦୁଇ ବର୍ଷ ପରେ ସେ ପୁଣି ଏନଡିଏକୁ ଫେରିଯାଇ ବିଜେପି ସହାୟତାରେ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିଲେ। ୨୦୨୦ରେ ସେ ଏନଡିଏରେ ରହି ନିର୍ବାଚନ ଲଢ଼ିଲେ। କମ ଆସନ ପାଇଲେ ମଧ୍ୟ ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କଲେ। କିନ୍ତୁ ୨୦୨୨ରେ ସ ବିଜେଡି ହାତ ଛାଡ଼ି ଆରଜେଡି ସହ ହାତ ମିଳାଇଲେ। ନୀତିଶ ମୁଖ୍ୟମନ୍ତ୍ରୀ ଓ ତେଜସ୍ୱୀ ଯାଦବ ଉପ-ମୁଖ୍ୟମନ୍ତ୍ରୀ ହେଲେ। ସେତେବେଳେ ସେ କହିଥିଲେ ଯେ ୨୦୨୫ରେ ତେଜସ୍ୱୀ ଯାଦବ ହେବେ ରାଜ୍ୟର ମୁଖ୍ୟମନ୍ତ୍ରୀ। କିନ୍ତୁ ୨୦୨୪ ଜାନୁଆରୀରେ ସେ ପୁଣି ପକ୍ଷପରିବର୍ତ୍ତନ କଲେ ଏବଂ ଏନଡିଏକୁ ଫେରିଗଲେ। ଲୋକସଭା ନିର୍ବାଚନରେ ବିଜେପି ସମର୍ଥନରେ ଜେଡିୟୁ ବେଶ ସଫଳତା ପାଇଲା। ଏବେ ୨୦୨୫ରେ ତାଙ୍କର ନୂତନ ରଣନୀତି କ'ଣ ହେବ ତାହା ଦେଖିବାକୁ ବାକି ରହିଲା। ନୀତିଶ ଯାହା କହିଛନ୍ତି ତାହା ବେଦର ଗାର ନୁହେଁ। ସେ ପୁନର୍ବାର ପାର୍ଶ୍ୱ ପରିବର୍ତ୍ତନ କରିବେ ନାହିଁ ବୋଲି କୁହାଯାଇପାରିବ ନାହିଁ। ତେଜସ୍ୱୀ ଯାଦବ ମଧ୍ୟ ନୀତିଶଙ୍କ ଉପରେ ଆଉ ବିଶ୍ୱାସ କରାଯାଇପାରିବନି ବୋଲି ଯାହା କହୁଛନ୍ତି ତାହା ବର୍ତ୍ତମାନ ସମୟକୁ ଦେଖି ସେ କହିଛନ୍ତି। ୨୦୨୫ରେ ସେ ନିଜ ମତ ପରିବର୍ତ୍ତନ ନକରିବେ ବୋଲି ଗ୍ୟାରେଣ୍ଟି ନାହିଁ। ତେବେ ବର୍ତ୍ତମାନର ରାଜନୈତିକ ଗତିବିଧିରୁ ଅନ୍ତତଃ ପକ୍ଷେ ନିର୍ବାଚନ ପୂର୍ବରୁ ଆରଜେଡି-ଜେଡିୟୁ ଏକାଠି ହେବା ଅସମ୍ଭବ ମନେ ହେଉଛି। ଯଦି ନୀତିଶ ଫେରିଆସିବାକୁ ଚାହିଁବେ ତେବେ ତେଜସ୍ୱୀ ତାଙ୍କୁ ଆଉ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ନାହିଁ। ଯଦି ରାହୁଲ ଗାନ୍ଧି ହସ୍ତକ୍ଷେପ କରନ୍ତି ତେବେ ବୁଝାମଣା ହୋଇପାରେ। ଅନ୍ୟ ପକ୍ଷରେ ନୀତିଶ ଦେଖୁଛନ୍ତି ଯଦି୨୦୨୫ ବିଧାନସଭା ନିର୍ବାଚନରେ ସେ ପରାଜିତ ହୁଅନ୍ତି ତେବେ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ହେବାର ସୁଯୋଗ ତାଙ୍କ ନିକଟରେ ରହିଛି। ସମ୍ଭବତଃ ଏହାକୁ ଆକଳନ କରି ସେ ଆଉ ଏନଡିଏ ଛାଡ଼ିବେ ନାହିଁ ବୋଲି କହିଛନ୍ତି। ବିଜେପି ସହିତ ରହିଲେ ସେ ମୁଖ୍ୟମନ୍ତ୍ରୀ କିମ୍ବା କେନ୍ଦ୍ର ମନ୍ତ୍ରୀ ହେବେ। କିନ୍ତୁ ବିରୋଧୀ ମହାମେଣ୍ଟରେ ରହିଲେ କେଉଁ କୂଳକୁ ହେବେ ନି। ତେଣୁ ସମ୍ଭବତଃ ୨୦୨୫ ନିର୍ବାଚନ ପୂର୍ବରୁ ନୀତିଶ ଆଉ ପାର୍ଶ୍ୱ ପରିବର୍ତ୍ତନ ନକରିପାରନ୍ତି।

ଜାତି ଜନଗଣନା ନେଇ ଦ୍ୱିମତ

ଜାତି ଭିତ୍ତିକ ଜନଗଣନା ପ୍ରସଙ୍ଗ ଏବେ ଭାରତୀୟ ରାଜନୀତିରେ ଏକ ବିତର୍କ ଏବଂ ବିବାଦର ବିଷୟ ହୋଇଛି। ଏହାକୁ ବିଜେପି ବିରୋଧ କରୁଥିବା ବେଳେ ବାକି ସବୁ ଦଳ ସମର୍ଥନ କରୁଛନ୍ତି। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅଧିକାଂଶ ରାଜନୈତିକ ଦଳ ଏଭଳି ଚିନ୍ତାଧାରାର ବଶବର୍ତ୍ତୀ ହୋଇଛନ୍ତି। କିଏ କାହିଁକି ଏକଥା ଉଠାଇଲା ତାହା ପ୍ରଶ୍ନବାଚୀ। କେବଳ ସମାଜକୁ ଜାତି ଭିତ୍ତିରେ ବିଭାଜିତ କରିବା ଏବଂ ଜାତିଭିତ୍ତିକ ବିଭେଦ ସୃଷ୍ଟି କରିବା ହେଉଛି ଏହା ଉଦ୍ଦେଶ୍ୟ। ଏହା ଏକ ଦେଶ ବିରୋଧୀ ଚିନ୍ତାଧାରା। ତେବେ ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଏହା ଉପରେ ସ୍ୱତନ୍ତ୍ର ମତ ଉପସ୍ଥାପନ କରାଯାଇଛି। ଆରଏସଏସ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ଜାତି ଭିତ୍ତିକ ଜନଗଣନାର ଆବଶ୍ୟକତା ଥାଇପାରେ। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରାଗଲେ ତାହା ବୁମେରାଂ ହେବ। ବିଜେପିର ମତ ବି ସମାନ। ୟୁପି, ବିହାର, ତାମିଲନାଡୁ ଇତ୍ୟାଦି ରାଜ୍ୟରେ ଜାତିଗତ ରାଜନୀତି ବେଶ ଉତ୍କଟ। ତେଣୁ ସେହିସବୁ ରାଜ୍ୟର ରାଜନୈତିକ ଦଳମାନେ ଏଭଳି ଦାବି କରିବା ସ୍ୱାଭାବିକ। ଭାରତୀୟ ସମାଜରେ ସବୁଠାରୁ ବଡ଼ ଦୁର୍ବଳତା ଏବଂ ତ୍ରୁଟି ହେଲା ଜାତିଗତ ବିଭେଦ। ହଜାର ହଜାର ବର୍ଷ ହେବ ଭାରତରେ ଏହି ଜାତି ବିଭେଦ ଯୋଗୁଁ ଅନେକ ଅନ୍ୟାୟ ଏବଂ ଶୋଷଣର ଶିକାର ହୋଇଛନ୍ତି। ଆଶା କରାଯାଉଥିଲା ଯେ, ସ୍ୱାଧୀନତା ପରେ ସ୍ୱାଧୀନ ଭାରତରେ ଜାତିଗତ ବିଭେଦ ରହିବ ନାହିଁ ଏବଂ ସମସ୍ତ ଭାରତବାସୀ ନିଜକୁ କେବଳ ଭାରତୀୟ ବୋଲି ପରିଚୟ ପ୍ରଦାନ କରିବେ। କିନ୍ତୁ ରାଜନୈତିକ ଷଡ଼ଯନ୍ତ୍ରରୁ ଏହି ଆଶା ନୈରାଶ୍ୟରେ ପରିଣତ ହେଲା। ପ୍ରଥମେ ସମ୍ବିଧାନରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ହେଲା। ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ଲାଗି ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସଂରକ୍ଷଣ ବ୍ୟବସ୍ଥା କରାଗଲା। କିନ୍ତୁ ବାବା ସାହେବ ଆମ୍ବେଦକର ଯେତେବେଳେ ଏହି ସଂରକ୍ଷଣ ବ୍ୟବସ୍ଥା କଲେ ସେତେବେଳେ ସେ ଭାବିନଥିଲେ ଯେ, ଏହି ବ୍ୟବସ୍ଥା ଭାରତୀୟ ସମାଜ ଲାଗି ଏକ ଅଭିଶାପରେ ପରିଣତ ହେବ। ଏହା ଅନନ୍ତ କାଳ ପର୍ଯ୍ୟନ୍ତ ଚାଲିବ ଏକଥା ସେ ଚିନ୍ତା କରିପାରିନଥିଲେ। କିନ୍ତୁ ଭାରତୀୟ ରାଜନୈତିକ ଦଳଗୁଡ଼ିକ କେବଳ ଭୋଟ ବ୍ୟାଙ୍କ ନିମନ୍ତେ ଏହାର ଅବଧିକୁ ବଢ଼ାଇ ଚାଲିଛନ୍ତି। ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, କ୍ୱେଁଣସି ପରିସ୍ଥିତିରେ ମଧ୍ୟ ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହେବ ନାହିଁ। କିନ୍ତୁ ଏବେ ଏହାର ଉଲ୍ଲଘଂନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ୧୯୯୦ରେ ଭି ପି ସିଂହ ସରକାର ମଣ୍ଡଳ କମିଶନ ସୁପାରିସ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ଫଳରେ ଓବିସି ବର୍ଗ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହେଲା। ଏହା ଦ୍ୱାରା ଭାରତରେ ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଆହୁରି ଜଟିଳ ହୋଇଗଲା। ସାମାଜିକ ବ୍ୟବସ୍ଥା ଆହୁରି ଖରାପ ହୋଇଗଲା। ଏବେ ଏହାକୁ ଆହୁରି ସମ୍ପ୍ରସାରିତ କରିବାକୁ ଉଦ୍ୟମ ହେଉଛି। ବିହାର ସରକାର ଏଥିପାଇଁ ଜିତିଭିତ୍ତିକ ଜନଗଣନା କରିଛନ୍ତି। ଏହାକୁ କଂଗ୍ରେସ ମଧ୍ୟ ସମର୍ଥନ କରୁଛି ଏବଂ ସାରା ଦେଶରେ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରୁଛି। ଜାତି ଭିତ୍ତିରେ ଭାରତକୁ ଭାଗ ଭାଗ କରିବାକୁ ଏହା ପଥ ଉନ୍ମୁକ୍ତ କରିଦେବ ସଥିରେ ସନ୍ଦେହ ନାହିଁ। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ବେଳେ ଏକ ଜନସଭାରେ କହିଥିଲେ ଯେ, କଂଗ୍ରେସ କେନ୍ଦ୍ରରେ କ୍ଷମତାକୁ ଆସିଲେ ଜାତିଭିତ୍ତିକ ଜନଗଣନା କରାଇବ। କର୍ଣ୍ଣାଟକରେ କଂଗ୍ରେସ ସରକାର ଏଥିଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାହୁଲ ଯାହା କହିଛନ୍ତି ତାହା ବିସ୍ମୟଜନକ ଏବଂ ସମାଜ ପାଇଁ ବିପଜ୍ଜନକ। ସେ କହିଛନ୍ତି ଯେ, ଦେଶର ମୋଟ ଜନସଂଖ୍ୟାର ୫୦ ପ୍ରତିଶତ ହେଉଛନ୍ତି ଓବିସି ବର୍ଗର। କିନ୍ତୁ କେନ୍ଦ୍ରରେ ବିଭିନ୍ନ ବିଭାଗର ସଚିବ ପଦରେ ଥିବା ଆଇଏଏସଙ୍କ ମଧ୍ୟରୁ ମାତ୍ର ୩% ହେଉଛନ୍ତି ଓବିସି ବର୍ଗର। ତାଙ୍କ କହିବା କଥା ହେଲା ଯେଉଁ ବର୍ଗର ସଂଖ୍ୟା ଯେତିକି, ସେହି ବର୍ଗ ପାଇଁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରୀରେ ସେତିକି ସ୍ଥାନ ସଂରକ୍ଷଣ ରହିବା ଉଚିତ। ଅଳ୍ପବିଦ୍ୟା ଭୟଙ୍କରୀ ଭଳି ରାହୁଲଙ୍କ ଏହି ମନ୍ତବ୍ୟ ଏବଂ ଚିନ୍ତାଧାରା ଭାରତୀୟ ସମାଜ ପାଇଁ ଏକ ଅଭିଶାପରେ ପରିଣତ ହେବ। ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ଅଧ୍ୟାପକ, ବିଚାରପତି, ପ୍ରଶାସନିକ ଅଧିକାରୀ ଚୟନ ବେଳେ କେବଳ ଯୋଗ୍ୟତା ହିଁ ଚୟନର ମାପକାଠି ହେବା ଉଚିତ। ଜାତି ଭିତ୍ତିରେ ଯୋଗ୍ୟତା ନିର୍ଣ୍ଣୟ କଦାପି ଗ୍ରହଣୀୟ ନୁହେଁ।

ଅବଲୁପ୍ତ ଐଶ୍ୱର୍ଯ୍ୟର ଅମୃତ ପରମ୍ପରା: ନୌବାଣିଜ୍ୟ

ଡକ୍ଟର ମନୋରଞ୍ଜନ ବିଷୋୟୀ

ମହାଭାରତୀୟ ପରମ୍ପରାରେ ଓଡ଼ିଆମାନେ ଥିଲେ ଏକ ପ୍ରାଚୀନ ସଭ୍ୟଜାତି। ଏହି ଜାତିର ବୌଦ୍ଧିକ ଓ ବୈଷୟିକ ଐଶ୍ୱର୍ଯ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏକଦା ଏହି ଓଡ଼ିଆଭାଷୀ ରାଜ୍ୟର ଭୌଗୋଳିକ ସୀମା ସାଧାରଣ ଭାବରେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ଦିଗ୍‌ବିଜୟୀ ସମ୍ରାଟମାନଙ୍କ ଶାସନ କାଳରେ ପ୍ରାଚୀନ କଳିଙ୍ଗ, ଉତ୍କଳ କିମ୍ବା କୋଶଳର ସୀମା ସାମୟିକ ପରିବର୍ତ୍ତିତ ହୋଇଥିଲା। ତଥାପି ଏହି ତିନିଗୋଟି ରାଜନୈତିକ ବିଭାଗ ବା ତ୍ରିକଳିଙ୍ଗର ଜନସାଧାରଣ ଯେ ଯଶସ୍ୱୀ ଓଡ଼ିଆ ଜାତିଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ। ଏହି ଜାତି ପାଇଁ ସମୁଦ୍ର ଥିଲା ଏକ ଆହ୍ୱାନ। ସମୁଦ୍ରଯାତ୍ରା ଓ ନୌ-ବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ଭୂମିକା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଅତୀତରେ ଏହି କଳିଙ୍ଗ ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳରେ ବହୁ ବନ୍ଦର ଥିଲା। ଏସବୁ ବନ୍ଦରମାନଙ୍କରୁ ସାଧବ ପୁଅମାନେ ସୁଦୂରରୁ ଅନେକ ଦୂର ଦରିଆପାରି ଦେଶମାନଙ୍କରେ ନୌ-ବାଣିଜ୍ୟ କରି ଏ ଦେଶକୁ ଧନଶାଳୀ କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଶିଳ୍ପ ଭାସ୍କର୍ଯ୍ୟର ପ୍ରଚାର କରିଥିଲେ।

ତେଣୁ ଆଜି ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ନୌକା ଭସାଇ "ଆ କା ମା ବୈ, ପାନ ଗୁଆ ଥୋଇ / ପାନ ଗୁଆ ତୋର, ମାସକ ଧର୍ମ ମୋର" ଉଚ୍ଚାରଣ ପୂର୍ବକ ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥାଏ। ଏହା କେଉଁ କାଳରୁ ଆମ ସାମାଜିକ ଜୀବନର ଚଳଣି ହୋଇ ରହିଆସିଛି, ତାହା ଅବଧାରଣା କରିବା ଅତ୍ୟନ୍ତ କଷ୍ଟକର। ତଥାପି ଏହାକୁ ଅତୀତ ଓଡ଼ିଆ ସାଧବପୁଅର ନୌ-ଯାତ୍ରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବ ନାହିଁ। କୁହାଯାଏ କଳିଙ୍ଗ ବଣିକ କାର୍ତ୍ତିକପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନ କରି କଳିଙ୍ଗଜାତ ପାନର ବିନିମୟରେ ଜାଭା ପ୍ରଭୃତି ଅଞ୍ଚଳରୁ ଯେଉଁ ଗୁଆ ଆମଦାନି କରେ, ସେହି ପାନ ଓ ଗୁଆ ଶୁଦ୍ଧ ମନରେ ଗଙ୍ଗାମାତାଙ୍କୁ ସମର୍ପଣ କରି ଧର୍ମର ଦ୍ୱାହି ଦେଇ ବାଣିଜ୍ୟ ନୌକା ମେଲି ଦେଉଥିଲା ଏବଂ ନୌକାପୃଷ୍ଠରେ ଭାସି ଭାସି ତୀର ଦେଶରୁ କ୍ରମେ ଅନ୍ତର ହେବାବେଳେ ସମବେତ ଆତ୍ମୀୟସ୍ୱଜନଙ୍କୁ ବିଦାୟକାଳୀନ ଇଙ୍ଗିତବାଣୀ ଶୁଣାଉଥିଲା -ଆ କା ମା ବୈ ଅର୍ଥାତ୍ ଆଷାଢ଼ ଠାରୁ କାର୍ତ୍ତିକ ମଧ୍ୟରୁ ଫେରିବି, ଭୟ କରନା। ଏହାର ସ୍ମାରକୀ ସଦୃଶ୍ୟ କାର୍ତ୍ତିକପୂର୍ଣ୍ଣିମା ଦିନ ଓଡ଼ିଶାର ଲୋକାୟତରେ ବୋଇତ ବା ନୌକା ଭସା ଅନୁଷ୍ଠିତ ହୋଇଆସୁଛି। ସମ୍ଭବତଃ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ଆବାଳବୃଦ୍ଧବନିତା ଧର୍ମ ପାଳନ କଲାଭଳି ନଦୀ ଓ ସମୁଦ୍ରଗୁଡ଼ିକୁ ବର୍ତ୍ତିକା ସମନ୍ୱିତ ବୋଇତ ଭସେଇ ଆଲୋକିତ କରିଥାନ୍ତି। କଦଳୀ ପାଟୁଆରେ ବୋଇତ, ପାନ ଗୁଆ, ବତୀ ଓ ଦୁର୍ବାକ୍ଷତ ଏହାର ଉପକରଣ। ବସ୍ତୁତଃ ଏହି ବୋଇତ ଭସା ନିଶ୍ଚିତଭାବେ ବନ୍ଦାପନାର ଏକ ପ୍ରତୀକ। ଘରକୁ ଧନରତ୍ନ ଧରି ଫେରୁଥିବା ସାଧବମାନଙ୍କ ସମ୍ମାନରେ ଏହା ଅନୁଷ୍ଠିତ ହୋଇଆସୁଛି। ଯାହାଫଳରେ ଆଜିବି ସାଗରପାରି ବାଣିଜ୍ୟର ମହତ୍ତ୍ୱକୁ ଓଡ଼ିଶାବାସୀ ଉପଲବ୍ଧି କରି ଆସୁଛନ୍ତି ଏବଂ ବୋଇତ ଭସାଇ ସେ ସ୍ମୃତିକୁ ଆଲୋକିତ କରି ରଖିଛନ୍ତି। ପ୍ରକୃତ ପକ୍ଷେ କହିବାକୁ ଗଲେ କଳିଙ୍ଗ ଅଧିବାସୀ ମାନଙ୍କର ନୌ-ଚାଳନା ଓ ନୌ-ବାଣିଜ୍ୟ ପରମ୍ପରା ଭାରତର ଗୌରବାବହ ଇତିହାସର ଏକ ସମୃଦ୍ଧ ଅଧ୍ୟାୟ। ଭାରତୀୟ ସଂସ୍କୃତିର ପରିପ୍ରସାର ସଙ୍ଗେ ସଙ୍ଗେ ଭାରତ ଓ ଦକ୍ଷିଣ ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟିକ ସୁସମ୍ପର୍କ ବୃଦ୍ଧି କରିବା ଥିଲା କଳିଙ୍ଗ ନାବିକ ଓ ସାଧବମାନଙ୍କର ବିଶିଷ୍ଟ ଅବଦାନ।

ବସ୍ତୁତଃ କହିବାକୁ ଗଲେ ଓଡ଼ିଶାରେ ନୌ-ବାଣିଜ୍ୟର ପ୍ରସାର ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଶୈଳୋଦ୍ଭବ ରାଜତ୍ୱ ପର୍ଯ୍ୟନ୍ତ ବିଶେଷ ଭାବରେ ରହିଆସିଥିଲା। ଏପରିକି ଭୌମକର ବଂଶର ରାଜାମାନେ ମଧ୍ୟ ଏଥିରେ ପୃଷ୍ଠପୋଷକତା କରିଥିଲେ। ଏହା ସହ ସୋମବଂଶୀ ରାଜାମାନେ ଏ ଦିଗରେ ବିଶେଷ ଯତ୍ନବାନ ହୋଇନଥିଲେ ହେଁ ଏହି ପରମ୍ପରା ଅକ୍ଷୁଣ୍ଣ ରହିଥିଲା। ପରନ୍ତୁ ଗଙ୍ଗରାଜାମାନେ ଭୂଭାଗରେ ନିଜ ସାମ୍ରାଜ୍ୟର ସୀମାବିସ୍ତାର କରିବାକୁ ଯତ୍ନବାନ ହୋଇଥିବାରୁ ଓଡ଼ିଶାର ନୌ-ବାଣିଜ୍ୟ ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ତେଣୁ ଆମର ନୌ-ବାଣିଜ୍ୟ ଚୋଳ ରାଜାମାନଙ୍କର ଅଧିକାରକୁ ଆସି ଯାଇଥିଲା। କିନ୍ତୁ ଏ ପରିପ୍ରେକ୍ଷୀରେ କହିରଖେ, ଖ୍ରୀଷ୍ଟପୂର୍ବ ୨୬୧ରେ ଇତିହାସ ପ୍ରସିଦ୍ଧ ମଗଧ ସମ୍ରାଟ ଅଶୋକଙ୍କର କଳିଙ୍ଗଯୁଦ୍ଧ ହୋଇଥିଲା। ତଥାପି ଏହି ଘଟଣାର ବହୁପୂର୍ବରୁ ବହିର୍ବାଣିଜ୍ୟ ତଥା ଅନ୍ତର୍ବାଣିଜ୍ୟରେ କଳିଙ୍ଗବାସୀ ଭାରତବର୍ଷରେ ବେଶ୍ ପ୍ରତିଷ୍ଠିତ ହୋଇ ସାରିଥିଲେ। କଳିଙ୍ଗର ସୁଦୀର୍ଘ ସମୁଦ୍ର ଉପକୂଳ ଓ ସୁଗଭୀର ନଦୀଗୁଡ଼ିକ ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇଥିବା ବୋଲି ସ୍ୱୀକାର୍ଯ୍ୟ। ତେଣୁ ବୋଧହୁଏ ନୌ-ବାଣିଜ୍ୟର ସୁବିଧା ହାସଲ ପାଇଁ ମଗଧସମ୍ରାଟ କଳିଙ୍ଗ ଆକ୍ରମଣ କରିଥାଇପାରନ୍ତି। ଏପରିକି ଅଶୋକଙ୍କ ବହୁପୂର୍ବରୁ କଳିଙ୍ଗର ଅଧିବାସୀ ବ୍ରହ୍ମଦେଶର ପେରୁ ଅଞ୍ଚଳରେ ଉପନିବେଶ ସ୍ଥାପନ କରିସାରିଥିଲେ। ଏହା ସହ ଚୀନ ପରିବ୍ରାଜକ ମେଘାସ୍ଥିନିସ୍ କହନ୍ତି- ଚୀନ ଦେଶ ସହିତ ବହୁ ପ୍ରାଚୀନ କାଳରୁ କଳିଙ୍ଗର ବାଣିଜ୍ୟ ବ୍ୟବସାୟ ଚାଲି ଆସିଥିଲା। ଚୀନ ଲୋକମାନେ ବାଣିଜ୍ୟ କରୁଥିବା ଭାରତୀୟମାନଙ୍କୁ କୁନ୍-ଲୋକ ବୋଲି କହୁଥିଲେ। ଯାହା କଳିଙ୍ଗ ଶବ୍ଦର ନାମାନ୍ତର ମାତ୍ର। ସେ କହିବା ପ୍ରକାରେ ସିଂହଳ ଓ କଳିଙ୍ଗ ମଧ୍ୟରେ ହାତୀର ବାଣିଜ୍ୟ ପ୍ରଚଳନ ଥିଲା। ଗ୍ରୀକ୍ ଐତିହାସିକମାନଙ୍କ ମତରେ - ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତର ପୂର୍ବଉପକୂଳରେ ବହୁ ଉନ୍ନତ ଧରଣର ବନ୍ଦର ବିକାଶ ଲାଭ କରିଥିଲା। ସେଗୁଡ଼ିକ ହେଲା- କାଲିଚି (କୋରକେଇ), କାମରା (କାବେରୀ ପର୍ତ୍ତନମ୍), ପୋଡୁରୁ (ପଣ୍ଡିଚେରୀ), ସପତମା (ମସୁଲିପଟ୍ଟମ୍), କଣ୍ଟକ ଶିଲାଇ (ଘଣ୍ଟଶିଳା), ପିଟୁଣ୍ଡ(ପିଥୁଣ୍ଡ), ପଲୌର (ପାଲୁର-ଦନ୍ତପୁର), ଗଙ୍ଗେ (ଗୋପାଳପୁର) ଓ ତାମଲିପି (ତାମ୍ରଲିପି)। ପ୍ରଥମ ତିନୋଟିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବନ୍ଦର କଳିଙ୍ଗ ଉପକୂଳରେ ଅବସ୍ଥିତ ଥିଲା ଓ ସେଗୁଡ଼ିକ ମଧ୍ୟରେ ପାଲୁର ଥିଲା ସର୍ବବୃହତ୍। ଏପରିକି ଭୌଗୋଳିକ ଟୋଲେମୀ ପାଲୁର ବନ୍ଦରକୁ ସେକାଳର ସମୁଦ୍ରଗାମୀ ନୌକାଗୁଡ଼ିକର ଏକ ବିଶିଷ୍ଟ କେନ୍ଦ୍ର ରୂପେ ବର୍ଣ୍ଣନା କରିଛନ୍ତି। ଏହି ବିବରଣୀରୁ ସ୍ପଷ୍ଟ ଅନୁମେୟ ଯେ, ସେ କାଳରେ ପାଲୁର ଠାରୁ ସମୁଦ୍ର ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉଥିଲା ଓ ସମୁଦ୍ର ମଧ୍ୟ ଦେଇ ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା), କମ୍ବୋଜ, ଚମ୍ପା (ଆଧୁନିକ ଭିଏତ୍‌ନାମର ଅଞ୍ଚଳ) ଦେଶମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରିବାରେ କଳିଙ୍ଗର ନାବିକ ଓ ବଣିକମାନେ କୃତିତ୍ୱ ଅର୍ଜନ କରିଥିଲେ। ଯାହା ଫଳରେ କଳିଙ୍ଗର ଅର୍ଥନୈତିକ ବିକାଶ ସଙ୍ଗେ ସଙ୍ଗେ ଧର୍ମ ଓ ସଂସ୍କୃତିର ପ୍ରସାର ମଧ୍ୟ ହୋଇପାରିଥିଲା।

ଏପରିକି ବୌଦ୍ଧଧର୍ମର ଅଭ୍ୟୁଦୟ କାଳରେ ତାମ୍ରଲିପ୍ତି, ଚେଲିତାଲୋ ପ୍ରଭୃତି ପ୍ରସିଦ୍ଧ ବନ୍ଦର ଥିବାର ଜଣାଯାଏ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କଳିଙ୍ଗ ରାଜ ଗୁହଶିବଙ୍କ ଦୁହିତା ହେମମାଳା ଓ ଜାମାତା ଦନ୍ତକୁମାର କଳିଙ୍ଗରେ ପୂଜିତ ବୁଦ୍ଧଦେବଙ୍କ ଦନ୍ତକୁ ନେଇ ସିଂହଳରେ ପହଞ୍ଚିଥିଲେ। ଚୀନ ଦେଶ ସହ କଳିଙ୍ଗର ନୌ-ସମ୍ପର୍କ ଅତିଶୟ ପ୍ରାଚୀନ। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଚୀନ ପରିବ୍ରାଜକ ଫାହିୟାନ କଳିଙ୍ଗର ତାମ୍ରଲିପ୍ତି ବନ୍ଦରରୁ ସିଂହଳ ଯାଇ ସେଠାରୁ କଳିଙ୍ଗ ଜାହାଜରେ ଜାଭା ବାଟ ଦେଇ ସ୍ୱଦେଶକୁ ଫେରିଥିଲେ। ସେହିପରି ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଓଡ଼ିଶା ଭ୍ରମଣରେ ଆସିଥିବା ସମୟରେ ପ୍ରତ୍ୟକ୍ଷଦର୍ଶୀ ଭାବରେ ଚେଲିତାଲୋ ବିଷୟ ବର୍ଣ୍ଣନା କରିଅଛନ୍ତି। ଏହା ସହ ନବମ ଓ ଦଶମ ଶତାବ୍ଦୀ ବେଳକୁ ବଙ୍ଗୋପସାଗରରେ ଆରବ ନାବିକ ଓ ବଣିକମାନଙ୍କର ଆବିର୍ଭାବ ହେଲା। ସେମାନେ ଓଡ଼ିଶାକୁ ଉରସିନ ବା ରସଫିନ୍ ନାମରେ ଉଲ୍ଲେଖ କରିବା ସହିତ ସମୁଦ୍ର ସଙ୍ଗେ ସମ୍ପୃକ୍ତ କରିଅଛନ୍ତି।

ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ। ଏହା ସହ ଏଠାରେ ଅବସ୍ଥିତ ବହୁତ ଗୁଡ଼ିଏ ବନ୍ଦର ଆନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ସମୁଦ୍ର ପଥରେ ଦୂରଦେଶକୁ ଯାଇ ବଣିକମାନେ ବହୁତ ଧନ ସମ୍ପତ୍ତିରେ ଏ ଦେଶକୁ ଧନୀ ଓ ସମୃଦ୍ଧିଶାଳୀ କରିଥିଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ବନ୍ଦର ମାନଙ୍କରୁ ମାଲକ୍କାକୁ ବସ୍ତ୍ରାଦି ଦ୍ରବ୍ୟମାନ ରପ୍ତାନୀ ହେଉଥିଲା। ଷୋଡ଼ଶ ଶତାବ୍ଦୀ ବେଳକୁ ବାଣିଜ୍ୟ କାରବାର ମଧ୍ୟ ପ୍ରାଚ୍ୟ ଦେଶର ଲୋହିତସାଗର ଉପକୂଳସ୍ଥ ଆଡେନ ଓ ଜେଡ଼ାବନ୍ଦର ବ୍ୟତୀତ ବନ୍ତାମ୍, ପେଗୁ, ଟେନାସରିମ ଓ ଆଚିନ ଆଦି ବନ୍ଦର ସହିତ ସମ୍ପର୍କ ସ୍ଥାପନ କରିପାରିଥିଲା। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଉରୋପୀୟ ବଣିକମାନେ ଓଡ଼ିଶା ଉପକୂଳ ସହିତ ପରିଚିତ ହେଲେ ଏବଂ ପରେ ପରେ ବାଣିଜ୍ୟ କାରବାରରେ ଲିପ୍ତ ରହିଲେ। ପର୍ତ୍ତୁଗୀଜ, ଓଲନ୍ଦାଜ, ଦିନାମାର ଓ ଫରାସୀ ବଣିକ କମ୍ପାନୀଙ୍କର ବାଣିଜ୍ୟିକ ସଂସ୍ଥାମାନ ଓଡ଼ିଶା ଉପକୂଳରେ ଗଢ଼ି ଉଠିଥିଲା। କିନ୍ତୁ ସପ୍ତଦଶ ଶତାବ୍ଦୀରେ ଭାରତୀୟ ବଣିକମାନେ ଇଂରେଜ କମ୍ପାନୀର ସୁରକ୍ଷା ବଳୟ ମଧ୍ୟରେ ରହିଥିଲେ।

ମୋଟ ଉପରେ କହିବାକୁ ଗଲେ ବାଣିଜ୍ୟ ସୂତ୍ରରେ କଳିଙ୍ଗ ଭୂମି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ସହିତ ବହୁକାଳ ପର୍ଯ୍ୟନ୍ତ ନିବିଡ଼ ଭାବରେ ସମ୍ପୃକ୍ତ ରହିଥିଲା। କିନ୍ତୁ ଏହି ନୌବାଣିଜ୍ୟର ଐତିହ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରକାରେ ତିଷ୍ଠି ରହିଥିଲା। ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ବହୁବନ୍ଦର ଲୁପ୍ତପ୍ରାୟ ହୋଇଯାଇଥିଲା। ଯେଉଁ କେତେକ ନାମକୁ ମାତ୍ର ଥିଲା, ସେଗୁଡ଼ିକ ଇଂରେଜ ସରକାରଙ୍କର ସମ୍ପୂର୍ଣ୍ଣ ଅକ୍ତିଆରରେ ରହି କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିଲା। ଫଳତଃ ପ୍ରାଚୀନ ପ୍ରଧାନ ବନ୍ଦର ଗୁଡ଼ିକ ବିସ୍ମୃତି ଗର୍ଭରେ ଲୀନ ହୋଇଗଲା।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କାରବାର ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ ଏବଂ ଏଠାରେ ଅବସ୍ଥିତ ବହୁତ ବନ୍ଦର ଆନ୍ତର୍ବାଣିଜ୍ୟ ତଥା ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ଏସବୁ ସତ୍ତ୍ୱେ ନୌ-ବାଣିଜ୍ୟର ସେ ପୁରାତନ ପରମ୍ପରା ଆଉ ନାହିଁ। ତଥାପି ଓଡ଼ିଶାର ଜନସାଧାରଣ 'ଆ-କା-ମା-ବୈ' ଉଚ୍ଚାରଣ ସହ କାର୍ତ୍ତିକପୂର୍ଣ୍ଣିମା ଉତ୍ସବଟିକୁ ସେହି ପରମ୍ପରାର ଏକ ଚିରନ୍ତନ ସ୍ମୃତି ରୂପେ ଅଦ୍ୟାପି ବହନ କରି ଆସୁଛନ୍ତି।

ଦାମୋଦରପୁର, ଗଂଜାମ

ମୋବାଇଲ: ୮୮୯୫୧୪୧୭୨୭

ଭାରତ ଉପରେ କଣ ରହିବ ଟ୍ରମ୍ପଙ୍କ ବିଜୟର ପ୍ରଭାବ ?

ଡ. ସମନ୍ୱୟ ନନ୍ଦ

ଆମେରିକାର ସାଧାରଣ ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ବିଜୟୀ ହୋଇଛନ୍ତି। କମଳା ହାରିସ ପରାଜିତ ହୋଇଯାଇଛନ୍ତି। ଟ୍ରମ୍ପଙ୍କ କମଳା ହାରିସଙ୍କ ଉପରେ ବିଜୟ ଗୋଟିଏ ପ୍ରକାରର ଐତିହାସିକ। ଗତ ନିର୍ବାଚନରେ ପରେ ଆମେରିକାର ସମ୍ପୂର୍ଣ୍ଣ ଲେଫ୍ଟ - ଲିବରାଲ ଇକୋ ସିଷ୍ଟମ ତାଙ୍କୁ ଖଳନାୟକ ଭାବେ ପ୍ରସ୍ତୁତ କରିବା ସହ ତାଙ୍କୁ ଭିକ୍ଟିମାଇଜ କରିଥିଲା। ଏହାକୁ ସାରା ବିଶ୍ୱ ଦେଖିଥିଲା। ଗତ ନିର୍ବାଚନ ପରେ ଟ୍ରମ୍ପଙ୍କୁ ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ବାହାର କରି ଦିଆଯାଇଥିଲା। ଟ୍ରମ୍ପଙ୍କ ସମସ୍ତ ବିଜନେସକୁ ସବୁ ବ୍ୟାଙ୍କିଂ ପ୍ଲାଟଫର୍ମରୁ ବ୍ୟାନ କରି ଦିଆଯାଇଥିଲା। ନ୍ୟାୟପାଳିକାକୁ ତାଙ୍କ ବିରୁଦ୍ଧରେ ଲଗାଇ ଦିଆଯାଇଥିଲା। ଅନେକ ପ୍ରକାରର ଆପରାଧିକ ମାମଲା ତାଙ୍କ ବିରୁଦ୍ଧରେ ରୁଜୁ କରି ତାଙ୍କୁ ଶେଷ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଫିନିକ୍ସର କାହାଣୀ ଭଳି ଟ୍ରମ୍ପ ମଧ୍ୟ ପାଉଁଶରୁ ଉଠିଲେ ଓ ନିର୍ବାଚନରେ ବିଜୟ ଲାଭ କଲେ। ବୈଶ୍ୱିକ ଇକୋ ସିଷ୍ଟମ ଯେତେ ଶକ୍ତିଶାଳୀ ହେଉ ନା କାହିଁକି ଅପରାଜେୟ ନୁହେଁ ବୋଲି ଏହା ଦ୍ୱାରା ଟ୍ରମ୍ପ ପ୍ରମାଣିତ କରିଛନ୍ତି।

ଟ୍ରମ୍ପଙ୍କ ବିଜୟ ଓ ଆମେରିକାର ରାଷ୍ଟ୍ରପତି ଭାବେ ତାଙ୍କର ନୀତିର ଭାରତ ଉପରେ କଣ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ସେ ସମ୍ପର୍କରେ ବିଚାର କରିବା। ଭାରତ ଉପରେ ଟ୍ରମ୍ପଙ୍କ ନୀତିର ପ୍ରଭାବକୁ ମୋଟ ଉପରେ ତିନୋଟି ପ୍ରକାରରେ ବିଭାଜିତ କରାଯାଇ ପାରେ। ଗୋଟିଏ ହେଲା ଭାରତର ଅର୍ଥନୀତି ଉପରେ କଣ ପ୍ରଭାବ ପଡ଼ିବ। ଦ୍ୱିତୀୟଟି ହେଲା ଭାରତ ଉପରେ ହେଉଥିବା ସଭ୍ୟତା ଓ ସାଂସ୍କୃତିକ ଆକ୍ରମଣ ପ୍ରସଙ୍ଗରେ କଣ ପ୍ରଭାବ ପଡ଼ିବ ଓ ତୃତୀୟଟି ହେଲା ଭାରତର ରଣନୈତିକ ଓ ସୁରକ୍ଷା ଦୃଷ୍ଟିକୋଣରୁ କଣ ପ୍ରଭାବ ପଡ଼ିବ। ଗୋଟିଏ - ଗୋଟିଏ ଭାବେ ଏହା ଉପରେ ଆଲୋଚନା କରିବା।

ଭାରତର ଅର୍ଥନୀତି ଉପରେ ଟ୍ରମ୍ପଙ୍କ ନୀତିର ପ୍ରଭାବ ସମ୍ପର୍କରେ ଅନେକ ବିଶେଷଜ୍ଞ ମତ ଦେଉଛନ୍ତି ଯେ ଏହାର ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ। ବିଶେଷଜ୍ଞ ମାନଙ୍କର ଏହି ମତ ସମ୍ପୂର୍ଣ୍ଣ ଭାବରେ ଠିକ। କାରଣ ଟ୍ରମ୍ପ ନିଜ ନିର୍ବାଚନୀ ପ୍ରଚାର ବେଳେ ଆମେରିକାକୁ ଶ୍ରେଷ୍ଠ ଆମେରିକା କରିବାର ସ୍ଲୋଗାନ ଦେଇ ନିର୍ବାଚନ ବିଜୟୀ ହୋଇଛନ୍ତି। ତେଣୁ ସେ ବାଣିଜ୍ୟ କ୍ଷେତ୍ରରେ ନିଜ ଦେଶର କ୍ଷତି କରି ଭାରତ ଓ ଅନ୍ୟ ଦେଶ ମାନଙ୍କୁ କୌଣସି ପ୍ରକାର ରିହାତି ଦେବେ ବା ଆମେରିକୀୟ ନାଗରିକ କିମ୍ବା ଆମେରିକୀୟ ଶିଳ୍ପକୁ କ୍ଷତି ହେବା ଭଳି କୌଣସି କାର୍ଯ୍ୟ ଆଦୌ କରିବେ ନାହିଁ। ସେ ନିଶ୍ଚିତ ଭାବେ ଭାରତ ଭଳି ଦେଶ ସହ ବାଣିଜ୍ୟ କ୍ଷେତ୍ରରେ ହାର୍ଡ ବାର୍ଗେନ କରିବେ। ଯେ କୌଣସି ଦେଶର ନେତା ତା ଦେଶର ସ୍ୱାର୍ଥ ପାଇଁ କାମ କଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହା ବାଦ ଟ୍ରମ୍ପ ଆମେରିକୀୟ ଲୋକ ମାନଙ୍କୁ କାମ କିପରି ମିଳିବ ସେ ନେଇ ମଧ୍ୟ କାମ କରିବେ। ଏହାର କ୍ଷତି ମଧ୍ୟ ଭାରତୀୟ ମାନଙ୍କ ଉପରେ ହେବାର ଆଶଙ୍କା ରହିଛି। ଆର୍ôଥିକ କ୍ଷେତ୍ରରେ ଟ୍ରମ୍ପଙ୍କ ସହ ଭାରତକୁ କଥାବାର୍ତ୍ତା କଲା ବେଳେ ଏହି ସବୁ ବିଷୟକୁ ଆଖି ଆଗରେ ରଖି ଭାରତକୁ ନିଜ ଦେଶର ସ୍ୱାର୍ଥ ଦୃଷ୍ଟିରୁ ପଦକ୍ଷେପ ନେବାକୁ ପଡ଼ିବ।

ଏବେ ଦ୍ୱିତୀୟ ପ୍ରସଙ୍ଗକୁ ଆସିବା। ଭାରତ ଉପରେ ହେଉଥିବା ସଭ୍ୟତାଗତ ଓ ସଂସ୍କୃତିଗତ ଆକ୍ରମଣ ଉପରେ ଏହାର କଣ ପ୍ରଭାବ ପଡ଼ିବ। ଭାରତ ଓ ହିନ୍ଦୁ ସଭ୍ୟତା ଉପରେ କଟ୍ଟରପନ୍ଥୀ ଇସଲାମିକ ବିଚାରଧାରାର ଜୋରଦାର ଆକ୍ରମଣ ଚାଲିଛି। ପଡୋଶୀ ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚାଲିଛି। ଡୋନାଲ୍ଡ ଟ୍ରମ୍ପ ଆମେରିକୀୟ ନିର୍ବାଚନର କିଛି ଦିନ ପୂର୍ବରୁ ନିଜର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅମାନବୀୟ ନିର୍ଯ୍ୟାତନାର କଥା ଉଲ୍ଲେଖ କରିଥିଲେ। ବର୍ତ୍ତମାନ ଯାଏ ଅନ୍ୟ କେହି ବୈଶ୍ୱିକ ନେତା ଖୋଲାଖୋଲି ଭାବେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର

ସମ୍ପର୍କରେ ଉଲ୍ଲେଖ କରିଥିବାର ଉଦାହରଣ ନାହିଁ। ଏପରିକି ଭାରତୀୟ ବଂଶୋଦ୍ଭବ ବୋଲି କୁହାଯାଉଥିବା କମଳା ହାରିସ ମଧ୍ୟ କେବେ ହେଲେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ପଦଟିଏ କହି ନାହାନ୍ତି। ଟ୍ରମ୍ପଙ୍କର ଏପରି ଅନେକ ଭାଷଣ ଅଛି ଯେଉଁଥିରେ ସେ ନିଜକୁ ହିନ୍ଦୁ ମାନଙ୍କର ବନ୍ଧୁ ବୋଲି କହିଛନ୍ତି। ସବୁଠାରୁ ବଡ କଥା ହେଲା ଆତଙ୍କବାଦର କୌଣସି ରିଲିଜିୟନ ନାହିଁ ବୋଲି ସାରା ବିଶ୍ୱର ନେତା ମାନେ କହୁଥିବା ବେଳେ ବୋଧ ହୁଏ ଟ୍ରମ୍ପ ହିଁ ବିଶ୍ୱର ଏକମାତ୍ର ନେତା ଯିଏ ରେଡିକାଲ ଇସଲାମ ବିରୁଦ୍ଧରେ ସାର୍ବଜନୀନ ଭାବେ କହି ସାରିଛନ୍ତି। ଭାରତ ବର୍ତ୍ତମାନ ରେଡିକାଲ ଇସଲାମିଷ୍ଟ ଶକ୍ତି ମାନଙ୍କର ଟାର୍ଗେଟରେ ରହିଛି। ଏହି ରେଡିକାଲ ଇସଲାମିଷ୍ଟ ଶକ୍ତି ମାନଙ୍କ ପଛରେ ବାମପନ୍ଥୀ ଇକୋ ସିଷ୍ଟମ ରହିଛି। ଏହି ଶକ୍ତି ମାନେ ଟ୍ରମ୍ପଙ୍କ ବିରୁଦ୍ଧରେ ମଧ୍ୟ ଲାଗିଥିଲେ। ତେଣୁ ଏହି କ୍ଷେତ୍ରରେ ଉଭୟଙ୍କ ଶତ୍ରୁ ସମାନ। ତେଣୁ ଏ ପ୍ରସଙ୍ଗରେ ଟ୍ରମ୍ପଙ୍କ ନୀତି ଭାରତ ପାଇଁ ନିଶ୍ଚିତ ଭାବେ ସହାୟକ ହେବ। ତେବେ ଏଠାରେ ଆଉ ଏକ କଥା ଉଲ୍ଲେଖ କରାଯିବା ଜରୁରୀ। ପୂରା ବିଶ୍ୱକୁ କନଭର୍ଟ କରି ସମସ୍ତଙ୍କ ଗଳାରେ କ୍ରସ ଝୁଲାଇବାର ପ୍ରୟାସରେ ଲାଗିଥିବା ଚର୍ଚ୍ଚର ଚାପ ନିଶ୍ଚିତ ଭାବେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ରହିବ। ତେଣୁ ଏ ବାବଦରେ ଭାରତକୁ ଅତ୍ୟଧିକ ସତର୍କ ହେବାର ଆବଶ୍ୟକତା ରହିଛି।

ଏବେ ତୃତୀୟ ଓ ଭାରତର ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହା ହେଉଛି ଭାରତର ନିରାପତା, ସୁରକ୍ଷା ଓ ରଣନୈତିକ ଦୃଷ୍ଟିକୋଣରୁ ଟ୍ରମ୍ପଙ୍କ ନୀତିର କଣ ପ୍ରଭାବ ହେବାର ସମ୍ଭାବନା ରହିଛି। ଟ୍ରମ୍ପଙ୍କ ନୀତିର କଣ ଜିଓ ପଲିଟିକାଲ ପ୍ରଭାବ ହେବ। ବୋଧ ହୁଏ ଏହି କ୍ଷେତ୍ରରେ ଭାରତକୁ ସର୍ବାଧିକ ଲାଭ ହେବାର ସମ୍ଭାବନା ରହିଛି। ଗତ କିଛି ଦିନ ଧରି ପାଶ୍ଚାତ୍ୟ ଦେଶ ମାନେ ବିଶେଷ କରି ଆମେରିକା ତାର କାନାଡା ପରି ସହଯୋଗୀ ଦେଶ ମାନଙ୍କ ଜରିଆରେ ଭାରତ ଉପରେ ଆକ୍ରମଣ କରି ଚାଲିଛି। କାନାଡାର ରାଷ୍ଟ୍ରାଧ୍ୟକ୍ଷ ଜଷ୍ଟିନ ଟ୍ରୁଡୋ ଓ ତାଙ୍କ ସରକାର ଭାରତ ବିରୋଧୀ ଶକ୍ତି ମାନଙ୍କ ହାତର ଖେଳନା ସାଜି ସବୁ କୂଟନୈତିକ ସୌଜନ୍ୟତାର ସୀମାକୁ ଉଲ୍ଲଂଘନ କରି ସାରିଛନ୍ତି। ଆତଙ୍କବାଦୀ ପନ୍ନୁ ଆମେରିକା ଓ କାନାଡାରେ ବସି ପ୍ରତିଦିନ ଭାରତ ବିରୁଦ୍ଧରେ ଭିଡିଓ ଜାରୀ କରୁଛି। ଟ୍ରମ୍ପଙ୍କ ଏହି ବିଜୟ ପରେ ଏହା ଉପରେ ନିଶ୍ଚିତ ଭାବେ ରୋକ ଲାଗିବ। ଆତଙ୍କବାଦୀ ପନ୍ନୁ ଏବେ ଗାତରେ ଯେପରି ସାପ ଲୁଚେ ସେପରି ଲୁଚିବା ଆରମ୍ଭ କରିବ।

ଅନ୍ୟ ପଟେ ଚୀନ ଟ୍ରମ୍ପଙ୍କ ଟାର୍ଗେଟରେ ରହିବ। ଟ୍ରମ୍ପ ଖୋଲାଖୋଲି ଭାବେ କହି ସାରିଛନ୍ତି ଯେ ଚୀନକୁ ଯାଇଥିବା ବ୍ୟବସାୟକୁ ସେ ପୁଣି ଥରେ ଆମେରିକାକୁ ଆଣିବେ। ଏହି କ୍ଷେତ୍ରରେ ଟ୍ରମ୍ପଙ୍କୁ ଭାରତର ସହଯୋଗର ଆବଶ୍ୟକତା ପଡ଼ିବ। ବିସ୍ତାରବାଦୀ ଚୀନର ପ୍ରଭାବକୁ ବୈଶ୍ୱିକ ସ୍ତରରେ କମ କରିବାକୁ ଯଦି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା କେହି ନେଇ ପାରିବ ତେବେ ସେ ହେଉଛି ଭାରତ। ତେଣୁ ରଣନୈତିକ ଦୃଷ୍ଟିରୁ ଟ୍ରମ୍ପଙ୍କ ନୀତି ଭାରତ ପାଇଁ ଲାଭଦାୟକ ହେବାର ସମ୍ଭାବନା ରହିଛି।

ଲେଫ୍ଟ ଲିବରାଲ ଇକୋ ସିଷ୍ଟମ, ଆମେରିକାର ଡିପ ଷ୍ଟେଟ ତଥା ବୈଶ୍ୱିକ ଇସଲାମୀ ଶକ୍ତି ମାନେ ଏକଜୁଟ ହୋଇ ମଧ୍ୟ ଟ୍ରମ୍ପଙ୍କୁ ପରାଜିତ କରି ପାରି ନାହାନ୍ତି। ତେଣୁ ବର୍ତ୍ତମାନ କିଛି ସମୟ ବା କିଛି ବର୍ଷ ପାଇଁ ବାମପନ୍ଥ ସାରା ବିଶ୍ୱକୁ ପ୍ରଭାବିତ କରୁ କରୁ ରହି ଯାଇଛି। ଗୋଟିଏ କଥା ମନେ ରଖିବାକୁ ପଡ଼ିବ ଯେ ବାମପନ୍ଥ କେବେ ହେଲେ ବିଶ୍ରାମ କରି ନ ଥାଏ।ଏହି ଯୁଦ୍ଧ ସତତ ଜାରୀ ରହିବ। ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ସମାପ୍ତ ନ କରିବା ଯାଏ ବାମପନ୍ଥର ଯୁଦ୍ଧ ସର୍ବଦା ଜାରୀ ରହିବ।

ତେବେ ଏଠାରେ ପ୍ରଶ୍ନ ଉଠେ ଯେ କମଳା ହାରିସ ଏହି ନିର୍ବାଚନରେ ବିଜୟୀ ହୋଇଥିଲେ କଣ ଭାରତକୁ ଅଧିକ କିଛି ଲାଭ ହୋଇଥାନ୍ତା। ଏହାର ଉତର ହେଲା ଆଦୌ ନୁହେଁ। କାରଣ ଯଦିଓ ଭୋଟ ହାସଲ କରିବା ପାଇଁ ନିଜକୁ ଭାରତୀୟ ବଂଶୋଦ୍ଭବ ବୋଲି କହିବାକୁ ଚେଷ୍ଟା କରିଛନ୍ତି ହେଲେ ଜଣେ ଭାରତୀୟ ଓ ହିନ୍ଦୁ ବଂଶୋଦ୍ଭବ ଭାବେ କମଳା ହାରିସ କେବେ ହେଲେ ଗର୍ବ ଅନୁଭବ କରି ନାହାନ୍ତି। ସେ ଉପରାଷ୍ଟ୍ରପତି ଥିବା ବେଳେ ସର୍ବଦା ଭାରତ ବିରୋଧୀ ଇସଲାମିଷ୍ଟ ଶକ୍ତି ମାନଙ୍କୁ ପ୍ରୋତ୍ସାହନ ଦେଇ ଆସିଥିଲେ। ତେଣୁ ସେ ଯଦି ନିର୍ବାଚନ ଜିତି ଥାନ୍ତେ ତେବେ ଭାରତ ପାଇଁ କମଳା ହାରିସଙ୍କ ସ୍ଥିତି କାନାଡାର ଟ୍ରୁଡୋଙ୍କ ପରି ହୋଇଥାନ୍ତା।

ଉଦ୍ଧବଙ୍କୁ ମୋଦିଙ୍କ ପରାମର୍ଶ

ବାଲାସାହେବଙ୍କ ଆଦର୍ଶକୁ ବଳି ପକାଅନି

ମୁମ୍ବାଇ,୧୪।୧୧: ଶିବସେନାର ପ୍ରତିଷ୍ଠାତା ବାଲାସାହେବ ଠାକରେଙ୍କ ନୀତି ଓ ଆଦର୍ଶକୁ କୌଣସି ପରିସ୍ଥିତିରେ ମଧ୍ୟ ବଳି ପକାଅନି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ଧବ ଠାକରେଙ୍କୁ ପରାମର୍ଶ ଦେଇଛନ୍ତି। କ୍ଷମତା ପାଇଁ ନୀତି ଓ ଆଦର୍ଶକୁ ବଳି ପକାଇବା ବାଲାସାହେବଙ୍କ ନୀତି ନଥିଲା। ମହାରାଷ୍ଟ୍ରର ସ୍ୱାଭିମାନ ପାଇଁ ସର୍ବଦା ଲଢ଼େଇ କରୁଥିବା ବାଲ ଠାକରେଙ୍କ ଦାୟାଦ ହୋଇ ଉଦ୍ଧବ ତତ୍କାଳ ଲାଭ ପାଇଁ କଂଗ୍ରେସ ସହ ହାତ ମିଳାଇବା ଦୁର୍ଭାଗ୍ୟଜନକ ବୋଲି ମୋଦି କହିଛନ୍ତି।



ଗୁରୁବାର ମହାରାଷ୍ଟ୍ରରେ ଆୟୋଜିତ ନିର୍ବାଚନୀ ସଭାରେ ଉଦବୋଧନ ଦେଇ ମୋଦି କହିଛନ୍ତି ଯେ, ବିଜେପି ଓ ବାଲାସାହେବଙ୍କ ନୀତି ଏବଂ ଆଦର୍ଶ ସର୍ବଦା ସମାନ ଥିଲା। ତେଣୁ ମହାରାଷ୍ଟ୍ରରେ ଦୁଇଦଳ ଏକାଠି ହୋଇଥିଲେ। ଏହା ଏକ ଶକ୍ତିଶାଳି ରାଜନେତିକ କେନ୍ଦ୍ର ଥିଲା। କଂଗ୍ରେସ ଏହାର ମୁକାବିଲା ନିମନ୍ତେ ସକ୍ଷମ ନଥିଲା। କିନ୍ତୁ ଉଦ୍ଧବ କ୍ଷମତା ପାଇଁ ଏନଡିଏ ପରିତ୍ୟାଗ କରି କଂଗ୍ରେସ ସହ ହାତ ମିଳାଇଲେ। ଏନଡିଏରେ ଥାଇ ମଧ୍ୟ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାରେ କିଛି ଅସୁବିଧା ନଥିଲା। ୨୦୧୯ ନିର୍ବାଚନରେ ମହାରାଷ୍ଟ୍ରର ଜନତା ବିଜେପି-ଶିବସେନା ମେଣ୍ଟ ସପକ୍ଷରେ ଜନାଦେଶ ଦେଇଥିଲେ। କିନ୍ତୁ ଶିବସେନା ଜନାଦେଶକୁ ଅପହରଣ କରିଥିଲା। ଏବେ ପୁନର୍ବାର ମହାରାଷ୍ଟ୍ରବାସୀଙ୍କୁ ସୁଯୋଗ ମିଳିଛି ଏଭଳି ଧୋକାବାଜଙ୍କୁ ଉଚିତ ଶିକ୍ଷା ଦେବାର। ଏଥର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱରେ ଏନଡିଏ (ମହାୟୁତି) ବିପୁଳ ବିଜୟ ହାସଲ କରିବ ବୋଲି ସେ କହିଛନ୍ତି। କଂଗ୍ରେସକୁ ସମାଲୋଚନା କରି ସେ କହିଛନ୍ତି ଯେ, ଏଥର ମଧ୍ୟ ରାହୁଲଙ୍କ ବିମାନ କ୍ରାସ ହେବ। କଂଗ୍ରେସ ସଂଖ୍ୟାଲଘୁ ତୁଷ୍ଟିକରଣ ସହ ଦଳିତ ଏବଂ ଓବସି ତଥା ଜନଜାତି ବର୍ଗଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛି। ଗୋଟିଏ ପଟେ ଦଳିତ ଏବଂ ଓବିସିଙ୍କ ମଧ୍ୟରେ ଉପବର୍ଗ ସୃଷ୍ଟି ପାଇଁ ଦାବି କରୁଛି, ଅନ୍ୟ ପଟେ ମୁସଲମାନଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ ଲାଗି ଦାବି କରୁଛି। କଂଗ୍ରେସର ଜାତିଗତ ଜନଗଣନା ଦାବିକୁ ସମାଲୋଚନା କରି ସେ କହିଛନ୍ତି ଯେ, ଏହା ଦ୍ୱାରା ଦେଶର ଏକତା ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହେବ। କଂଗ୍ରେସ ଭୋଟ ବ୍ୟାଙ୍କ ପାଇଁ ଦେଶ ଏବଂ ସମାଜକୁ ବିଭାଜିତ କରିବାକୁ ପ୍ରୟାସ କରୁଛି ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରିଥିଲେ। ଚଳିତ ବିଧାନସଭା ନିର୍ବାଚନ ଶମ୍ଭାଜୀ ମହାରାଜଙ୍କ ଭକ୍ତ ଏବଂ ଆଉରଙ୍ଗଜେବଙ୍କ ଅନୁଗାମୀଙ୍କ ମଧ୍ୟରେ ହେଉଛି। କଂଗ୍ରେସ ବିକାଶ ନୁହେଁ, ବିଭାଜନରେ ବିଶ୍ୱାସ କରେ ବୋଲି ସେ କହିଥିଲେ। ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ମହାରାଷ୍ଟ୍ର ନେତୃତ୍ୱ ନେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଗୁରୁବାର ମହାରାଷ୍ଟ୍ରରେ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟଏକାଧିକ ନିର୍ବାଚନୀ ସଭାରେ ଉଦବୋଧନ ଦେଇ କଂଗ୍ରେସକୁ କଟୁ ସମାଲୋଚନା କରିବା ସହିତ ଏହା ମହାରାଷ୍ଟ୍ରରେ ବିକାଶ ପରିବର୍ତ୍ତେ ବିନାଶକୁ ନିମନ୍ତ୍ରଣ କରିବ ବୋଲି କହିଛନ୍ତି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧି ମହାରାଷ୍ଟ୍ରରେ ନିର୍ବାଚନ ପ୍ରଚାର ଅବସରରେ କହିଛନ୍ତି ଯେ, ଗତ ୧୦ ବର୍ଷ ଭିତରେ ମହାରାଷ୍ଟ୍ରରୁ ଅନେକ ବଡ଼ ପ୍ରକଳ୍ପ ଗୁଜରାଟକୁ ଚାଲିଯାଇଛି। ଏହା ଦ୍ୱାରା ମହାରାଷ୍ଟ୍ରର ୫ ଲକ୍ଷ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ହରାଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ନିଜ ରାଜ୍ୟକୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ଅନ୍ୟ ରାଜ୍ୟର ବିକାଶ ପ୍ରତି ସେତିକି ଧ୍ୟାନ ଦେଉ ନାହାଁନ୍ତି ବୋଲି ରାହୁଲ ଅଭିଯୋଗ କରିଛନ୍ତି।

ଦିଲ୍ଲୀ ଅବସ୍ଥା ସାଙ୍ଘାତିକ

୨୦୦ରୁ ଊର୍ଦ୍ଧ୍ୱ ବିମାନ ସେବା ପ୍ରଭାବିତ

ନୂଆଦିଲ୍ଲୀ, ୧୪।୧୧: ଦିନକୁ ଦିନ ଖରାପ ହୋଇ ଚାଲିଛି ଦିଲ୍ଲୀ ବାୟୁ ଗୁଣବତ୍ତା। ପ୍ରଦୂଷଣ ସାଙ୍ଗକୁ ଘନ କୁହୁଡ଼ି ବାୟୁମଣ୍ଡଳକୁ ଅସ୍ୱାସ୍ଥ୍ୟକର କରି ପକାଇଛି। ଗତକାଲି ଓ ଆଜି ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ବା ବାୟୁ ଗୁଣବତ୍ତା ସୂଚକାଙ୍କ ନିମ୍ନସ୍ତରକୁ ଖସି ଆସିଛି। ଆଜି ସାମାନ୍ୟ ସୁଧାର ଆସିଥିଲେ ବି କୁହୁଡ଼ି ଓ ପ୍ରଦୂଷଣରେ ରାସ୍ତାଘାଟ ଦେଖା ଯାଉନାହିଁ। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀର ଇନ୍ଦିରା ଗାନ୍ଧି ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟରୁ ଉଡାଣ ଭରିବାକୁ ଥିବା ବିମାନଗୁଡ଼ିକ ବିଳମ୍ବ ହୋଇଛି। ଫଳରେ ୨୦୦ରୁ ଊର୍ଦ୍ଧ୍ୱ ବିମାନ ସେବା ପ୍ରଭାବିତ ହୋଇଛି। ପାଗକୁ ଦୃଷ୍ଟିରେ ରଖି ଉଡ଼ାଣ ସମୟ ପରିବର୍ତ୍ତନ କରା ଯାଇଥିବା ନେଇ ବିମାନ କମ୍ପାନୀ ପକ୍ଷରୁ ସୂଚନା ଦେଇଛନ୍ତି।



କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ, ରାଜଧାନୀର ଅନେକ ଅଞ୍ଚଳରେ ୪୫୦ରୁ ଅଧିକ ଏକ୍ୟୁଆଇ ରେକର୍ଡ ହୋଇଛି। ଆନନ୍ଦ ବିହାର, ଅଶୋକ ବିହାର, ବାୱନା ଦ୍ୱାରକା, ଜାହାଙ୍ଗିରପୁର, ମୁଣ୍ଡକ, ନଜାଫଗଡ଼, ଲାଜପତ ନଗର, ପାଟପରାଗଞ୍ଜ, ପଞ୍ଜାବ ବାଗ, ଆରକେ ପୁରାମ, ରୋହିଣୀ, ବିବେକ ବିହାର ଏବଂ ୱାଜିରପୁରରେ ସକାଳ ୬ଟାରେ ୪୫୦ରୁ ଅଧିକ ଏକ୍ୟୁଆଇ ରେକର୍ଡ କରାଯାଇଛି, ଯାହା ଖୁବ୍ ଗୁରୁତର। ଆନନ୍ଦ ବିହାରରରେ ସର୍ବାଧିକ ୪୭୩ ଏକ୍ୟୁଆଇ ରେକର୍ଡ କରାଯାଇଛି। ଦିଲ୍ଲୀରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ଗାଡ଼ି-ମୋଟରରୁ ନିର୍ଗତ ଧୂଆଁ ସାଙ୍ଗକୁ ଆଖପାଖ ଅଞ୍ଚଳରେ ନଡ଼ା ଜାଳିବା, ନିର୍ମାଣ କାର୍ଯ୍ୟ, ଶିଳ୍ପ ପ୍ରଦୂଷଣ ଇତ୍ୟାଦି। ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ସରକାର ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ବିଭିନ୍ନ ପଦକ୍ଷେପ ନେଉଥିଲେ ବି ପାଗରେ ସୁଧାର ଆସି ପାରୁନାହିଁ। ଶୀତ ଦିନ ଆସିଯିବା ମାତ୍ରେ ରାଜଧାନୀ ବାସିନ୍ଦାଙ୍କୁ ବିଷାକ୍ତକର ପରିବେଶରେ ଜୀବନଯାପନ କରିବାକୁ ପଡୁଛି। ରିପୋର୍ଟ ଅନୁସାରେ, ଦିଲ୍ଲୀ ହେଉଛି ବିଶ୍ୱରୁ ସବୁଠାରୁ ପ୍ରଦୂଷିତ ସହର। ଯଦି ସ୍ଥିତିରେ ସୁଧାର ନ ଆସେ, ତେବେ ଆଗାମୀ ଦିନରେ ଦିଲ୍ଲୀ ପ୍ରଦୂଷଣ ଚରମରେ ପହଞ୍ଚିଯିବାର ଆଶଙ୍କା କରାଯାଉଛି।

‘ଏକ୍ସ’କୁ ବୟକଟ୍ କଲା ବ୍ରିଟିଶ ଖବରକାଗଜ

ଲଣ୍ଡନ, ୧୪।୧୧: ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ସହିତ ଏଲୋନ୍ ମସ୍କଙ୍କୁ ମିଳିଛି ବଡ଼ ଦାୟିତ୍ୱ। ତେବେ ମସ୍କଙ୍କ ମାଲିକନାରେ ଥିବା ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସ ପାଇଁ ବଢ଼ିଛି ଅଡୁଆ। ବ୍ରିଟିଶ ଖବର କାଗଜ ଗାର୍ଡିଆନ୍ ଏକ୍ସକୁ ବୟକଟ୍ କରିଛି। ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସ ଘୃଣା ପ୍ରସାର କରୁଛି। ମସ୍କ ବିଷ ପ୍ରଚାର କରୁଛନ୍ତି। ଏଭଳି କିଛି ବଡ଼ ଅଭିଯୋଗ ଆଣି ବ୍ରିଟିଶ ଖବରକାଗଜ ଦି ଗାର୍ଡିଆନ୍ ଏହାର ବ୍ୟବହାରକୁ ବ୍ୟାନ୍ କରିଦେଇଛି। ଖବରକାଗଜ କହିଛି ଯେ ଜାତିଭେଦ ଏବଂ ଷଡ଼ଯନ୍ତ୍ର ଥିଓରୀ ସହିତ ଆପତ୍ତିଜନକ ବିଷୟ ବସ୍ତୁ ଏକ୍ସରେ ବୃଦ୍ଧି ପାଇଛି। ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଘୃଣା ପ୍ରଚାର କରୁଥିବା ନେଇ ଏଲୋନ୍ ମସ୍କଙ୍କୁ ଦାୟୀ କରିଛି ଖବରକାଗଜ। ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପରେ ଗାର୍ଡିଆନ୍ ଏକ୍ସକୁ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଛି। ନଭେମ୍ବରରେ ୧୩ରେ ପ୍ରକାଶିତ ଏକ ଆର୍ଟିକିଲରେ ଗାର୍ଡିଆନ୍ କହିଛି ଯେ ଆମେ ଅନୁଭବ କରୁଛୁ ଯେ ଏକ୍ସ ରେ ରହିବା ଆଉ ଉପଯୋଗୀ ନୁହେଁ। ଏଠାରେ ନକାରାତ୍ମକତା ବୃଦ୍ଧି ପାଇଛି। ଗାର୍ଡିଆନ ଆହୁରି କହିଛି, ଏକ୍ସ ବର୍ତ୍ତମାନ ଏକ ବିଷାକ୍ତ ପ୍ଲାଟଫର୍ମରେ ପରିଣତ ହୋଇଛି। ବର୍ତ୍ତମାନ ଏଠାରେ ପ୍ରଚୁର ପରିମାଣରେ ବିଷାକ୍ତ କଣ୍ଟେଣ୍ଟ ଭର୍ତ୍ତି ରହିଛି। ଆମେ ଆମ କଣ୍ଟେଣ୍ଟକୁ ପ୍ରମୋଟ କରିବା ପାଇଁ ଅନ୍ୟ କୌଣସି ସମାଧାନର ବାଟ ବାହାର କରିପାରିବୁ। ନିଜ ରାଜନୈତିକ ଚିନ୍ତାଧାରାକୁ ତୀକ୍ଷ୍ଣ କରିବା ପାଇଁ ଏଲୋନ୍ ମସ୍କ ଏହି ପ୍ଲାଟଫର୍ମକୁ ବ୍ୟବହାର କରୁଛନ୍ତି। ସୂଚନାଯୋଗ୍ୟ, ୧୮୨୧ରେ ଦି ଗାର୍ଡିଆନ୍ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ଏହାର ନାମ ମଞ୍ଚେଷ୍ଟର ଥିଲା କିନ୍ତୁ ୧୯୫୯ରେ ଏହାର ନାମ ଗାର୍ଡିଆନ୍ ରୂପେ ପରିବର୍ତ୍ତିତ ହୋଇଥିଲା। ଏହାର ମୁଖ୍ୟାଳୟ ଲଣ୍ଡନକୁ ସ୍ଥାନାନ୍ତରିତ ହୋଇଥିଲା। ଏକ୍ସ ରେ ଗାର୍ଡିଆନ୍‌ର ଅଫିସିଆଲ୍ ଆକାଉଣ୍ଟରେ ୧୦.୮ ନିୟୁତ ଫଲୋଅର୍ସ ଅଛନ୍ତି।

ବ୍ରାଜିଲ ସୁପ୍ରିମକୋର୍ଟ ସମ୍ମୁଖରେ ଆତ୍ମଘାତୀ ବିସ୍ଫୋରଣ

ରିଓ-ଡି-ଜେନେରୋ, ୧୪।୧୧: ବ୍ରାଜିଲ ସୁପ୍ରିମକୋର୍ଟ ସମ୍ମୁଖରେ ହେଲା ଆତ୍ମଘାତୀ ବିସ୍ଫୋରଣ। ଏଥିରେ ଜଳିଗଲେ ଜଣେ ଯୁବକ । ବିସ୍ଫୋରକ ସାମଗ୍ରୀ ନିଜ ଶରୀରରେ ବାନ୍ଧି ସୁପ୍ରିମକୋର୍ଟରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଯୁବକଙ୍କର ଏହି ଘଟଣାରେ ମୃତ୍ୟୁ ହୋଇଛି। ଗତକାଲି ସନ୍ଧ୍ୟା ସମୟରେ ବ୍ରାଜିଲ ସୁପ୍ରିମକୋର୍ଟ ସମ୍ମୁଖରେ ଏହି ବିସ୍ଫୋରଣ ଘଟିଥିଲା। ଏହାପରେ ଘଟଣାସ୍ଥଳରେ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ସମୟରେ କୋର୍ଟ ଚାଲିଥିବାରୁ ତୁରନ୍ତ କୋର୍ଟରୁ ବିଚାରପତି ତଥା ଅନ୍ୟମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ବ୍ରାଜିଲର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ଖବର ଅନୁଯାୟୀ ବ୍ରାଜିଲ ସୁପ୍ରିମକୋର୍ଟ ସମ୍ମୁଖରେ ୨୦ ସେକେଣ୍ଡ ବ୍ୟବଧାନରେ ଅଳ୍ପ କିଛି ଦୂରତାରେ ଦୁଇଟି ବିସ୍ଫୋରଣ ହୋଇଛି। ତେବେ ଏଥିରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସବିଶେଷ ସୂଚନା ମିଳି ପାରିନି। ଏହି ବିସ୍ଫୋରଣ ବ୍ରାଜିଲର ରାଜଧାନୀ ହାଇ ପ୍ରୋଫାଇଲ ଏରିଆ ପ୍ରାକାଡସ୍ ଟ୍ରେସ୍ ପୋଡର୍ସ ଅଞ୍ଚଳରେ ଘଟିଛି। ଉକ୍ତ ଅଞ୍ଚଳରେ ବ୍ରାଜିଲର ବହୁ ସରକାରୀ କାର୍ଯ୍ୟାଳୟର ମୁଖ୍ୟାଳୟ ରହିଛି। ବିସ୍ଫୋରଣ ସ୍ଥଳଠୁ ଅଳ୍ପ ଦୂରତାରେ ବ୍ରାଜିଲ ରାଷ୍ଟ୍ରପତି ଭବନ ଥିବା ବେଳେ ସେତେବେଳେ ସେଠାରେ ରାଷ୍ଟ୍ରପତି ନ ଥିବା ଜଣାଯାଇଛି। ଏହି ଘଟଣା ପରେ ତୁରନ୍ତ ସମଗ୍ର ଅଞ୍ଚଳକୁ ସିଲ୍ କରି ଦିଆଯାଇ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଏପରିକି ଏହି ବିସ୍ଫୋରଣ ପରେ ରାଷ୍ଟ୍ରପତି ଭବନର ସୁରକ୍ଷା କର୍ମୀ ରାଷ୍ଟ୍ରପତି ଭବନକୁ ତନ ତନ କରି ଯାଞ୍ଚ କରିଛନ୍ତି। ଗତ କିଛି ବର୍ଷ ଧରି ବ୍ରାଜିଲ ସୁପ୍ରିମକୋର୍ଟକୁ ଟାର୍ଗେଟ କରାଯାଉଥିବା ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି। ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ସମର୍ଥକ ସୁପ୍ରିମକୋର୍ଟ ବିଚାରପତି ଆଲେକଜାଣ୍ଡର ଦେ ମୋରାଇସଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ବୋଲସୋନାରୋଙ୍କ ସମର୍ଥକ ୨୦୨୩ ମସିହା ଜାନୁୟାରୀ ୮ ତାରିଖରେ ବ୍ରାଜିଲର ସରକାରୀ ବିଲ୍ଡିଂରେ ଦଙ୍ଗା ସୃଷ୍ଟି କରିଥିବା ଅଭିଯୋଗ ହୋଇଥିବା ବେଳେ ଏହାର ତଦନ୍ତ କରୁଛନ୍ତି ବିଚାରପତି ଆଲେକଜାଣ୍ଡର ଦେ ମୋରାଇସ । ତେଣୁ ତାଙ୍କୁ ବାରମ୍ବାର ଧମକ ଦିଆଯିବା ସହ ଟାର୍ଗେଟ କରାଯାଉଥିବା କୁହାଯାଉଛି।

ଗର୍ଭବତୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସରେ ବିସ୍ଫୋରଣ

ଜଲଗାଓଁ, ୧୪।୧୧: ଗର୍ଭବତୀ ମହିଳାଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସରେ ହଠାତ୍ ଲାଗିଲା ନିଆଁ। ପରେ ଏଥିରେ ଭୟଙ୍କର ବିସ୍ଫୋରଣ ହୋଇଛି। ମହାରାଷ୍ଟ୍ରର ଜଲଗାଁଓରେ ଘଟିଛି ଏଭଳି କିଛି ଦୁର୍ଘଟଣା। ବିସ୍ଫୋରଣ ଯୋଗୁ ଆଖପାଖ ଅଞ୍ଚଳର ଥିବା ଘର କ୍ଷତିଗ୍ରସ୍ତ ହୋଇଛି। ସୂଚନା ମୁତାବକ, ବୁଧବାର ରାତିରେ ମହାରାଷ୍ଟ୍ର ଜଲଗାଓଁରେ ଜଣେ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ ଏରାଣ୍ଡୋଲ ସରକାରୀ ଡାକ୍ତରଖାନାରୁ ଜାଲଗାଓଁ ଜିଲ୍ଲା ଡାକ୍ତରଖାନାକୁ ଅଣାଯାଉଥିଲା। ଏତିକି ବେଳେ ଆମ୍ବୁଲାନ୍ସର ଇଞ୍ଜିନ୍‌ରୁ ଧୂଆଁ ବାହାରୁଥିବା ଦେଖିଥିଲେ ଡ୍ରାଇଭର। ଏହାପରେ ତୁରନ୍ତ କିଛି ଅଘଟଣ ଘଟିବା ପୂର୍ବରୁ ରୋଗୀଙ୍କୁ ଆମ୍ବୁଲାନ୍ସରୁ ବାହାରକୁ ଆଣି ନିଜେ ମଧ୍ୟ ଓହ୍ଲାଇ ପଡିଥିଲେ। ପରେ ଦେଖୁ ଦେଖୁ ଆମ୍ବୁଲାନ୍ସରେ ନିଆଁ ଲାଗି ଭୟଙ୍କର ବିସ୍ଫୋରଣ ଘଟିଥିଲା। ଆମ୍ବୁଲାନ୍ସରେ ରଖାଯାଇଥିବା ଅମ୍ଳଜନା ସିଲିଣ୍ଡର ଯୋଗୁ ଏହି ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଏହି ପୂରା ଘଟଣା ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିସ୍ଫୋରଣ ଯୋଗୁ ଆଖପାଖରେ ଥିବା ଘରର ଝରକା ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଏଥିସହ ଆମ୍ବୁଲାନ୍ସଟି ମଧ୍ୟ ପୂରାପୂରି ଖଣ୍ଡଖଣ୍ଡ ହୋଇଯାଇଛି। ସେପଟେ ଦୁର୍ଘଟଣା ପରେ ଅନ୍ୟ ଏକ ଆମ୍ବୁଲାନ୍ସରେ ଗର୍ଭବତୀଙ୍କୁ ହସ୍ପିଟାଲକୁ ପଠାଯାଇଛି।



ମୋଦୀଙ୍କୁ ଡୋମିନିକାର ସର୍ବୋଚ୍ଚ ସମ୍ମାନ

ନୂଆଦିଲ୍ଲୀ, ୧୪।୧୧: ଡୋମିନିକାର ସର୍ବୋଚ୍ଚ ସମ୍ମାନ ପାଇବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗୁରୁବାର ଏହି କାରବୀୟ ଆଇଲ୍ୟାଣ୍ଡ ପକ୍ଷରୁ ଦେଶର ସର୍ବୋଚ୍ଚ ସମ୍ମାନ 'ଦି ଡୋମିନିକା ଆୱାର୍ଡ ଅଫ୍ ଅନର୍' ଘୋଷଣା କରାଯାଇଛି। କୋଭିଡ୍-୧୯ ସମୟରେ ଭାରତରୁ ୭୦ ହଜାର କୋଭିଡ୍ ଟିକା ଡୋମିନିକା ପଠାଯାଇଥିଲା। ଏହି ଅବଦାନକୁ ସମ୍ମାନ ଜଣାଇ ଡୋମିନିକା ଏହାର ସର୍ବୋଚ୍ଚ ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ ଘୋଷଣା କରିଛି।



ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁୟାନାର ଜର୍ଜଟାଉନରେ ଅନୁଷ୍ଠିତ ହେବ ଭାରତ-କ୍ୟାରିକମ୍ ଶିଖର ସମ୍ମିଳନୀ। ଏହି ସମ୍ମିଳନୀରେ ଡୋମିନିକା ରାଷ୍ଟ୍ରପତି ସିଲଭାନୀ ବର୍ଟୋନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏହି ସମ୍ମାନ ପ୍ରଦାନ କରିବେ। ପ୍ରକାଶ ଥାଉ, ୨୦୨୧ ଫେବୃଆରୀ ମାସ କୋଭିଡ୍ ମହାମାରୀ ସମୟରେ ଭାରତ ୭୦ ହଜାର 'ଆଷ୍ଟ୍ରଜେନେକା' କୋଭିଡ ଟିକା ଡୋମିନିକା ପଠାଇଥିଲା। ଏହି ଟିକାରେ ଡୋମିନିକା ନିଜ ଦେଶର ନାଗରିକଙ୍କ ଜୀବନ ବଞ୍ଚାଇବା ସହ ଏହାର ପଡ଼ୋଶୀ ଦେଶକୁ ମଧ୍ୟ ସାହାଯ୍ୟ କରିପାରିଥିଲା। ଏନେଇ ଡୋମିନିକା ପ୍ରଧାନମନ୍ତ୍ରୀ ରୁଜଭେଲ୍ଟ ସ୍କେରିଟ କହିଛନ୍ତି ଯେ, ଏହି ପୁରସ୍କାର ହେଉଛି ଡୋମିନିକାକୁ ଭାରତର ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ସ୍ୱରୂପ। ଡୋମିନିକା ପକ୍ଷରୁ ଏହା ମଧ୍ୟ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଡୋମିନିକାର ସ୍ୱାସ୍ଥ୍ୟ ବ୍ୟବସ୍ଥା, ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ଭାରତର ସହଯୋଗ ପ୍ରତି ମଧ୍ୟ ଏହା ସମ୍ମାନ। ପ୍ରଧାନମନ୍ତ୍ରୀ ମୋଦି ଡୋମିନିକାର ବିପଦ ବେଳର ବନ୍ଧୁ ଅଟନ୍ତି। ବିଶେଷ କରି ବିଶ୍ୱ ସ୍ୱାସ୍ଥ୍ୟ ସଂକଟ ସମୟରେ ଆମକୁ ଭାରତର ସହଯୋଗ ପାଇଁ ଆମେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କୃତଜ୍ଞତା ଜଣାଉଛୁ।

ମଞ୍ଚ ଉପରେ ଓୱେସିଙ୍କୁ ନୋଟିସ୍

ମୁମ୍ବାଇ, ୧୪।୧୧: ଆସନ୍ତା ୨୦ ତାରିଖରେ ପଡ଼ିବ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଭୋଟ। ୨୩ରେ ଆସିବ ଫଳାଫଳ। ଏହି ନିର୍ବାଚନକୁ ନେଇ ସମସ୍ତ ରାଜନୈତିକ ଦଳ ଏହି ନିର୍ବାଚନ ପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଏହାରି ଭିତରେ ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସି ମହାରାଷ୍ଟ୍ରର ସୋଲାପୁରରେ ପହଞ୍ଚିଥିଲେ। ସେଠାରେ ନିର୍ବାଚନୀ ପ୍ରଚାର କରୁଥିଲେ। ଏହି ସମୟରେ ମଞ୍ଚ ଉପରେ ତାଙ୍କୁ ପୁଲିସ ନୋଟିସ୍ ଧରାଇଛି। ବାସ୍ତବରେ, ବୁଧବାର ଦିନ ଅସଦୁଦ୍ଦିନ ଓୱେସି ସୋଲାପୁର କେନ୍ଦ୍ରୀୟ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଫାରୁକ୍ ଶାବଡିଙ୍କ ପ୍ରଚାର ରାଲିରେ ଯୋଗଦେବାକୁ ଆସିଥିଲେ। ଏହି ସମୟରେ ମହାରାଷ୍ଟ୍ର ପୁଲିସ୍ କର୍ମଚାରୀମାନେ ମଞ୍ଚ ଉପରେ ଓୱେସିଙ୍କୁ ନୋଟିସ୍ ଦେଇଥିଲେ। ଏହି ନୋଟିସ୍ ଜାରିଆରେ ନିଜ ଭାଷଣରେ କୌଣସି ବି ସମ୍ପ୍ରଦାୟର ଭାବନାକୁ ଆଘାତ ପହଞ୍ଚାଇବା କିମ୍ବା ହେଟ୍‌ସ୍ପିଚ୍ ନ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଏନଏସର ଧାରା ୧୬୮ ଅନୁଯାୟୀ ଓୱେସିଙ୍କୁ ପୁଲିସ ଏହି ନୋଟିସ ଦେଇଛି। ଏହାପୂର୍ବରୁ ଅସଦୁଦ୍ଦିନ ଓୱେସି ଛତ୍ରପତି ସାମ୍ଭାଜୀନଗରରେ ପହଞ୍ଚିଥିଲେ, ଯେଉଁଠାରୁ ସେ ଔରଙ୍ଗାବାଦର ନାମ ବଦଳାଇବା ପାଇଁ ମହାୟୁତୀ ଏବଂ ମହାବିକାଶ ଅଘାଡିଙ୍କୁ ଟାର୍ଗେଟ କରିଥିଲେ। ସେହିପରି ମୁମ୍ବାଇର ଭାୟଖଲାରେ ମଧ୍ୟ ପ୍ରଚାର ବେଳେ ଓୱେସି ପ୍ରଧାନମନ୍ତ୍ରୀ ମୋଦି, ଅମିତ ଶାହ ଓ ଦେବେନ୍ଦ୍ର ଫଡନାଭିସଙ୍କୁ ଟାର୍ଗେଟ୍ କରିଥିଲେ। ସେ କହିଥିଲେ ଏମାନେ ମୋର ମୁକାବିଲା କରିପାରିବେ ନାହିଁ।

ଟ୍ରମ୍ପ କ୍ୟାବିନେଟ୍‌ରେ ହିନ୍ଦୁ ନେତାଙ୍କ ଏଣ୍ଟ୍ରି

ତୁଳସୀ ରାଷ୍ଟ୍ରୀୟ ଗୋଇନ୍ଦା ନିର୍ଦ୍ଦେଶକ

ୱାଶିଂଟନ, ୧୪।୧୧: ଆମେରିକା ରାଷ୍ଟ୍ରପତି ନିର୍ବାଚନ ଜିତିବା ପରେ ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଟିମ୍ ଗଠନ କରିବାରେ ବ୍ୟସ୍ତ ଅଛନ୍ତି। ସେ ଗୋଟିଏ ପରେ ଗୋଟିଏ ବଡ଼ ନିଯୁକ୍ତି ଦେଉଛନ୍ତି। ଏବେ ତାଙ୍କ କ୍ୟାବିନେଟ୍‌ରେ ଜଣେ ହିନ୍ଦୁ ନେତାଙ୍କୁ ମିଳିଛି ଏଣ୍ଟ୍ରି। ଭାରତୀୟ ବଂଶୋଦ୍ଭବ ତୁଳସୀ ଗାୱାର୍ଡଙ୍କୁ ମିଳିଛି ବଡ଼ ଦାୟିତ୍ୱ। ତାଙ୍କୁ ଟ୍ରମ୍ପ ରାଷ୍ଟ୍ରୀୟ ଗୁଇନ୍ଦା ନିର୍ଦ୍ଦେଶକ ତଥା ଡାଇରେକ୍ଟର ଅଫ୍ ନ୍ୟାସନାଲ ଇଣ୍ଟେଲିଜେନ୍ସ ଭାବେରେ ନିଯୁକ୍ତ କରିଛନ୍ତି। ପୂର୍ବତନ କଂଗ୍ରେସ ସଦସ୍ୟ ତୁଳସି ଗାୱାର୍ଡ ଆମେରିକାର ପ୍ରଥମ ହିନ୍ଦୁ କଂଗ୍ରେସ ମହିଳା ଭାବରେ ମଧ୍ୟ ମାନ୍ୟତା ପାଇଛନ୍ତି। ତୁଳସୀ ଜଣେ ଅଭିଜ୍ଞ ସୈନିକ। ବିଭିନ୍ନ ସମୟରେ ମଧ୍ୟ ପୂର୍ବ ଏବଂ ଆଫ୍ରିକାର ଯୁଦ୍ଧ ଜୋନ୍‌ରେ ନିୟୋଜିତ ଥିଲେ। ସେ କିଛି ସମୟ ପୂର୍ବରୁ ଡେମୋକ୍ରାଟ୍ ପାର୍ଟିରୁ ଅଲଗା ହୋଇଥିଲେ ଏବଂ ନିର୍ବାଚନ ସମୟରେ ରିପବ୍ଲିକାନ୍ ପାର୍ଟିରେ ଯୋଗ ଦେଇଥିଲେ। ତୁଳସୀଙ୍କ ବ୍ୟତୀତ ଡୋନାଲ୍ଡ ଟ୍ରମ୍ପ ବୈଦେଶିକ ମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି। ଫ୍ଲୋରିଡା ସିନେଟର ମାର୍କୋ ରୁବିଓଙ୍କୁ ଟ୍ରମ୍ପ ଆମେରିକାର ବୈଦେଶିକ ସଚିବ ଭାବେ ନିଯୁକ୍ତ କରିଛନ୍ତି। ରୁବିଓ ଜଣେ ରୁଢ଼ିବାଦୀ ନେତା। ସେ ପ୍ରାୟତଃ ଚୀନ୍, କ୍ୟୁବା ଏବଂ ଇରାନ ବିରୁଦ୍ଧରେ ନିଜର ମତ ପ୍ରକାଶ କରୁଥିବା ଦେଖାଯାଏ। ୨୦୧୦ରେ ପ୍ରଥମ ଥର ପାଇଁ ରୁବିଓ ସିନେଟକୁ ନିର୍ବାଚିତ ହୋଇଥିଲେ। ୨୦୧୬ ରେ ରିପବ୍ଲିକାନ୍ ରାଷ୍ଟ୍ରପତି ରେସ୍ ସମୟରେ ରୁବିଓ ଟ୍ରମ୍ପଙ୍କୁ କଡ଼ା ସମାଲୋଚନା କରିଥିଲେ। ଟ୍ରମ୍ପ ମଧ୍ୟ ତାଙ୍କୁ ଛୋଟ ମାର୍କୋ ବୋଲି କହିଥିଲେ। ତେବେ ବର୍ତ୍ତମାନ ରୁବିଓ ଟ୍ରମ୍ପଙ୍କ ସବୁଠାରୁ ବଡ଼ ସମର୍ଥକ ଅଟନ୍ତି। ଏହା ବ୍ୟତୀତ ଡୋନାଲ୍ଡ ଟ୍ରମ୍ପ ଆମେରିକାର ନୂତନ ପ୍ରତିରକ୍ଷା ସଚିବଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି। ପ୍ରତିରକ୍ଷା ସଚିବ ପଦ ପାଇଁ ଟ୍ରମ୍ପ ଫକ୍ସ ନ୍ୟୁଜ୍ ହୋଷ୍ଟ, ଲେଖକ ତଥା ଅବସରପ୍ରାପ୍ତ ସେନା ପିଟ୍ ହେଗସେଥଙ୍କୁ ଚୟନ କରିଛନ୍ତି। ୪୪ ବର୍ଷୀୟ ପିଟ୍ ହେଗସେଟ୍ ଆଫଗାନିସ୍ତାନ ଏବଂ ଇରାକରେ ସୈନ୍ୟବାହିନୀରେ କାର୍ଯ୍ୟ କରିଛନ୍ତି। ପିଟଙ୍କୁ ନିଯୁକ୍ତି ଦେବାବେଳେ ଟ୍ରମ୍ପ ତାଙ୍କୁ ଜଣେ କଠୋର, ସ୍ମାର୍ଟ ଏବଂ ଆମେରିକାରେ ପ୍ରକୃତ ବିଶ୍ୱାସୀ ବୋଲି ବର୍ଣ୍ଣନା କରିଛନ୍ତି। ଏହା ସହିତ ଟ୍ରମ୍ପ ଫ୍ଲୋରିଡାର କେମେଟ ଗେଟେଜଙ୍କୁ ଦେଶର ନୂଆ ଆର୍ଟର୍ଣ୍ଣି ଜେନେରାଲ ଭାବେ ବାଛିଛନ୍ତି।

ମଣିପୁରର ୫ ଜିଲ୍ଲାରେ ଆଫସା ଲାଗୁ

ଇମ୍ଫାଲ, ୧୪।୧୧: ମଣିପୁରରେ ସିଆରପିଏଫ ଯବାନଙ୍କ ଗୁଳିରେ ୧୧ଜଣ ସନ୍ଦିଗ୍ଧ ଉଗ୍ରବାଦୀ ନିହତ ହେବା ପରେ ରାଜ୍ୟରେ ପୁଣି ଅଶାନ୍ତି ଓ ଅସ୍ଥିରତାର ବାତାବରଣ ସୃଷ୍ଟି ହୋଇଛି। ଗତକାଲି କୁକି ସମ୍ପ୍ରଦାୟ ପକ୍ଷରୁ ୧୨ ଘଣ୍ଟିଆ ମଣିପୁର ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କେତେକ ସ୍ଥାନରେ କର୍ଫ୍ୟୁ କରାଯାଇଛି। ଜିରିବାମ ସମେତ ରାଜ୍ୟର ୫ଟି ଜିଲ୍ଲାରେ ଆର୍ମଡ ଫୋର୍ସେସ ସ୍ପେଶିଆଲ ପାୱାର ଆକ୍ଟ ବା ଆଫସ୍ପା ପୁନର୍ବାର ଲାଗୁ କରାଯାଇଛି। ଏହା ସହିତ ବିଭିନ୍ନ ସ୍ଥାନରେ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ କରାଯାଇଛି। ବୁଧବାର କୌଣସି ସ୍ଥାନରେ ସେଭଳି କିଛି ବଡ଼ ଧରଣର ହିଂସାକାଣ୍ଡ ଦୃଷ୍ଟିଗୋଚର ହୋଇନଥିଲେ ମଧ୍ୟ ଜିରିଗ୍ରାମରେ ଏବେ ବି ଚାପା ଉତ୍ତେଜନା ଲାଗି ରହିଛି। ଗୁଳିକାଣ୍ଡ ପରେ ୪ଜଣ ଏବେବି ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଏକ ଶିଶୁ ରହିଛି। ଶୀଘ୍ର ତାଙ୍କ ମୁକ୍ତି ପାଇଁ ପ୍ରୟାସ କରିବାକୁ ଶିଶୁର ମା’ ସୁରକ୍ଷା ବାହିନୀକୁ ନିବେଦନ କରିଛନ୍ତି। ମଣିପୁରରେ ସାନି ହିଂସାକାଣ୍ଡ ପରେ ବିରୋଧୀ ଦଳ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ଦାବି କରିଛି। ମଣିପୁର ଗୁଳିକାଣ୍ଡର ପ୍ରଭାବ ପଡ଼ୋଶୀ ଆସାମ ଏବଂ ମିଜୋରାମରେ ପଡ଼ିଛି। ମିଜୋ ନ୍ୟାସନାଲ ଫ୍ରଣ୍ଟ (ଏମଏନଏଫ) ପକ୍ଷରୁ ଜିରିଗ୍ରାମରେ ସୁରକ୍ଷା ବଳର୍ମୀଙ୍କ ଗୁଳିରେ ୧୧ଜଣ କୁକି ସମ୍ପ୍ରଦାୟର ବ୍ୟକ୍ତି ପ୍ରାଣ ହରାଇବା ଘଟଣାକୁ ଏକ ନିଛକ ହତ୍ୟାକାଣ୍ଡ ବୋଲି ବର୍ଣ୍ଣନା କରାଯାଇଛି। ମୃତକଙ୍କ ବ୍ୟବଚ୍ଛେଦ ଆସାମର ସିଲଚର ମେଡିକାଲ କଲେଜ ଏବଂ ହସ୍ପିଟାଲରେ କରାଯାଉଛି। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ମୁମ୍ବାଇ ବିମାନ ବନ୍ଦର ଉଡ଼ାଇବାକୁ ଧମକ

ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ମୁମ୍ବାଇ, ୧୪।୧୧: ବୋମା ଲଗାଇ ଉଡ଼ାଇ ଦେବୁ ବିମାନ ବନ୍ଦର। ମୁମ୍ବାଇ ଡୋମେଷ୍ଟିକ୍ ଏୟାପୋର୍ଟର ସିଆଇଏସ୍‌ଏଫ୍ କଣ୍ଟ୍ରୋଲ ରୁମ୍‌କୁ ଏଭଳି କିଛି ଧମକପୂର୍ଣ୍ଣ ଫୋନ୍ କଲ ଆସିଛି। ମହମ୍ମଦ ନାମକ ଜଣେ ବ୍ୟକ୍ତି ମୁମ୍ବାଇରୁ ଆଜେରବାଇଜାନକୁ ବିସ୍ଫୋରକ ସାମଗ୍ରୀ ନେଇ ଯାଉଥିବା ଧମକରେ କେହି ଜଣେ ବ୍ୟକ୍ତି କହିଛନ୍ତି। ଏହାକୁ ନେଇ ଏବେ ହଇଚଇ ସୃଷ୍ଟି ହୋଇଛି। ମୁମ୍ବାଇ ବିମାନ ବନ୍ଦରରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ସେପଟେ ଧମକ ମିଳିବା ପରେ ତୁରନ୍ତ ସିଆଇଏସ୍‌ଏଫ୍ ଟିମ୍ ଆକ୍ସନ ମୁଡ୍‌କୁ ଆସିଛି। ଏନେଇ ସହାର ପୁଲିସ ଷ୍ଟେସନକୁ ଆଲର୍ଟ କରିଛି। ଏହାପରେ ପୁଲିସର ଏକ ଟିମ୍ ବିମାନବନ୍ଦରରେ ନିୟୋଜିତ କରାଯାଇଛି। ବିମାନ ବନ୍ଦରର ତନ୍ନ ତନ୍ନ କରି ଯାଞ୍ଚ ଚାଲିଛି। ସୂଚନାନୁସାରେ, କଲର୍ କୌଣସି ନିର୍ଦ୍ଦିଷ୍ଟ ବିମାନ ବିଷୟରେ ଉଲ୍ଲେଖ କରିନଥିଲେ। ବୁଧବାର ହଠାତ୍ ମଧ୍ୟାହ୍ନ ପ୍ରାୟ ୩ଟା ସମୟରେ ଏହି ଧମକପୂର୍ଣ୍ଣ କଲ୍ ଆସିଥିଲା। ଏହା ପରେ ଅଧିକାରୀମାନେ ଏହି ଫୋନ୍ କଲ୍‌ର ଯାଞ୍ଚ ଆରମ୍ଭ କରିଥିଲେ। କିଏ ଏହି ଧମକପୂର୍ଣ୍ଣ ଫୋନ୍ କଲ୍ କରିଥିଲା ସେ ନେଇ ତଦନ୍ତ ଚାଲିଛି। ସତର୍କତାମୂଳକ ପଦକ୍ଷେପ ଭାବରେ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି। ଏବଂ ସୁରକ୍ଷା ନିଶ୍ଚିତ କରିବାକୁ ପୁଲିସ ଯାତ୍ରୀଙ୍କ ବିବରଣୀ ଯାଞ୍ଚ କରୁଛି। ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନାହିଁ, କିନ୍ତୁ ସମଗ୍ର ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାଯାଉଛି।

ଝାଡ଼ଖଣ୍ଡରେ ଯୋଗୀ ଆଦିତ୍ୟନାଥଙ୍କ ପ୍ରଚାର

ତେଜସ୍ୱୀ କହିଲେ ହେମନ୍ତଙ୍କ ନେତୃତ୍ୱରେ ସରକାର ଗଢ଼ିବୁ

ରାଞ୍ଚି, ୧୪।୧୧: ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୪୩ଟି ଆସନରେ ଭୋଟ ଗ୍ରହଣ ଶେଷ ହୋଇଥିବା ବେଳେ ଆସନ୍ତା ୨୦ରେ ଦ୍ୱିତୀୟ ପର୍ଯ୍ୟାୟରେ ବାକି ୩୮ଟି ଆସନରେ ଭୋଟ ଗ୍ରହଣ ହେବାକୁ ଯାଉଛି। ଏଥିଲାଗି ଏବେ ପ୍ରଚାର ଅଭିଯାନ ଯୋର ଧରିଛି। ଉଭୟ ଏନଡିଏ ଏବଂ ଇଣ୍ଡିଆ ମେଣ୍ଟର ଜାତୀୟ ସ୍ତରର ନେତାମାନେ ଘନ ଘନ ଝାଡ଼ଖଣ୍ଡ ଗସ୍ତରେ ଆସି ବିଭିନ୍ନ ନିର୍ବାଚନୀ ସଭାରେ ଉଦବୋଧନ ଦେଉଛନ୍ତି।

ଗୁରୁବାର ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଝାଡ଼ଖଣ୍ଡରେ ଏକାଧିକ ନିର୍ବାଚନୀ ସଭାରେ ଉଦବୋଧନ ଦେଇ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଛନ୍ତି। ହେମନ୍ତ ସୋରେନ ସରକାରକୁ ସମାଲୋଚନା କରି ସେ କହିଛନ୍ତି ଯେ, ଏହା ଏକ ଦୁର୍ନୀତିଗ୍ରସ୍ତ ସରକାର। ଏହାକୁ ଏବେ ବିତାଡ଼ିତ କରିବାର ସମୟ ଆସିଛି। ଜେଏମଏମ-କଂଗ୍ରେସ-ଆରଜେଡି ସରକାର ଝାଡ଼ଖଣ୍ଡକୁ ଏକ ମାଓ ଉପଦ୍ରୁତ ରାଜ୍ୟରେ ପରିଣତ କରିବାକୁ ଅପଚେଷ୍ଟା କରୁଛନ୍ତି। ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। ଏହା ଦ୍ୱାରା ସ୍ଥାନୀୟ ଯୁବକମାନେ ରୋଜଗାର ସୁଯୋଗ ହରାଉଛନ୍ତି। ବିଜେପି କ୍ଷମତାକୁ ଆସିଲେ ରାଜ୍ୟରୁ ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ପ୍ରୟାସ କରିବ। ରାଜ୍ୟକୁ ମାଓମୁକ୍ତ କରିବା ପାଇଁ କଠୋର ପଦକ୍ଷେପ ନିଆଯିବ।

ସେହିପରି ଆରଜେଡି ନେତା ତେଜସ୍ୱୀ ଯାଦବ ଗୁରୁବାର ଝାଡ଼ଖଣ୍ଡରେ ଇଣ୍ଡିଆ ମେଣ୍ଟ ପାଇଁ ନିର୍ବାଚନ ପ୍ରଚାର କରି କହିଛନ୍ତି ଯେ, ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଜେଏମଏମ-କଂଗ୍ରେସ-ଆରଜେଡି ମେଣ୍ଟ ଏଥର ପୁନର୍ବାର ବିଜୟ ହାସଲ କରି ସରକାର ଗଠନ କରିବ। ଏଥର ଝାଡ଼ଖଣ୍ଡରେ ଇଣ୍ଡିଆ ମେଣ୍ଟ ଗତ ଥର ତୁଳନାରେ ଅଧିକ ଆସନ ପାଇବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଆସନ୍ତା ବର୍ଷ ବିହାରରେ ଅନୁଷ୍ଠିତ ହେବାକୁ ଯାଉଥିବା ନିର୍ବାଚନରେ ମଧ୍ୟ ଇଣ୍ଡିଆ ମେଣ୍ଟ ବିପୁଳ ବିଜୟ ହାସଲ କରିବ ଏବଂ ନୀତିଶ ସବୁଦିନ ପାଇଁ କ୍ଷମତାଚ୍ୟୁତ ହେବେ। ବିହାରବାସୀ ନୀତିଶଙ୍କ ଶାସନ ପ୍ରତି ବିତସ୍ପୃହ ହୋଇପଡ଼ିଲେଣି। ସେମାନେ ରାଜ୍ୟରେ ଶାସନ ପରିବର୍ତ୍ତନ ଲାଗି ବ୍ୟଗ୍ର ବୋଲି ତେଜସ୍ୱୀ କହିଛନ୍ତି। ଗୁରୁବାର କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ଝାଡ଼ଖଣ୍ଡର ଏକାଧିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଆୟୋଜିତ ଜନସଭାରେ ଉଦବୋଧନ ଦେଇ କହିଛନ୍ତି ଯେ, ସୋନିଆଙ୍କ ରାହୁଲ ପ୍ଲେନ ପୁଣି ଥରେ ଝାଡ଼ଖଣ୍ଡରେ କ୍ରାସ ହେବାକୁ ଯାଉଛି। ରାଜ୍ୟରେ ବିଜେପି ନେତୃତ୍ୱରେ ଏନଡିଏ ଏଥର କ୍ଲିନ ସୁଇପ କରିବ ବୋଲି ସେ କହିଥିଲେ। ବିଜେପି କ୍ଷମତାକୁ ଆସିଲେ ସୁରକ୍ଷାକୁ ପ୍ରାଥମିକତା ଦେବ। ଏହା ସହିତ ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଝାଡ଼ଖଣ୍ଡର ବିକାଶରେ କେନ୍ଦ୍ର ସରକାର ସବୁ ପ୍ରକାର ସାହାଯ୍ୟ ସହଯୋଗ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ ଯେ, ଧାରା ୩୭୦ ଉଚ୍ଛେଦ ପରେ ଭାରତରେ ଜାମ୍ମୁ-କାଶ୍ମୀରର ମିଶ୍ରଣ ଚୁଡ଼ାନ୍ତ ହୋଇଯାଇଛି। ଏହା ଭାରତର ଏବଂ ଭାରତର ହୋଇରହିବ। ଭାରତକୁ ଜାମ୍ମୁ-କାଶ୍ମୀରକୁ କେହି ଛଡ଼ାଇପାରିବେ ନାହିଁ ବୋଲି ସେ କହିଥିଲେ।

ନେପାଳ ପ୍ରିମିୟର ଲିଗ୍ ଖେଳିବେ ଶିଖର ଧାୱନ

ନୂଆଦିଲ୍ଲୀ,୧୪।୧୧: କ୍ରିକେଟ ଛାଡିବାକୁ ଗବର୍ ଅର୍ଥାତ୍ ଶିଖର ଧାୱନଙ୍କର ଇଚ୍ଛା ନାହିଁ। ଚଳିତ ବର୍ଷ ସେ ଅଗଷ୍ଟ ମାସରେ ଅନ୍ତର୍ଜାତୀୟ କ୍ରିକେଟ ସହିତ ବିଦାୟ ନେଇଥିଲେ, କିନ୍ତୁ ଏହା ପରେ ତାଙ୍କୁ ଲିଜେଣ୍ଡସ୍ ଲିଗ କ୍ରିକେଟ (ଏଲଏଲସି ୨୦୨୪) ରେ ଖେଳୁଥିବା ଦେଖିବାକୁ ମିଳିଥିଲା। ସେ ବିଗ କ୍ରିକେଟ ଲିଗ ଖେଳିବାକୁ ପ୍ରସ୍ତୁତ ହୋଇଛନ୍ତି ଏବଂ ବର୍ତ୍ତମାନ ସେ ନେପାଳ ପ୍ରିମିୟର ଲିଗ (ଏନ୍‌ପିଏଲ୍ ୨୦୨୪) ରେ ମଧ୍ୟ ଭାଗ ନେବାକୁ ଯାଉଛନ୍ତି। ତାଙ୍କୁ ଏନ୍‌ପିଏଲ୍ ୨୦୨୪ରେ କର୍ନାଲି ୟାକ୍ସ ପାଇଁ ଖେଳୁଥିବା ଦେଖିବାକୁ ମିଳିବ।

ଏନ୍‌ପିଏଲ୍ ୨୦୨୪ରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ, ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୩୦ରୁ ଆରମ୍ଭ ହୋଇ ଡିସେମ୍ବର ୨୧ ପର୍ଯ୍ୟନ୍ତ ଚାଲିବ। ଲିଗ୍‌ରେ ମୋଟ ୩୨ଟି ମ୍ୟାଚ ଖେଳାଯିବ ଏବଂ ଫର୍ମାଟ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ପରି ହେବ। ଏଥିରେ ପ୍ଲେ ଅଫ ଏକ ଏଲିମିଟର, ଦୁଇଟି ଯୋଗ୍ୟତା ଏବଂ ପରେ ଫାଇନାଲ ମ୍ୟାଚ୍ ଅଛି। କର୍ଣ୍ଣାଲି ୟାକ୍ସଙ୍କ ଦଳ ପଦୋନ୍ନତି ପାଇଁ ସୋସିଆଲ ମିଡିଆରେ ଏକ ଭିଡିଓ କ୍ଲିପ ସେୟାର କରିଛନ୍ତି। ଏହି ଭିଡିଓରେ ଶିଖର ଧାୱନ କହିଛନ୍ତି, ନମସ୍କାର ନେପାଳ, ମୁଁ ନେପାଳ ପ୍ରିମିୟର ଲିଗ ଖେଳିବାକୁ ଆସୁଛି। ମୁଁ କର୍ଣ୍ଣାଲି ୟାକ୍ସ ପାଇଁ ଖେଳିବି, ମୁଁ ନେପାଳ ଏବଂ ଏହାର ଲୋକମାନଙ୍କୁ ଭେଟିବାକୁ ଆସୁଛି। ତେଣୁ ପ୍ରସ୍ତୁତ ରୁହନ୍ତୁ। ନେପାଳ ପ୍ରିମିୟର ଲିଗର ପ୍ରଥମ ସଂସ୍କରଣରେ ଜେମ୍ସ ନିଶାମ, ମାର୍ଟିନ ଗୁପ୍ତିଲ, ଉନ୍ମୁକ୍ତ ଚାନ୍ଦ ଏବଂ ବେନ କଟିଙ୍ଗଙ୍କ ସମେତ ଅନ୍ୟ ଅନେକ ଶ୍ରେଷ୍ଠ ଖେଳାଳି ନଜର ଆସିବେ। ଶିଖର ଧାୱନ, ପାକିସ୍ତାନର ମହମ୍ମଦ ହୁସେନ ତଲତ, ହଂକଂର ବାବର ହାୟାତ୍ ଏବଂ ୱେଷ୍ଟଇଣ୍ଡିଜର ଚାଡୱିକ ୱାଲଟନ ବ୍ୟତୀତ କର୍ନାଲି ୟାକ୍ସଙ୍କ ବିଷୟରେ କଥାବାର୍ତ୍ତା ହେଉଛି ଏହି ଚାରିଜଣ ବିଦେଶୀ ଖେଳାଳି ଯେଉଁମାନେ ଏହି ଦଳ ପାଇଁ ଖେଳିବେ। ଲିଗ୍‌ର ସମସ୍ତ ମ୍ୟାଚ ନେପାଳର କର୍ତ୍ତୀପୁରରେ ଅବସ୍ଥିତ ତ୍ରିଭୁବନ ଇଣ୍ଟରନ୍ୟାଶନାଲ ୟୁନିଭରସିଟିର କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ଶିଖର ଧାୱନ ବର୍ତ୍ତମାନ ଅନ୍ତର୍ଜାତୀୟ ତଥା ଇଣ୍ଡିଆନ ପ୍ରିମିୟର ଲିଗକୁ ବିଦାୟ ଦେଇଛନ୍ତି। ଆଇପିଏଲରେ ୬୭୦୦ରୁ ଅଧିକ ରନ ସଂଗ୍ରହ କରିଥିବା ଧାୱନ ଆଉ ଆଇପିଏଲରେ ଖେଳିବେ ନାହିଁ। ତାଙ୍କୁ ଶେଷ ଥର ପାଇଁ ପଞ୍ଜାବ କିଙ୍ଗ୍ସ ପାଇଁ ଖେଳୁଥିବା ଦେଖିବାକୁ ମିଳିଥିଲା।



ସଞ୍ଜୁ ସାମ୍‌ସନଙ୍କ ବାପାଙ୍କ ଅଭିଯୋଗ

ଧୋନି, ବିରାଟ, ରୋହିତ ଓ ଦ୍ରାବିଡ଼ଙ୍କ ପାଇଁ ମୋ ପୁଅର ଅନ୍ତର୍ଜାତୀୟ କ୍ୟାରିୟର ନଷ୍ଟ ହୋଇଗଲା

ମୁମ୍ବାଇ, ୧୪।୧୧: କ୍ରିକେଟର ସଞ୍ଜୁ ସାମ୍‌ସନଙ୍କ ବାପା ସାମ୍‌ସନ ବିଶ୍ୱନାଥଙ୍କ ଏକ ଭିଡିଓ ଭାଇରାଲ ହେଉଛି। ଏଥିରେ ସେ ଆଶ୍ଚର୍ଯ୍ୟ କରିଦେବା ଭଳି ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ମହେନ୍ଦ୍ର ସିଂହ ଧୋନି, ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପାଇଁ ତାଙ୍କ ପୁଅ ସଞ୍ଜୁ ସାମ୍‌ସନଙ୍କ ଅନ୍ତର୍ଜାତୀୟ କ୍ୟାରିୟର ପ୍ରାୟ ଏକ ଦଶନ୍ଧି ପାଇଁ ନଷ୍ଟ ହୋଇଗଲା। ଏମିତିକି ସେ ଭାରତୀୟ ଟିମ୍‌ର ପୂର୍ବତନ କୋଚ୍ ରାହୁଲ ଦ୍ରାବିଡ଼ଙ୍କୁ ମଧ୍ୟ ଏଥିପାଇଁ ଦାୟୀ କରିଛନ୍ତି। କିନ୍ତୁ ଯେତେ କଷ୍ଟ ପାଇଲେ ବି ସଞ୍ଜୁ ନିଜକୁ ଆହୁରି ଶକ୍ତିଶାଳୀ କରିଛନ୍ତି ବୋଲି ତାଙ୍କ ବାପା କହିଛନ୍ତି।

ଚଳିତ ବର୍ଷ ଟି-ଟ୍ୱେଣ୍ଟିରୁ ବିରାଟ କୋହଲି ଓ ରୋହିତ ଶର୍ମା ଅବସର ନନେବା ପର୍ଯ୍ୟନ୍ତ ସଞ୍ଜୁ ସାମ୍‌ସନ ଦଳର ନିୟମିତ ସଦସ୍ୟ ହେବା ପାଇଁ ସଂଘର୍ଷ କରୁଥିଲେ। ସଞ୍ଜୁ ସାମ୍‌ସନ ଚଳିତ ବର୍ଷ ଖେଳା ଯାଇଥିବା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତୀୟ ଦଳର ସଦସ୍ୟ ଥିଲେ। ଏଥିରେ ଭାରତ ଚାମ୍ପିୟନ ହୋଇଥିଲେ ହେଁ ସଞ୍ଜୁ ସାମସନ୍ ଗୋଟିଏ ବି ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇ ନଥିଲେ। ୱାର୍ମ ଅପ୍ ମ୍ୟାଚ୍‌ଗୁଡ଼ିକରେ ଭଲ ପ୍ରଦର୍ଶନ ନ କରିବାରୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇ ନଥିଲା। ଟି-ଟ୍ୱେଣ୍ଟି ବିଶ୍ୱକପ୍ ପରେ ଭାରତ ଶ୍ରୀଲଙ୍କା ଗସ୍ତରେ ଯାଇଥିଲେ ମଧ୍ୟ ସଞ୍ଜୁ ସାମସନଙ୍କୁ ଅଣଦେଖା କରାଯାଇଥିଲା। ତେବେ ପରେ ଭାରତର ଟି-ଟ୍ୱେଣ୍ଟି ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଓ ନୂଆ କୋଚ୍ ଗୌତମ ଗମ୍ଭୀର ତାଙ୍କ ଉପରେ ଭରସା ଦେଖାଇଛନ୍ତି। ଫଳସ୍ୱରୂପ ସେ ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଲଗାତାର ଦୁଇଟି ଶତକ ମାରିଛନ୍ତି। ନିକଟରେ ସଞ୍ଜୁ ସାମସନ କହିଥିଲେ ଯେ ଦୁଲୀପ ଟ୍ରଫି ବେଳେ ସୂର୍ଯ୍ୟ କୁମାର ଯାଦବ ତାଙ୍କ ନିକଟକୁ ଆସିଥିଲେ ଓ ପରବର୍ତ୍ତୀ ୭ଟି ମ୍ୟାଚ୍‌ରେ ତାଙ୍କୁ ଓପନିଂ କରିବାକୁ ପଡ଼ିବ ବୋଲି କହିଥିଲେ। ଏଥିପାଇଁ ସେ ପୂରା ସମର୍ଥନ କରିବେ ବୋଲି କହିଥିଲେ। ତାଙ୍କ କ୍ୟାରିୟରେ ପ୍ରଥମ ଥର ପାଇଁ କେହି ତାଙ୍କୁ ଏଭଳି ସ୍ପଷ୍ଟ କଥା କହିଥିଲେ ଓ ତାଙ୍କ ଆତ୍ମବିଶ୍ୱାସ ବଢ଼ାଇଥିଲେ।

ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ଅଷ୍ଟ୍ରେଲିଆକୁ ଚେତାବନୀ ଦେଲା ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ,୧୪।୧୧: ନଭେମ୍ବର ୨୨ରୁ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ୨୦୨୪ର ପ୍ରଥମ ଟେଷ୍ଟ ଆରମ୍ଭ ହେବ। ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍ ଫାଇନାଲ୍ ଖେଳିବାକୁ ହେଲେ ଏହି ସିରିଜ ଜିତିବା ଟିମ ଇଣ୍ଡିଆ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଭାରତୀୟ ଦଳ କାହା ଉପରେ ନିର୍ଭର ନ କରି ଡବ୍ଲ୍ୟୁଟିସି ଫାଇନାଲକୁ ଯିବାକୁ ଚାହାଁନ୍ତି, ତା'ହେଲେ ଏହାଁ ପୂର୍ବରୁ ବର୍ଡର-ଗାଭାସ୍କର ଟ୍ରଫିରେ ଅତି କମରେ ୪ଟି ମ୍ୟାଚ ଜିତିବାକୁ ପଡ଼ିବ। ଠିକ ଏହି ଚ୍ୟାଲେଜିଂ ଟେଷ୍ଟ ସିରିଜ୍ ପୂର୍ବରୁ ଟିମ ଇଣ୍ଡିଆ ଅଷ୍ଟ୍ରେଲିଆକୁ ଚେତାବନୀ ଦେଇଛି।

ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ (ବିସିସିଆଇ) ଏକ ଭିଡିଓ ଜାରି କରିଛି। ଏଥିରେ ଭାରତୀୟ ଖେଳାଳି ଏବଂ କୋଚମାନେ ମଧ୍ୟ ଅଷ୍ଟ୍ରେଲିଆ ଗସ୍ତରେ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ଭାରତର ବୋଲିଂ କୋଚ ମର୍ନେ ମର୍କେଲ ଏବଂ ଉଭୟ ଆସିଷ୍ଟାଣ୍ଟ କୋଚ (ଅଭିଷେକ ନାୟାର ଏବଂ ରିଆନ ଟେନ୍ ଡୋସଚାଟେ) କହିଛନ୍ତି, ଅଷ୍ଟ୍ରେଲିଆ, ଆମେ ପହଞ୍ଚିଛୁ। ଅଭିଷେକ ନାୟାର କହିଛନ୍ତି, ଏଠାକୁ ଆସିବା ଏବଂ ଭଲ ଖେଳିବା ନିଜ ପାଇଁ ଏକ ଚ୍ୟାଲେଞ୍ଜ, କିନ୍ତୁ ବିରାଟ କୋହଲି, ରୋହିତ ଶର୍ମା, ରବିନ୍ଦ୍ର ଜାଡେଜା ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କ ଏଠାରେ ଖେଳିବାର ଅନେକ ଅଭିଜ୍ଞତା ରହିଛି। ତାଙ୍କ ଉପସ୍ଥିତି ସହିତ, ଯୁବ ଖେଳାଳିମାନେ ବହୁତ କିଛି ଶିଖିବେ। ବୋଲିଂ କୋଚ ମର୍ନେ ମର୍କେଲ ଆଜି ବର୍ଡର-ଗାଭାସ୍କର ଟ୍ରଫିକୁ ଚଳିତ ବର୍ଷର ଅନ୍ୟତମ ସ୍ୱତନ୍ତ୍ର କ୍ରିକେଟ ଟୁର୍ନାମେଣ୍ଟ ବୋଲି କହିଛନ୍ତି।ସ୍

ଅଭିଷେକ ନାୟାର ମଧ୍ୟ ଏହି ଭିଡିଓରେ କହିଛନ୍ତି, କୋଚ ଗୌତମ ଗମ୍ଭୀର ସମସ୍ତଙ୍କ ସହ କଥାବାର୍ତ୍ତା କରି ସମସ୍ତ ଖେଳାଳିଙ୍କ ମନୋବଳ ବଢାଇବାକୁ ଚେଷ୍ଟା କରୁଛନ୍ତି। ଅଭ୍ୟାସ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗୌତମ ଭାଇ ସମସ୍ତ ଖେଳାଳିଙ୍କ ସହ କଥା ହୋଇଥିଲେ। ରୋହିତ, ବିରାଟ ଏବଂ ଅଶ୍ୱିନ ମଧ୍ୟ ଯୁବକମାନଙ୍କ ସହ କଥାବାର୍ତ୍ତା କରୁଛନ୍ତି । ଅଷ୍ଟ୍ରେଲିଆ ସିରିଜ ଶେଷ ହେବା ପରେ ସେମାନେ କିପରି ଭଲ କ୍ରିକେଟର ହୋଇଥାନ୍ତେ। ରିଆନ କହିଛନ୍ତି,ଲଗାତାର ଦୁଇଥର ବର୍ଡର-ଗାଭାସ୍କର ଟ୍ରଫି ଜିତିବା ଭାରତ ପାଇଁ ଗର୍ବର ବିଷୟ।

ପ୍ରଥମ ଟେଷ୍ଟ ମ୍ୟାଚ ୨୨ ନଭେମ୍ବରରୁ ପର୍ଥରେ ଖେଳାଯିବ। ପର୍ଥ ପିଚ ଦ୍ରୁତ ବୋଲରମାନଙ୍କୁ

ବହୁତ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି, ଯେଉଁଥିରେ ଏକ ଶକ୍ତିଶାଳୀ ବାଉନ୍ସ ଦେଖିବାକୁ ମିଳେ। ସୂଚନାଯୋଗ୍ୟ ଯେ, ଭାରତୀୟ ଅଧିନାୟକ ରୋହିତ ଶର୍ମା ପ୍ରଥମ ଟେଷ୍ଟ ଖେଳିବେ ନାହିଁ ଏବଂ ଜସପ୍ରୀତ ବୁମ୍ରା ତାଙ୍କ ସ୍ଥାନରେ ଅଧିନାୟକତ୍ୱ ଗ୍ରହଣ କରୁଥିବା ଦେଖିବାକୁ ମିଳିବ।

ଅର୍ଜୁନ ତେନ୍ଦୁଲକରଙ୍କ ଉପରେ ହେବ ଟଙ୍କା ବର୍ଷା



ନୂଆଦିଲ୍ଲୀ,୧୪।୧୧: ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଏପର୍ଯ୍ୟନ୍ତ ଆଇପିଏଲରେ କିଛି ବିଶେଷ କରିପାରି ନାହାଁନ୍ତି। ତାଙ୍କୁ ମଧ୍ୟ କମ ସୁଯୋଗ ମିଳିଛି। ଅର୍ଜୁନ ଆଇପିଏଲରେ ମାତ୍ର ୫ଟି ମ୍ୟାଚ ଖେଳିଛନ୍ତି। ଆଇପିଏଲ ୨୦୨୫ର ମେଗା ନିଲାମରେ ଅର୍ଜୁନ ଏକ ଭଲ ପରିମାଣ ରୋଜଗାର କରିପାରିବେ। ଏହାର ସବୁଠାରୁ ବଡ କାରଣ ହେଉଛି ତାଙ୍କର ବର୍ତ୍ତମାନର ପ୍ରଦର୍ଶନ। ରଣଜୀ ମ୍ୟାଚରେ ଅର୍ଜୁନ ଚମତ୍କାର ବୋଲିଂ କରିଛନ୍ତି। ଗୋଆ ଏବଂ ଅରୁଣାଚଳ ପ୍ରଦେଶ ମଧ୍ୟରେ ରଣଜୀ ଟ୍ରଫି ପ୍ଲେଟରେ ଏହି ମ୍ୟାଚ ଖେଳାଯାଉଛି। ପ୍ରଥମ ଇନିଂସରେ ଅରୁଣାଚଳ ମାତ୍ର ୮୪ ରନରେ ଅଲଆଉଟ୍ ହୋଇଛି। ଗୋଆର ବୋଲର ଅର୍ଜୁନ ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇଥିଲେ। ସେ ୯ ଓଭରରେ ୨୫ ରନ ଦେଇ ୫ ଉଇକେଟ ନେଇଥିଲେ। ଏହା ସହିତ ୩ଟି ମେଡେନ୍ ଓଭର ମଧ୍ୟ ପକାଇଥିଲେ।

ଅର୍ଜୁନ ବର୍ତ୍ତମାନ ପର୍ଯ୍ୟନ୍ତ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସର ଏକ ଅଂଶ ରହିଆସିଛନ୍ତି। ମୁମ୍ବାଇ ତାଙ୍କୁ ୨୦୨୦ରେ ୨୦ ଲକ୍ଷ ଟଙ୍କାରେ କିଣିଛି। ଏହା ପରେ ତାଙ୍କ ଦରମା ୨୦୨୨ ରେ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ତାଙ୍କୁ ଅଧିକ ଖେଳିବାର ସୁଯୋଗ ମିଳିଲା ନାହିଁ। ୫ଟି ଆଇପିଏଲ ମ୍ୟାଚରେ ଅର୍ଜୁନ ୩ଟି ଉଇକେଟ ନେଇଛନ୍ତି। କିନ୍ତୁ ସେ ଫର୍ମରେ ଅଛନ୍ତି। ତେଣୁ ମେଗା ନିଲାମରେ ଭଲ ଟଙ୍କା ରୋଜଗାର କରିପାରିବେ। ମୁମ୍ବାଇ ପୁଣି ଅର୍ଜୁନଙ୍କୁ ବାଜି ଲଗାଇପାରେ। ଅର୍ଜୁନଙ୍କ ଘରୋଇ କ୍ରିକେଟ କ୍ୟାରିୟରରେ ୧୬ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଛନ୍ତି। ଏହି ଅବଧି ମଧ୍ୟରେ ୧୨୦୮ ରନ ସ୍କୋର କରିଛନ୍ତି। ଅର୍ଜୁନ ୩୨ ଉଇକେଟ ନେଇଛନ୍ତି। ବିଶେଷ କଥା ହେଉଛି ସେ ବ୍ୟାଟ ସହିତ ଚମତ୍କାର ପ୍ରଦର୍ଶନ ମଧ୍ୟ କରିଛନ୍ତି। ଏହି ଫର୍ମାଟରେ ଅର୍ଜୁନ ୫୩୨ ରନ ସ୍କୋର କରିଛନ୍ତି। ସେ ଗୋଟିଏ ଶତକ ଏବଂ ଅର୍ଦ୍ଧଶତକ ହାସଲ କରିଛନ୍ତି । ସେ ୧୫ ତାଲିକା ଏ ମ୍ୟାଚରେ ୨୧ ଉଇକେଟ ନେଇଛନ୍ତି। ଟି-୨୦ ରେ ୨୭ଟି ଉଇକେଟ ନେଇଛନ୍ତି।

ତିଳକ ବର୍ମାଙ୍କ ଆଇପିଏଲ୍ ଦରମା ୮ କୋଟି

ନୂଆଦିଲ୍ଲୀ,୧୪।୧୧: ଅଗଷ୍ଟ ୨୦୨୩ରେ ତିଲକ ବର୍ମା ଭାରତ ପାଇଁ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଡେବ୍ୟୁ କରିବାର ଏକ ବର୍ଷ ପରେ ମଧ୍ୟ ସେ ଦୀର୍ଘ ସମୟ ଧରି ଖୋଜୁଥିବା ଖ୍ୟାତି ପାଇପାରିଲେ ନାହିଁ। କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି -୨୦ ସିରିଜର ତୃତୀୟ ମ୍ୟାଚ୍‌ରେ ତାଙ୍କର ୧୦୭ ଶତକ ରନ ତିଲକଙ୍କୁ ରାତାରାତି ସୁପରଷ୍ଟାର ଖେଳାଳି ମାନ୍ୟତା ଦେଇଛି। କିନ୍ତୁ ଆପଣ ଜାଣନ୍ତି କି ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବା ଏହି ଖେଳାଳି କେତେ ଦରମା ପାଆନ୍ତି?

ସୂଚନାଯୋଗ୍ୟ, ତିଲକ ଭର୍ମା ୨୦୨୨ ପରଠାରୁ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ ତାଙ୍କୁ ଆଇପିଏଲ୍ ୨୦୨୪ ପାଇଁ ମଧ୍ୟ ରଖିଛି। ପରବର୍ତ୍ତୀ ସିଜିନ୍‌ରେ ଖେଳିବା ପାଇଁ ତାଙ୍କୁ ୮ କୋଟି ଟଙ୍କା ଦରମା ମିଳିବ, ମାତ୍ର ୨୦୨୪ ମସିହାରେ ତାଙ୍କର ଦରମା ମାତ୍ର ୧.୭ କୋଟି ଟଙ୍କା ଥିଲା। ଏହାର ଅର୍ଥ ହେଉଛି ଗୋଟିଏ ସିଜିନ୍‌ରେ ତିଲକଙ୍କ ଆଇପିଏଲ ଦରମା ସାଢେ ଚାରି ଗୁଣ ବୃଦ୍ଧି ହେବାକୁ ଯାଉଛି। ଅନ୍ୟପକ୍ଷରେ, ଭାରତୀୟ କ୍ରିକେଟ ଦଳ ପାଇଁ ଖେଳିବା ପାଇଁ ତାଙ୍କୁ ବାର୍ଷିକ ଏକ କୋଟି ଟଙ୍କା ମିଳିଥାଏ କାରଣ ସେ ବିସିସିଆଇର ଗ୍ରେଡ ସି ତାଲିକାରେ ସ୍ଥାନ ପାଇଛନ୍ତି। ୨୦୨୧-୨୦୨୨ ଘରୋଇ ସିଜିନ୍‌ରେ ଭଲ ପ୍ରଦର୍ଶନ କରି ତିଲକ ଭର୍ମା ଲାଇମଲାଇଟରେ ଆସିଥିଲେ। ସେହି ସିଜିନ୍‌ରେ ପ୍ରଥମ ବିଜୟ ହଜାରେ ଟ୍ରଫିର ପାଞ୍ଚଟି ମ୍ୟାଚରେ ୧୮୦ ରନ ସ୍କୋର କରିବା ବ୍ୟତୀତ ତିଲକ ୪ଟି ଉଇକେଟ ନେଇଥିଲେ। ଅନ୍ୟପକ୍ଷରେ ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ୭ଟି ମ୍ୟାଚ ଖେଳିବାବେଳେ ସେ ୨୧୫ ରନ ସ୍କୋର କରିଥିଲେ। ଘରୋଇ ସିଜିନ୍‌ରେ ଏକ ଚମତ୍କାର ପ୍ରଦର୍ଶନ ପରେ, ସେ ଆଇପିଏଲ ଚୁକ୍ତିନାମା ପାଇଲେ ଯେହେତୁ ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କୁ ୨୦୨୨ରେ ୧.୭ କୋଟି ଟଙ୍କାରେ କିଣିଥିଲେ। ସେ ବର୍ତ୍ତମାନ ପର୍ଯ୍ୟନ୍ତ ସମାନ ଦରମା ପାଉଥିଲେ, କିନ୍ତୁ ବର୍ତ୍ତମାନ ତାଙ୍କୁ ଆଇପିଏଲ ୨୦୨୫ ପାଇଁ ୮ କୋଟି ଟଙ୍କା ମିଳିବ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ତିନି ବର୍ଷ...

ପୁରସ୍କାର ମିଳିବ। ଶ୍ରେଷ୍ଠ ମୁଖ୍ୟ ଅଭିନେତା ଅଙ୍କିତ କୁମାରଙ୍କୁ ଭୋକ ପାଇଁ ପୁରସ୍କାର ମିଳିବ। ଦୀପନ୍ୱିତ ଦାଶମହାପାତ୍ରଙ୍କୁ ପ୍ରତୀକ୍ଷା ପାଇଁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିବ। ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ସୂର୍ଯ୍ୟମୟୀ ମହାପାତ୍ର (ଡାଲଚିନି) ପାଇବେ। ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ (ବାଳକୃଷ୍ଣ ଦାଶ ପୁରସ୍କାର) ପାଇଁ ଅଭିଜିତ ମଜୁମ୍ଦାର (ତୃଷ୍ଣା) ଚୟନ ହୋଇଛନ୍ତି। ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ସ୍ୱୟମ୍ ପ୍ରଭାସ ପାଢ଼ୀ (ଗୀତ: ଅନାବନା ବାଟ ସବୁ ଲାଗେ ଆପଣା, ଚଳଚ୍ଚିତ୍ର: ଅରୁନ୍ଧତୀ)ଙ୍କ ନାମ ଚୟନ କରାଯାଇଥିବା ବେଳେ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ସୋହିନୀ ମିଶ୍ର (ଗୀତ ହାଏରେ ମୁଁ ଅରୁନ୍ଧତୀ, ଚଳଚ୍ଚିତ୍ର: ଅରୁନ୍ଧତୀ) ପୁରସ୍କାର ଗ୍ରହଣ କରିବେ। ୨୦୨୧ ବର୍ଷ ପାଇଁ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର ପାଇବେ ଶ୍ରୀନିବାସ ମହାପାତ୍ର। ସେହିପରି ୩୪ତମ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୨ ବର୍ଷ ପାଇଁ ଜୟୀରାମ ସାମଲ ଜୀବନବ୍ୟାପୀ ସାଧନା ପୁରସ୍କାର ପାଇବେ। ପ୍ରଯୋଜକ ଦୀପେନ୍ଦ୍ର ସାମଲଙ୍କ ଚଳଚ୍ଚିତ୍ର 'ପ୍ରତୀକ୍ଷା' ଓ ଡାଲ୍‌ଚିନିପୁରସ୍କାର ମିଳିବ। ଏହି ଚଳଚ୍ଚିତ୍ରର ଅଭିନେତା ବାବୁସାନ୍ ମହାନ୍ତି ଶ୍ରେଷ୍ଠ ମୁଖ୍ୟ ଅଭିନେତା ପୁରସ୍କାର ଗ୍ରହଣ କରିବେ। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମାୟାବୀ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ନାମ ଚୟନ କରାଯାଇଛି। ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ ପରସ୍କାର ପାଇବାକୁ ଲୋପାମୁଦ୍ରା ମିଶ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ପଙ୍କଜ ଜାଲ ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ପୁରସକାର ପାଇବେ। ସେ ଖରା-ଦ ହିଟ୍ ପାଇଁ ଏହି ପୁରସ୍କାର ପାଇବେ। ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ମାଧବ ଦାସ ଓ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ଦୀପ୍ତିରେଖା ପାଢ଼ୀ (ମହାବାହୁ) ପୁରସ୍କାର ଗ୍ରହଣ କରିବେ।

ଚଳଚ୍ଚିତ୍ର ପୁରସ୍କାର ପାଇଁ ଏକ ଜୁରୀ ଗଠନ ହୋଇଥିଲା। ଏହି କମିଟିରେ ସବ୍ୟସାଚୀ ମହାପାତ୍ର, ଗୋପାଳକୃଷ୍ଣ ମହାପାତ୍ର, ଅମରେଶ ପଟ୍ଟନାୟକ, ଶେଖର ଘୋଷ ଓ ବନଜା ମହାନ୍ତି ଥିଲେ।

ମନ୍ତ୍ରୀଙ୍କ ପାଇଁ ...

ଯାଇପାରିବେ। ମନ୍ତ୍ରୀମାନେ ମଧ୍ୟ ଏହି ସୁବିଧା ଉପଲବ୍ଧ କରୁଥିଲେ। ତେବେ ସେମାନଙ୍କୁ ଯାତ୍ରା ପୂର୍ବରୁ ବିମାନ ଯାତ୍ରାର ଆବଶ୍ୟକତା ଦର୍ଶାଇ ଅର୍ଥ ବିଭାଗର ଅନୁମତି ଆଣୁଥିଲେ। ଏବେ ଅର୍ଥ ବିଭାଗ ମନ୍ତ୍ରୀମାନଙ୍କୁ ବିଳାସପୂର୍ଣ୍ଣ ଯାତ୍ରା ପାଇଁ ଖୋଲା ଅନୁମତି ଦେଇଦେଇଛି। ଅର୍ଥାତ ପ୍ରତିଥର ଗସ୍ତ ପୂର୍ବରୁ ଏଣିକି ଆଉ କ୍ୟାବିନେଟ କି ରାଷ୍ଟ୍ରମନ୍ତ୍ରୀମାନଙ୍କୁ ଅର୍ଥ ବିଭାଗର ଅନୁମତି ଦରକାର ନାହିଁ। ସେପଟେ ବିଭିନ୍ନ ପ୍ରଶିକ୍ଷଣ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ଓ ଅଫିସରଙ୍କୁ ଏଣିକି ଆଉ ପ୍ରଶିକ୍ଷଣ ଭତ୍ତା (ଟ୍ରେନିଂ ଆଲାଉନ୍ସ) ମିଳିବ ନାହିଁ । ରାଜ୍ୟ ସରକାରଙ୍କ ସମସ୍ତ ପ୍ରଶିକ୍ଷଣ ସଂସ୍ଥା ନିମନ୍ତେ ଏହି ନିର୍ଦ୍ଦେଶ ତତ୍କାଳ ପ୍ରଭାବରୁ କାର୍ଯ୍ୟକ୍ଷମ ହୋଇଛି । ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସରକାରଙ୍କ ସମସ୍ତ ପ୍ରଶିକ୍ଷଣ କେନ୍ଦ୍ରରେ କାର୍ଯ୍ୟରତ ଅଫିସର ଓ କର୍ମଚାରୀଙ୍କୁ ମିଳୁଥିବା ପ୍ରଶିକ୍ଷଣ ଓ ଅନ୍ୟାନ୍ୟ ଅତିରିକ୍ତ ଭତ୍ତାକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ମଧୁସୂଦନ ଦାସ ରିଜିଓନାଲ ଏକାଡେମୀ ଅଫ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ, ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ, ଓଡ଼ିଶା ଜୁଡ଼ିସିଆଲ ଏକାଡେମୀ ଆଦି ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ଏକାଡେମୀ, କଲେଜ, ସ୍କୁଲ ଆଦି ସଂସ୍ଥାନରେ ପ୍ରଶିକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଫିସରଙ୍କୁ ମିଳୁଥିବା ଏହି ଭତ୍ତା ପ୍ରତ୍ୟାହାର କରାଯାଇଛି ।

ଚାଷୀଙ୍କୁ...

କରିବାର ଆବଶ୍ୟକତା ରହିଛି। ଚାଷୀ, କାରିଗର, ହସ୍ତଶିଳ୍ପୀ, ବୁଣାକାର, ମତ୍ସ୍ୟଜୀବୀ, ଦୁଗ୍ଧ ଉତ୍ପାଦକ ପ୍ରଭୃତି ପ୍ରାଥମିକ ଅର୍ଥନୀତି ସହ ଜଡିତ ସମସ୍ତ ନାଗରିକ ସମବାୟ ଆନ୍ଦୋଳନରେ ସାମିଲ। ଉତ୍କଳ ଗୌରବ ମଧୁସୂଦନ ଦାସ ପ୍ରଥମେ ଓଡିଶାରେ ସମବାୟର ମୂଳଦୁଆ ପକାଇଥିଲେ। ୧୮୯୮ ମସିହାରେ କଟକ ଠାରେ ଏକ ସମବାୟ ଷ୍ଟୋର ପ୍ରତିଷ୍ଠା ହୋଇଥିଲା। ୧୯୦୪ ମସିହାରେ ସମବାୟ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ପ୍ରଥମ ଆଇନ୍ ପ୍ରଣୟନ ହେଲା। କଟକ ଜିଲ୍ଲା ବାଙ୍କୀରେ ସମବାୟ ଅନୁଷ୍ଠାନର ବିଧିବଦ୍ଧ ଭାବେ ଗଠନ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ଧାନ କିଣାଣ ସମ୍ପୂର୍ଣ୍ଣ ଦାୟିତ୍ୱ ସମବାୟ ବିଭାଗ ଉପରେ ନ୍ୟସ୍ତ। ପ୍ରାଥମିକ କୃଷି ସମବାୟ ସମିତି ଏବଂ ବୃହତ୍ତ ଆଦିବାସୀ ବହୁମୁଖୀ ସମବାୟ ସମିତି ୪୦୦୦ରୁ ଉର୍ଦ୍ଧ୍ୱ ଧାନ ସଂଗ୍ରହ କେନ୍ଦ୍ର ପରିଚାଳନା କରିବେ। ଚାଷୀମାନେ ଯେପରି ସ୍ୱଚ୍ଛ, ସରଳ ଏବଂ ପାରଦର୍ଶୀ ପ୍ରକ୍ରିୟାରେ ବିନା କଟନୀ ଛଟନୀରେ ଧାନ ବିକ୍ରୟ କରି ପ୍ରାପ୍ୟ ୪୮ ଘଣ୍ଟା ମଧ୍ୟରେ ପାଇବେ ସେଥିପାଇଁ କାର୍ଯ୍ୟ କରନ୍ତୁ। ନଚେତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାଥମିକ ସମବାୟ ସଂସ୍ଥାଗୁଡିକ କୃଷି ଋଣର ଏଭର ଗ୍ରିନିଂ ବନ୍ଦ କରିବା ଆବଶ୍ୟକ। ସମିତି ଗୁଡ଼ିକର ଖାତାପତ୍ର ଏବଂ ଆକାଉଣ୍ଟସ ଅପଟୁଡେଟ୍ କରିବା ପ୍ରତି ନିବନ୍ଧକମାନେ ଦୃଷ୍ଟି ଦିଅନ୍ତୁ। ସମସ୍ତ ପ୍ରକ୍ରିୟା କମ୍ପ୍ୟୁଟରୀକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମବାୟ ପତାକା ଉତ୍ତୋଳନ ଓ ମାର୍ଗଦର୍ଶିକା ପୁସ୍ତିକା ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ, ସମବାୟ ଗ୍ରାମ୍ୟ ବିକାଶର ଏକ ବଳିଷ୍ଠ ମାଧ୍ୟମ। ସମବାୟ ଆନ୍ଦୋଳନ ଦ୍ୱାରା ସମାଜର ଦରିଦ୍ରତମ ଲୋକଙ୍କ ନିକଟରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ବିଭାଗୀୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ସମବାୟ ୟୁନିୟନ ସଭାପତି ପ୍ରବାସିନୀ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମବାୟ ସମିତି ସମୂହ ନିବନ୍ଧକ ପଭୁ କଲ୍ୟାଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଆଭାସୀରେ...

ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଭେଙ୍କଟେଶ ଯୋଶୀ, କେନ୍ଦ୍ର ଶକ୍ତି, ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟଶୋ ନାଏକ, ରାଜ୍ୟ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଉପସ୍ଥିତ ରହିବେ। କାର୍ଯ୍ୟକ୍ରମରେ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହେବ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲ୍ଲାରେ ମନ୍ତ୍ରୀ ସୁରେଶ ପୂଜାରୀ, କଳାହାଣ୍ଡିରେ ମନ୍ତ୍ରୀ ରବି ନାରାୟଣ ନାଏକ, ଢେଙ୍କାନାଳରେ କୃଷ୍ଣ ଚନ୍ଦ୍ର ପାତ୍ର, କଟକରେ ପୃଥ୍ୱୀରାଜ ହରିଚନ୍ଦନ, ମାଲକାନାଗିରିରେ ଡ. ମୁକେଶ ମହାଲିଙ୍ଗ, ଗଞ୍ଜାମରେ ବିଭୂତି ଭୂଷଣ ଜେନା, ମୟୂରଭଞ୍ଜରେ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ଗଣେଶ ରାମ ସିଂଖୁଣ୍ଟିଆ, କଳାହାଣ୍ଡିରେ ସୂର୍ଯ୍ୟବଂଶୀ ସୂରଜ, ଯାଜପୁରରେ ପ୍ରଦିପ ବଳ ସାମନ୍ତ, ବାଲେଶ୍ୱରରେ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ସ୍ଥାନୀୟ ସାଂସଦ ଓ ବିଧାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ବିପ୍ଳବୀ ସହିଦ ବିର୍ସା ମୁଣ୍ଡାଙ୍କ ୧୫୦ ତମ ପୂଣ୍ୟ ଜୟନ୍ତୀ ଅବସରରେ ୨୦୨୫ ମସିହାକୁ ଜନଜାତି ଗୌରବ ବର୍ଷ ରୂପେ ପାଳନ କରିବା ନିମନ୍ତେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ବର୍ଷ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଆଦିବାସୀ ହସ୍ତତନ୍ତ ଓ ହସ୍ତଶିଳ୍ପର ସମ୍ବଳିତ ବିଭିନ୍ନ କାର୍ଯ୍ୟକ୍ରମ, ଆଦିବାସୀ ହସ୍ତଶିଳ୍ପୀମାନଙ୍କ ଉତ୍ପାଦର ପ୍ରସାର ଓ ମାର୍କେଟିଂ ପାଇଁ କାର୍ଯ୍ୟକ୍ରମ, ସିକିଲ ସେଲ୍ ଆନାମିଆ ରୋଗ ସମ୍ପର୍କରେ ସଚେତନତା ଇତ୍ୟାଦିର ଆୟୋଜନ କରାଯିବ।

ମଧ୍ୟାହ୍ନ...

ବିଦ୍ୟାଳୟ ଯୋଜନା ଅଧୀନରେ ବାଳିକା ହଷ୍ଟେଲ ନିମନ୍ତେ କେନ୍ଦ୍ର ସରକାରଙ୍କ ଠାରୁ ଅନୁମୋଦନ ମିଳିସାରିଛି। ଏହାର ବାର୍ଷିକ ୧୮୭.୧୫ କୋଟି ଟଙ୍କା ବ୍ୟୟ ସରକାର ବହନ କରିବେ।

ମଧ୍ୟାହ୍ନ ଭୋଜନ ମୂଲ୍ୟରେ ପ୍ରତି ବିଦ୍ୟାର୍ଥୀ ପ୍ରତି ୧ ଟଙ୍କା ବୃଦ୍ଧି ହୋଇଛଇ। ସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନଙ୍କୁ ପୌଷ୍ଟିକ ଗରମ ରନ୍ଧା ଖାଦ୍ୟ ଯୋଗାଇ ଦେବା ଏହାର ଉଦ୍ଦେଶ୍ୟ। ୪୩ ଲକ୍ଷ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଯୋଜନାରେ ଉପକୃତ ହେଉଛନ୍ତି। ବର୍ତ୍ତମାନର ବଜାର ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ଦୈନିକ ପଢ଼ି ମୂଲ୍ୟ ଉପରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ୧ଟଙ୍କା ଲେଖାଏଁ ବୃଦ୍ଧି କରିଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ବିଦ୍ୟାର୍ଥୀଙ୍କ ଭିତରେ ଅପାର ସମ୍ଭାବନା ଏବଂ ପ୍ରତିଭା ରହିଛି। ସେମାନେ ନିଜ ଭିତର ଲୁକ୍କାୟିତ ଗୁଣାବଳୀ ଏବଂ ଦକ୍ଷତାକୁ ଚିହ୍ନଟ କରନ୍ତୁ। ସୁରଭି ଏକ ସୁନ୍ଦର ଏବଂ ନିଆରା ମଞ୍ଚ, ଯାହା ମାଧ୍ୟମରେ ସେମାନଙ୍କୁ କଳା, ପ୍ରତିଭା ଏବଂ ସୃଜନଶୀଳତା ଉପସ୍ଥାପନ କରିବାର ସୁଯୋଗ ମିଳୁଛି।।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ପି.ଏମ୍. ପୋଷଣ' ନିର୍ଦ୍ଦେଶାବଳୀ ଏବଂ 'ବିଦ୍ୟାବନ୍ତ ବିଦ୍ୟାର୍ଥୀ, ବିକଶିତ ଓଡିଶା' ନାମକ ଏକ କଫି ଟେବଲ ପୁସ୍ତକ, ଐତିହ୍ୟ ବିଦ୍ୟାଳୟ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଲୋଗୋ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ କହିଲେ ଯେ, ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେବଳ ସରକାର ଉଦ୍ୟମ କଲେ ହେବ ନାହିଁ, ଏଥିରେ ସମସ୍ତଙ୍କର ଯୋଗଦାନ କରିବାର ଆବଶ୍ୟକତା ରହିଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ସୁରଭି କାର୍ଯ୍ୟକ୍ରମରେ ପିଲାମାନଙ୍କର ଯେଉଁ ପ୍ରତିଭା ଦେଖିବାକୁ ମିଳୁଛି, ତାହା ବାସ୍ତବରେ ପ୍ରଶଂସନୀୟ। ଏକାମ୍ର ବିଧାୟକ ବାବୁ ସିଂହ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଏବଂ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ୩୦ ଜିଲ୍ଲାର ୨୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ବୁଡ଼ିଗଲେ ଦୁଇ ଭାଇ

ଢେଙ୍କାନାଳ, ୧୪।୧୧ (ସଂଚାର ବ୍ୟୁରୋ): ବଡ଼ଓଷା ପାଇଁ ସକାଳୁ ମନ୍ଦିର ଯିବେ ବୋଲି ପୋଖରୀକୁ ଗାଧୋଇବାକୁ ଯାଇଥିଲେ ଦୁଇ ଭାଇ। କିନ୍ତୁ ଘରକୁ ଫେରିପାରିଲେନି। ବୁଡ଼ିଯାଇ ପ୍ରାଣ ହରାଇଲେ। ଏପରି ଦୁଃଖଦ ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା ଏକତାଳି ଗାଁରେ। ଜଣଙ୍କ ବୟସ ୭ବର୍ଷ ଅନ୍ୟ ଜଣଙ୍କୁ ୮ବର୍ଷ ବୋଲି ଜଣାଯାଇଛି। ଆଜି ବଡ଼ ଓଷା ଥିବାରୁ ମନ୍ଦିର ଯିବା ପାଇଁ ୨ ସଂପର୍କୀୟ ଭାଇ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଅସାବଧାନତାରୁ ଉଭୟଙ୍କ ଗୋଡ଼ ଖସି ଯାଇଥିଲା। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଉଭୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ, ହେଲେ ପାଇ ନ ଥିଲେ। ପରେ ଉଭୟଙ୍କୁ ପୋଖରୀରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଉଭୟଙ୍କ ମୃତ୍ୟୁ ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି।

ପିସିଆର ଭ୍ୟାନ ଧକ୍କାରେ ଯୁବକ ଗୁରୁତର

ଖୋର୍ଦ୍ଧା,୧୪।୧୧(ସଂଚାର ବ୍ୟୁରୋ): ୧୬ନଂ ଜାତୀୟ ରାଜପଥର ତୋଟାପଡା ଛକରେ ଏକ ପିସିଆର ଭ୍ୟାନ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ଆଦର୍ଶଥାନା ପୁଲିସ ଘଟଣାସ୍ଥଳରେ ପହଁଚି ଲୋକଙ୍କୁ ବୁଝାସୁଝା କରିବା ସହ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମେଡିକାଲକୁ ପଠାଇଛି।ଗୁରୁତରଙ୍କ ପରିଚୟ ମିଳିନି। ପ୍ରକାଶଥାଉକି,ଯୁବକ ଜଣକ ରାତିରେ ରାସ୍ତାପାର ହେଉଥିବାବେଳେ ଦ୍ରୁତଗତିରେ ଆସୁଥିବା ଏକ ପିସିଆର ଭ୍ୟାନ ତାଙ୍କୁ ଧକ୍କାଦେଇ ଘଟଣାସ୍ଥଳରୁ ଫେରାର ହୋଇଛି ।ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଦେଖାଦେଇଛି। ପିସିଆର ଗାଡି ଧକ୍କାଦେଇ ପଳାଇବା ଘଟଣାକୁ ସମସ୍ତେ ବିରୋଧ କରିଥିବାବେଳେ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମେଡିକାଲ କୁ ପଠାଯାଇଛି ।ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।

ଜନ୍ମମାଟିର ମୋହରେ ଇଟାଲିରୁ ଆସି ଓଡ଼ିଶା ବୁଲିଲେ ବର୍ଷା

କଟକ, ୧୪।୧୧ (ସଂଚାର ବ୍ୟୁରୋ) : ରହୁଛନ୍ତି ଇଟାଲିରେ। କିନ୍ତୁ ଜନ୍ମମାଟିର ମୋହ ଛାଡି ପାରିନାହାନ୍ତି। ନିଜ ସାଙ୍ଗସାଥୀ ତଥା ଯେଉଁଠାରେ ବଢିଥିଲେ ସେହି ପରିବେଶର ଆକର୍ଷଣରେ ଛୁଟି ଆସିଛନ୍ତି ସୁଦୂର ଇଟାଲିରୁ । ନାଁ ତାଙ୍କର ବର୍ଷା। ୨୦୧୨ ମସିହାରେ ଇଟାଲିର ଦମ୍ପତି ଏନରିକୋ ଭୋଲପ ଏବଂ ପାଟ୍ରିଜିଆ ଜରଜୋଟି ତାଙ୍କୁ ବସୁନ୍ଧରାରୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ବର୍ଷା ବର୍ତ୍ତମାନ ଇଟାଲି ସରକାରଙ୍କ ସମାଜସେବା ବିଭାଗରେ ପ୍ରଫେସନାଲ କାଉନସେଲର ଭାବେ କାର୍ଯ୍ୟ କରୁଛନ୍ତି । ବିଶେଷକରି ଛୋଟ ଛୋଟ ପିଲାମାନଙ୍କୁ ମୋବାଇଲ୍ ଏବଂ ଟିଭି ଭଳି ଇଲେକ୍ଟ୍ରୋନିକ ଗ୍ୟାଜେଟ କବଳରୁ ମୁକ୍ତ କରି ନିଜ ଭିତରର ଅନ୍ତର୍ନିହିତ ଗୁଣର ବିକାଶ କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି । ଓଡ଼ିଶା ଆସିବା ଅବସରରେ ସେ ଆଜି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ସାକ୍ଷାତ କରି ନିଜ ପାଠପଢ଼ା, ବୃତ୍ତି ଏବଂ ଜନ୍ମଭୂମି ପ୍ରତି ତାଙ୍କର ଆକର୍ଷଣ ତଥା କର୍ତ୍ତବ୍ୟ ବିଷୟରେ ଆଲୋଚନା ସମୟରେ ବେଶ ଭାବପ୍ରବଣ ହୋଇଉଠିଥିଲେ । ଇତିମଧ୍ୟରେ ସେ କନ୍ଧମାଳ ମଧ୍ୟ ଯାଇ ବୁଲି ଆସିଛନ୍ତି । ଓଡ଼ିଶା ଆସିଥିବା ବର୍ଷା କୌଣସି ହୋଟେଲରେ ନରହି ବସୁନ୍ଧରାର ଅନ୍ତେବାସୀମାନଙ୍କ ସହ ରହିବାକୁ ଉଚିତ ମଣିଛନ୍ତି ।

କେବେ ସରିବ ପଣ୍ଡୁଅ ସେତୁ ?

୫ ବର୍ଷ ତଳୁ ଆରମ୍ଭ ହେଲାଣି ନିର୍ମାଣ, ନିମ୍ନମାନର କାମ ଅଭିଯୋଗ

ଯାଜପୁର, ୧୪।୧୧ (ସଂଚାର ବ୍ୟୁରୋ) : ଭିତିପ୍ରସ୍ତର ହେବାର ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏଁ ସରୁନି ବ୍ରାହ୍ମଣୀ ନଦୀରେ ଉପରେ ନିର୍ମାଣ ହେଉଥିବା ବିଞ୍ଝାରପୁର ଓ ବରୀ ବ୍ଲକକୁ ଯୋଡୁଥିବା ସେତୁ କାର୍ଯ୍ୟ । କାର୍ଯ୍ୟ ଶେଷ ହେଲେ ଦୁଇ ବ୍ଲକର ଗମନା ଗମନରେ ଆହୁରି ସୁବିଧା ହେବ। ସେପଟରେ ସେତୁ କାମ ତ୍ୱରାନ୍ୱିତ କରିବା ସହ ସେତୁ କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ ଯାଜପୁର ବରି ବ୍ଲକ ଅଙ୍ଗାଳ ପଞ୍ଚାୟତ ଢିଅବାରିଙ୍ଗି ଠାରେ ପଣ୍ଡୁଅ ନଦୀ ଉପରେ ୨୦୧୯ ମସିହାରେ ତତ୍କାଳୀନ ବିଧାୟକ ଦେବାଶିଷ ନାୟକଙ୍କ ଦ୍ୱାରା ଏକ ଉଚ୍ଚ ସେତୁ ପାଇଁ ଭିତିପ୍ରସ୍ତର ସ୍ଥାପନା କରଯାଇଥିଲା। ଏଥିପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ୨୬ କୋଟି ୨୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମଧ୍ୟ ସରିଛି । ତେବେ ଏଥିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ସେତୁ କାର୍ଯ୍ୟ ସମ୍ପୂର୍ଣ ହୋଇପାରୁନାହିଁ । ଯାହାକୁ ନେଇ ଅଞ୍ଚଳବାସୀ ସ୍ୱର ଉଠାଇଛନ୍ତି । ଏହି ସେତୁ ପୂର୍ଣ କାର୍ଯ୍ୟକ୍ଷମ ହେଲେ ମଧୁସୂଦନପୁର, ସୁନ୍ଦରପୁର, ଅଙ୍ଗାଳ, ପାଟଣା, ମୋହନପୁର, ଚକ୍ରପୁର,ବିଞ୍ଝାରପୁର,

କଣ୍ଟିପୁର, ରଣପୁର, କେତୁଆପାଳ ଆଦି ପଞ୍ଚାୟତର ହଜାର ହଜାର ଲୋକ ଉପକୃତ ହେବେ । ବିଶେଷ କରି ଏହିସବୁ ପଞ୍ଚାୟତର ଲୋକମାନେ ବରି ବ୍ଲକ ଅଧୀନରେ ଆସନ୍ତି । ପୋଲ ନଥିବାରୁ ବର୍ଷା ଦିନରେ ବ୍ଲକ ତହସିଲ କାମରେ ବହୁ ଅସୁବିଧା ଭୋଗନ୍ତି ।

ସେପଟରେ ସେତୁ କାମ ଜମିଅଧିଗ୍ରହଣ କାରଣରୁ ବିଳମ୍ବ ହେଉଥିବା କୁହାଯାଉଛି । ସେତୁ ପାଇଁ ଯେଉଁ ଚାଷ ଜମି ସବୁ ଅଧିଗ୍ରହଣ କରାଯିବ ସେହି ଚାଷ ଜମି ଗୁଡିକର ଉଚିତ ମୂଲ୍ୟ ମିଳୁନଥିବା ଅଭିଯୋଗ ହେଉଛି । ଅନ୍ୟପଟେ ସେତୁ କାମ ପାଇଁ ଆସୁଥିବା ଉପକରଣ ଗୁଡିକ ନିମ୍ନମାନର ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବ୍ରିଜ କାମରେ ବାଲିମିଶା ଚିପ୍ସ ବ୍ୟବହାର ହେବା ସହ ଓ ରାତି ଅଧିଆ କାର୍ଯ୍ୟ କରାଯାଉଛି । ତେବେ ସେତୁ କାମ ଶୀଘ୍ର ଶେଷ କରିବା ସହିତ ସେତୁ କାମରେ ବ୍ୟବହାର ହେଉଥିବା ଉପକରଣର ମାନ ଯାଞ୍ଚ କରିବାକୁ ଅଞ୍ଚଳବାସୀ ପ୍ରଭାସ ସାମଲ, ସନ୍ତୋଷ ଜେନା, ପର୍ଶୁରାମ ସାମଲ, ଅନିଲ କୁମାର ରାୟ, ରମେଶ ସାମଲ, ମାୟାଧର ନାୟକ, ଦୀପକ ସ୍ୱାଇଁ ଦାବି କରିଛନ୍ତି ।

ତାରାତାରିଣୀ ମନ୍ଦିରରୁ ସେବାୟତ କରିଥିଲେ ଲୁଟ୍

ବ୍ରହ୍ମପୁର, ୧୪।୧୧ (ସଂଚାର ବ୍ୟୁରୋ) : କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରର ମା' ତାରାତାରିଣୀ ମନ୍ଦିରରୁ ଚୋରି ଘଟଣାରେ ପୋଲିସକୁ ବଡ ସଫଳତା ମିଳିଛି। ରାତ୍ରୀ ଜଗୁଆଳି ସହ ୬ ଜଣଙ୍କୁ ପୋଲିସ୍ ଗିରଫ କରିବାରେ ସଫଳ ହୋଇଛି। ଏଥିସହ ଚୋରିରେ ବ୍ୟବହୃତ ସାମଗ୍ରୀ ସହ ୩୯ ହଜାର ଟଙ୍କା, ୩ ମୋଟର ସାଇକେଲ, ୩ ମୋବାଇଲ ଜବତ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ବୋଲି ଜଣାପଡିଛି । ଗିରଫ ଅଭିଯୁକ୍ତମାନେ ହେଲେ ରାତ୍ରି ଜଗୁଆଳୀ କାଳିଆ ଦାସ, ବଳିଆ ନାୟକ ଏବଂ ସେବାୟତ ଅମୂଲ୍ୟ ରଣା, ବିକାଶ ରଣା, ଗୌତମ ରଣା ଓ ରବୀନ କୁମାର ରଣା। ଏହି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏନେଇ ପୁରୁଷୋତ୍ତମପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଜନୀକାନ୍ତ ସାମଲ ସୂଚନା ଦେଇଛନ୍ତି। ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ପୀଠରୁ ମୁକୁଟ, ରୁପା ଛତା ଓ ଅନ୍ୟାନ୍ୟ ଅଳଙ୍କାର ଚୋରି ହୋଇଥିବା ପୂର୍ବରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ୍ ତଦନ୍ତ ଜାରି ରଖିଥିଲା।

> ଚୋରିରେ ବ୍ୟବହୃତ ସାମଗ୍ରୀ ସହ ୩୯ ହଜାର ଟଙ୍କା, ମୋବାଇଲ୍, ଗାଡି ଜବତ

ନାବାଳିକାଙ୍କୁ ଦୁଷ୍କର୍ମ ମାମଲା

ଅଭିଯୁକ୍ତକୁ କାରାଦଣ୍ଡାଦେଶ

ଅନୁଗୁଳ, ୧୪।୧୧ (ସଂଚାର ବ୍ୟୁରୋ) : ଘର ଭିତରୁ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି ଅନୁଗୁଳ ଅତିରିକ୍ତ ଜିଲ୍ଲା ଜଜ(ଫାଷ୍ଟଟ୍ରାକ) । ୨୦୨୦ ମସିହା ଅଗଷ୍ଟ ୭ ତାରିଖରେ ଅଭିଯୁକ୍ତ ରୁଦ୍ର ନାରାୟଣ ଭୁତିଆ ଘରେ ଶୋଇଥିବା ବେଳେ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ । ଅନୁଗୁଳ ଜିଲ୍ଲା ନାଲକୋନଗର ଥାନା ଅଞ୍ଚଳର ଏହି ଘଟଣାରେ ୧୨ ଜଣ ସାକ୍ଷୀ ଓ ପ୍ରମାଣ ଆଧାରରେ ଦଣ୍ଡାଦେଶ ଦିଆ ଯାଇଛି । ସୂଚନା ଅନୁସାରେ ରାତିରେ ନାବାଳିକା ଜଣଙ୍କ ପରିବାର ସହ ଘରେ ଶୋଇଥିଲେ । ତେବେ ଭୋରରେ ପରିବାର ଲୋକ ଘରେ ଘରେ ଝିଅ ନଥିବା ଦେଖିବାକୁ ପାଇଥିଲେ । ବହୁ ଖୋଜାଖୋଜି କରିବା ପରେ ନାବାଳିକା ଝିଅଙ୍କୁ ନ ପାଇବା ପରେ ପରିବାର ପକ୍ଷରୁ ନାଲକୋନଗର ଥାନାରେ ଝିଅ ନିଖୋଜ ହୋଇଥିବା ଅଭିଯୋଗ କରା ଯାଇଥିଲା । ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ବେଳେ ରୁଦ୍ର ନାରାୟଣ ଭୁତିଆ ନାବାଳିକାଙ୍କୁ ଅପହରଣ କରି ନେଇଥିବା ପୁଲିସ ଜାଣିବାକୁ ପାଇଥିଲା । ଏହାପରେ ପୁଲିସ ଅପହରଣ ମାମଲା ରୁଜୁ କରି ରୁଦ୍ରଙ୍କୁ ଖୋଜିଥିଲା । ପରେ ରୁଦ୍ରଙ୍କୁ ପୁଲିସ ଠାବ କରିବା ସହ ତାଙ୍କ ନିକଟରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା । ଏହି ମାମଲାରେ ୧୨ ଜଣ ସାକ୍ଷୀ ଓ ପ୍ରମାଣ ଆଧାରରେ ଅନୁଗୁଳ ଅତିରିକ୍ତ ଜିଲ୍ଲା ଜଜ(ଫାଷ୍ଟଟ୍ରାକ) ବିରାଞ୍ଚି ନାରାୟଣ ମିଶ୍ର ଉପରୋକ୍ତ ଦଣ୍ଡାଦେଶ ଦେଇଥିଲେ । ଏହା ସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ତଦନ୍ତ ଅଫିସର ଭାବେ ଅନୁଗୁଳ ଏସ ଡି ପି ଓ ଅଶ୍ୱିନୀ କୁମାର ସାହୁ ଘଟଣାର ତଦନ୍ତ କରିଥିବା ବେଳେ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଭୁତିଆ ମାମଲା ପରିଚାଳନା କାରିଥିଲେ।

ତିର୍ତ୍ତୋଲ ଚେଳିତୋଳ ବାଲିଯାତ୍ରା ପ୍ରସ୍ତୁତି ଶେଷ

ଉଦ୍‌ଘାଟନ କରିବେ ପୂଜ୍ୟ ପୂଜକ ବାବା ବଳିଆ

ଜଗତସିଂହପୁର, ୧୪।୧୧ (ସଂଚାର ବ୍ୟୁରୋ) : ତିର୍ତ୍ତୋଲ ବିଧାୟକ ତଥା ଚେଳିତୋଳ ବୋଇତ ବନ୍ଦାଣ ଓ ବାଲିଯାତ୍ରା ସଭାପତି ପ୍ରଫେସର ଡ଼ଃ. ରମାକାନ୍ତ ଭୋଇଙ୍କ ସଭାପତିତ୍ୱରେ ଗୋପିଆକୁଦ ମହାନଦୀ ପଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଚେଳିତୋଳ ବାଲିଯାତ୍ରା ମହୋତ୍ସବର ପ୍ରସ୍ତୁତି ଶେଷ ହୋଇଛି। ଆଜି ୧୫ ତାରିଖ ସକାଳ ୭ ଘଟିକା ତାର୍ତ୍ତୋଲ ମହାନଦୀ ଘାଟରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ହାଜର ହାଜର ସଂଖ୍ୟାରେ ଜନସାଧାରଣ ମାନଙ୍କର ସମାଗମ ଦେଖାଯିବ। ସନ୍ଧ୍ୟା ୬ ଘଟିକାରେ ବାଲି ଯାତ୍ରା ମହୋତ୍ସବକୁ ଶିଶୁ ଅନନ୍ତ ଆଶ୍ରମର ପ୍ରତିଷ୍ଠାତା ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି।

ପୂର୍ବତନ ବିଧାୟକ ବିଜୟ ଶଙ୍କର ଦାସଙ୍କୁ ନିମନ୍ତ୍ରଣ ନାହିଁ

ମୁଖ୍ୟ ଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ, ମୁଖ୍ୟ ବକ୍ତାଭାବେ ବାଲିକୁଦା - ଏରସମା ବିଧାୟକ ସାରଦା ପ୍ରଶନ୍ନ ଜେନା, ସମ୍ମାନୀୟ ଅତିଥି ଭାବେ ବାବା ସଦାନନ୍ଦ ଶ୍ରୀ ପ୍ରେମାନନ୍ଦ ମହାନ୍ତି, ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର ଓ ସମିତି ସଭ୍ୟ ପ୍ରବୀର ରାୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୭ ଦିନର ଉତ୍ସବର ନିମନ୍ତ୍ରଣ କାର୍ଡରେ ପୂର୍ବତନ ବିଧାୟକ ବିଜୟ ଶଙ୍କର ଦାସଙ୍କ ନାଁ ନଥିବା ନେଇ ଚର୍ଚ୍ଚା। ଏହି ବାଲିଯାତ୍ରା ୭ ଦିନ ହେବାକୁ ଥିବାବେଳେ ୧୮ ରୁ ୨୧ ଅପେରା କଳିଙ୍ଗ ଯାତ୍ରା ଅନୁଷ୍ଠିତ ହେବାପାଇଁ ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ପ୍ରତ୍ୟେଦିନ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମେଲୋଡି ଓ ମା'ଙ୍କ ଘଣ୍ଟ ନୃତ୍ୟ ଦର୍ଶକମାନଙ୍କୁ ମୋହିତ କରିବ।

କଣାସରେ ଶିଶୁ ଦିବସ ପାଳିତ

କଣାସ, ୧୪।୧୧ (ସଂଚାର ବ୍ୟୁରୋ): ଆଜି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ଲାଲ୍ ନେହୁରଙ୍କ ଜନ୍ମଦିବସକୁ ସାରା ଦେଶରେ ଶିଶୁ ଦିବସ ରୂପେ ପାଳିତ ହେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ସମସ୍ତ ବିଦ୍ୟାଳୟ ମାନଙ୍କରେ ଶିଶୁ ଦିବସ ପାଳିତ ହେଉଥିବା ଦେଖିବାକୁ ମିଳିଥିଲା। ସର୍ବପ୍ରଥମେ ପଣ୍ଡିତ ଜବାହାର ଲାଲ୍ ନେହୁରଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ପୂଜା ଅର୍ଚ୍ଚନା କରିବାପରେ ବିଦ୍ୟାଳୟମାନଙ୍କରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଗୁରୁଜିମାନେ ପୁରସ୍କାର ପ୍ରଦାନ କରୁଥିବାର ଜଣାପଡ଼ିଛି। ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଯାଇଛି।

୮ଦିନ ହେଲା ମାନସିକ ଅନଗ୍ରସର ଯୁବତୀ ନିଖୋଜ

କଣାସ, ୧୪।୧୧ (ସଂଚାର ବ୍ୟୁରୋ) : କଣାସ ବ୍ଲକ ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱୋଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ମାନସିକ ଅନଗ୍ରସର ବିଭାଗରେ ରହୁଥିବା ରଞ୍ଜିତା ୨୫ବର୍ଷର ଜଣେ ଯୁବତୀ ଗତ ୬ତାରିଖ ଠାରୁ ନିଖୋଜ ହୋଇଯାଇଥିବା ଉକ୍ତ ବିଭାଗର ଅଧ୍ୟକ୍ଷିକ ଜୟଶ୍ରୀ ସରାପ୍ କଣାସ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

ଅଭିଯୋଗ ପାଇବାପରେ କଣାସ ଥାନା ପୋଲିସ୍ ୫୭/୨୦୨୪ରେ ଏକ ମିସ୍‌କେସ୍ ଦାୟର କରି ତଦନ୍ତ କରୁଥିବା ପୋଲିସ୍ ଠାରୁ ପ୍ରକାଶ। ଉକ୍ତ ଯୁବତୀ ୦୧.୦୬.୨୦୨୩ ମସିହାରେ କଟକ ମାନସିକ ଅନଗ୍ରସର ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଥିଲା। ଦୀର୍ଘ ୮ଦିନ ବିତି ଯାଇଥିଲେ ମଧ୍ୟ ଯୁବତୀର କୌଣସି ସନ୍ଧାନ ମିଳିନଥିବା ପୋଲିସ୍ ଠାରୁ ପ୍ରକାଶ।

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ବୃତ୍ତିଗତ କର୍ମଶାଳା

ଗଞ୍ଜାମ, ୧୪।୧୧ (ସଂଚାର ବ୍ୟୁରୋ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ବୃତ୍ତିଗତ ସମ୍ଭାବନା କର୍ମଶାଳା ଆୟୋଜିତ ହେଇଯାଇଛି। ଓଡ଼ିଆ କେବଳ ଏକ ଭାଷା ନୁହେଁ ଏହା ହେଉଛି ଓଡ଼ିଆ ଅସ୍ମିତାର ବାହକ। ତଥାପି ଓଡ଼ିଆ ରଖି ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପ୍ରତି ଅନେକ ସମୟରେ ସାଧାରଣରେ ବୀତସ୍ପୃହତା ପ୍ରକାଶ ପାଇବା ସହ କର୍ମସଂସ୍ଥାନ କମ୍ ବୋଲି ମତପ୍ରକାଶ ପାଉଛି। ତେଣୁ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନ କରୁଥିବା ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସାଧାରଣରେ ପ୍ରକାଶ ପାଉଥିବା ଏପରି ଅନୁରାଗହୀନତା ଦୂର କରିବା ସହ ସେମାନଙ୍କ ନିମନ୍ତେ ଭରି ରହିଥିବା ବୃତ୍ତିଗତ ସମ୍ଭାବନା ସମ୍ପର୍କରେ

ସଚେତନତା ସୃଷ୍ଟି ଏ କର୍ମଶାଳାର ଉଦ୍ଦେଶ୍ୟ ଥିଲା।

କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଆହ୍ୱାନ କ୍ରମେ ବିଭାଗମୁଖ୍ୟ ଡ. ଉଷାରାଣୀ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଷୟ ବିଶାରଦଭାବେ ଯୋଗ ଦେଇଥିଲେ ବ୍ରହ୍ମପୁର ଶଶିଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଶାନ୍ତନୁ ସୁନା। ସେ ଓଡ଼ିଆସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଭରି ରହିଥିବା କର୍ମସଂସ୍ଥାନ ସମ୍ପର୍କରେ ନିଜ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଉଷାରାଣୀ ରଥ, ଡ. ବନମାଳୀ ପାଣିଗ୍ରାହୀ, ଡ. ମନୋରଞ୍ଜନ ବିଷୋୟୀ, ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ ପ୍ରମୁଖ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ ଛାତ୍ରଛାତ୍ରୀଙ୍କ ପାଇଁ ରହିଥିବା ବୃତ୍ତିଗତ ସମ୍ଭାବନା ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ନିଜ ନିଜ ମତ ଉପସ୍ଥାପନ କରିଥିଲେ। ଏହି କର୍ମଶାଳାରେ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ ପ୍ରାକ୍ତନ ବିଭାଗ ମୁଖ୍ୟ ଡ. ବିଦ୍ୟୁତପ୍ରଭା ସାହୁ ଓ ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକ। ଏହି କାର୍ଯ୍ୟକ୍ରମକୁ ଡ. ମନୋରଞ୍ଜନ ବିଷୋୟୀ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ। ଏହି କର୍ମଶାଳାରେ ଓଡ଼ିଆ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ସେମାନଙ୍କ ଶିକ୍ଷା ପରିସମାପ୍ତି ପରେ ଥିବା ଅନେକ ବୃତ୍ତିଗତ ସମ୍ଭାବନା ସମ୍ପର୍କରେ ଜ୍ଞାତ ହୋଇ ଉତ୍ସାହିତ ବେଶ ଜଣାପଡୁଥିଲେ।

ମେଡିକାଲ ଭିତରେ ଭାସୁଛି ଶୌଚାଳୟର ମଇଳା ପାଣି

ଅସ୍ୱାସ୍ଥ୍ୟକର ପରିବେଶରେ ସନ୍ତୁଳିତ ରୋଗୀ ଓ ସମ୍ପର୍କୀୟ

କାକଟପୁର/ଅସ୍ତରଙ୍ଗ, ୧୪।୧୧ (ସଂଚାର ବ୍ୟୁରୋ) : ଅସ୍ୱାସ୍ଥ୍ୟକର ପରିବେଶ ଏବଂ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାରେ ସନ୍ତୁଳି ହେଉଛନ୍ତି ରୋଗୀ ଓ ସେମାନଙ୍କ ପରିବାର। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ।

ଦୀର୍ଘ ବର୍ଷରୁ ବିଭିନ୍ନ ସମସ୍ୟା ଭିତରେ ରହିଥିବା ଏହି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଜି ବି ଅବ୍ୟବସ୍ଥାରୁ ବାହାରି ପାରିନି। ଲୋକମାନଙ୍କ ଉତ୍ତମ ସେବା ଲକ୍ଷ୍ୟରେ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରଟି ଗତ କିଛି ଦିନ ହେଲା ଦ୍ୱିତୀୟ ଫାଟକ ନିକଟରେ ଶୌଚାଳୟରୁ ନିର୍ଗତ ମଇଳା ପାଣି ମେଡିକାଲ ମୁଖ୍ୟରାସ୍ତା ଦେଇ ଫାଟକର ପ୍ରବେଶ ପଥରେ ଭାସୁଛି। ଏହି ପାଣି ଓ ପରିସ୍ରା ରାସ୍ତାରେ ଭାସିବା ସହ ଫାଟକ ସାମ୍ନାରେ ଜମି ରହୁଥିବାରୁ ଏକ

ପୁତିଗନ୍ଧମୟ ପରିବେଶ ସୃଷ୍ଟିହେଉଛି। ଯାହା ଉଭୟ ରୋଗୀ ଓ ସମ୍ପର୍କୀୟ ପାଇଁ ସଂକ୍ରମଣର ଭୟ ସୃଷ୍ଟି କରିଛି। ତଥାପି ଏଥି ପ୍ରତି କାହାରି ଦୃଷ୍ଟି ପଡୁନାହିଁ।

ସୂଚନା ମୁତାବକ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦ୍ୱିତୀୟ ଫାଟକ ଦୀର୍ଘ ଦିନ ହେବ ବନ୍ଦ ଥିବା ବେଳେ ଛୋଟ ଫାଟକ ଦେଇ ରୋଗୀ ଯାତାୟତ କରୁଛନ୍ତି। କିନ୍ତୁ ଫାଟକ ନିକଟରେ ଭର୍ତ୍ତିହୋଇ ରହିଥିବା ଶୌଚାଳୟରୁ ନିର୍ଗତ ମଇଳା ପାଣି ସିଧାସଳଖ ଫାଟକ ସାମ୍ନାରେ ଜମା ହେଉଛି। ସବୁଠୁ ବଡ଼ କଥା ହେଲା ସଂକ୍ରମଣ ଭୟ। କାରଣ ଏହି ରାସ୍ତା ଦେଇ ପ୍ରସୂତିମାନେ ଶୌଚ ପାଇଁ ଯାଉଛନ୍ତି। ସେମାନେ ଯଦି ଅନ୍ୟ ରୋଗୀମାନଙ୍କ ଶୌଚ ପାଣି ଦେଇ ଯାତାୟତ କରିବେ ତେବେ ସେମାନଙ୍କୁ ଅନ୍ୟ କିଛି ରୋଗ ସଂକ୍ରମଣ କରିପାରେ। ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଅନାସ୍ଥାରେ ପଦ ହରାଇଲେ ସରପଞ୍ଚ

ଅନୁଗୁଳ, ୧୪।୧୧ (ସଂଚାର ବ୍ୟୁରୋ): ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ କୁଶକିଳା ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ସାହୁ ଅନାସ୍ଥା ଭୋଟ୍ ପରେ ନିଜ ପଦ ହରାଇଛନ୍ତି । ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ୱାର୍ଡମେମ୍ବର ମାନେ ଅନାସ୍ଥା ପାଇଁ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟ୍ ପାଇଁ ତାରିଖ ସ୍ଥିର ହୋଇଥିବା ବେଳେ ୱାର୍ଡ ସଭ୍ୟସଭ୍ୟା ମାନେ ଆସି ଭୋଟ ଦେଇଥିଲେ । ଭୋଟ ସରିବା ପରେ ଦିନ ୧୨ ଟାରୁ ୧ଟା ମଧ୍ୟରେ ଅନାସ୍ଥା ଫଳାଫଳ ଜଣାପଥିଲା।ପଞ୍ଚାୟତରେ ସରପଞ୍ଚଙ୍କ ସମେତ ୱାର୍ଡ ମେମ୍ବର ମୋଟ୍ ୧୪ଟି ମତଦାନ ଥିବା ବେଳେ ୧୩ ଜଣ ୱାର୍ଡ ମେମ୍ବର ସରପଞ୍ଚ ସୁଶାନ୍ତ କୁମାର ସାହୁଙ୍କ ବିରୋଧରେ ଭୋଟ ଦେଇଥିଲେ ଫଳରେ ଅନାସ୍ଥା ଭୋଟିଂ ରେ ସରପଞ୍ଚଙ୍କ ପରାଜୟ ହୋଇଛି। ଅନ୍ୟପଟେ ନାଏବ ସରପଞ୍ଚ ରିଲୀ ବିଶ୍ୱାଳ ସରପଞ୍ଚ ଭାବେ ଦାୟିତ୍ୱ ନେଇଛନ୍ତି ।

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ଦାବି

ଖୋର୍ଦ୍ଧା, ୧୪।୧୧ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲାଯିବା ପାଇଁ ଆଜି ଏକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଖୋର୍ଦ୍ଧା ବିକାଶ ମଂଚ ତରଫରୁ ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏହି ପତ୍ର ଗ୍ରହଣ କରିଥିଲେ।

ପ୍ରକାଶ ଥାଉକି,ଖୋର୍ଦ୍ଧା ରାଜ୍ୟର ୧ନଂ ଜିଲ୍ଲା ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ଏକ ମାତ୍ର ମହିଳା ମହା ବିଦ୍ୟାଳୟ ୧୯୮୧ ମସିହାରେ ସ୍ଥାପନ ହୋଇଥିଲା।ସ୍ଥାପନ ହେବାର ୪୪ ବର୍ଷ ଅତିକ୍ରମ ସତ୍ତ୍ୱେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଆଜି ପର୍ଯ୍ୟନ୍ତ ଖୋଲା ଯାଇପାରିଲା ନାହିଁ। ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ଏଥିପ୍ରତି ସରକାର ଏବଂ ସ୍ଥାନୀୟ ରାଜନେତାଙ୍କର ଆନ୍ତରିକତା ଅଭାବ ପରିଲକ୍ଷିତ ହେଉଛି। ଏଠାରେ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ସହିତ ଅର୍ଥ ମହଜୁଦ୍ ଅଛି । ଉକ୍ତ ମହାବିଦ୍ୟାଳୟରେ ବିଜ୍ଞାନ ପାଠ୍ୟକ୍ରମ ନ ଥିବାରୁ ବାଳିକା ମାନେ ଦୂରଦୂରାନ୍ତରକୁ ଯାଇ ଅନ୍ୟ ମହାବିଦ୍ୟାଳୟରେ

ପାଠ ପଢ଼ିବା ସମ୍ଭବପର ହେଉନାହିଁ, ଯାହାଫଳରେ ବହୁ ମେଧାବୀ ଛାତ୍ରୀ ଏହି ପାଠ ପଢ଼ିବାରୁ ବଂଚିତ ହେଉଛନ୍ତି। ଏହି ମହାବିଦ୍ୟାଳୟରେ ବର୍ତ୍ତମାନ ୧୨୦୦ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ନରେନ୍ଦ୍ର ପୃଷ୍ଟି, ସମ୍ପାଦକ ପ୍ରକାଶ ଦାସ, ଉପସଭାପତି ବାଲାଜୀ ପାତ୍ର, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ସାମ୍ବାଦିକ ଈଶ୍ୱର ମଙ୍ଗରାଜ, ଆଇନଜୀବି ଦେବବ୍ରତ ବିଶ୍ୱାଳ, ପ୍ରଦୀପ ଦଳେଇ ଓ ଛାତ୍ର ନେତା ଅବିନାଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

ନିଆଁରେ ପୋଡ଼ିହୋଇ ମହିଳା ଗୁରୁତର

ଟାଙ୍ଗୀ-ଚୌଦ୍ୱାର, ୧୪।୧୧ (ସଂଚାର ବ୍ୟୁରୋ) : ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ଼ ନୂଆସାହିରେ ଜଣେ ମହିଳା ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସାପାଇଁ କଟକସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଛି। ଆହତ ମହିଳା ଜଣକ ହେଲେ ଦେବସ୍ମିତା ଆଚାର୍ଯ୍ୟ। ତାଙ୍କ ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦେବସ୍ମିତା ଚଉରା ପାଖରେ ପଞ୍ଚୁକ ମୁରୁଜ ପକାଇ ଠାକୁର ଘରେ ପୂଜା କରୁଥିବା ବେଳେ ହଠାତ୍ ତାଙ୍କର ଚିତ୍କାର ପରିବାର ଲେକେ ଶୁଣିବାକୁ ପାଇଥିଲେ। ପାଟି ଶୁଣି ଘରଲୋକେ ଘରର ତୃତୀୟ ମହଲାରେ ଥିବା ଠାକୁର ଘରକୁ ଯାଇ ଦେଖିଲା ବେଳକୁ ଦେବସ୍ମିତା ଦୌଡ଼ି ଯାଇ ସ୍ନାନ ଘରେ ପଶି ଦେହରେ ଲାଗିଥିବା ନିଆଁ ଲିଭାଇବା ପାଇଁ ପାଣିଖୋଲି ଛିଡ଼ା ହୋଇଛନ୍ତି।ପରିବାର ଲୋକେ ତାଙ୍କୁ ତୁରନ୍ତ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାପାଇଁ ଭର୍ତ୍ତି କରିଛନ୍ତି। ଅନ୍ୟପଟେ ଝିଅକୁ ତା ଶାଶୁଘର ଲୋକେ ପୋଡ଼ି ଦେଇଥିବା ଦେବସ୍ମିତାର ମା ଲିଜାରାଣୀ ଆଚାର୍ଯ୍ୟ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ଘଟଣାର ତଦନ୍ତ କରୁଛି।ସୂଚନାଯୋଗ ଦେବସ୍ମିତା ତିନି ବର୍ଷ ତଳେ ନୂଆସାହିର ଅଶୋକ ନାୟକଙ୍କ ପୁଅ ସୁଧାଂଶୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ।ତାଙ୍କର ଏକ ୨ବର୍ଷର କନ୍ୟା ସନ୍ତାନ ଅଛି।

ବ୍ରହ୍ମପୁରରୁ ନକଲି ଡାକ୍ତର ଗିରଫ

ମାଳମାଳ କ୍ଲିନିକ୍, ଅସଲି-ନକଲିକୁ ନେଇ ଦ୍ୱନ୍ଦ୍ୱରେ ରୋଗୀ
ସ୍ୱାସ୍ଥ୍ୟ ବିଭାଗର ଯାଞ୍ଚ ପ୍ରକ୍ରିୟାରେ ଉଠିଲା ପ୍ରଶ୍ନ

ବ୍ରହ୍ମପୁର, ୧୪।୧୧ (ସଂଚାର ବ୍ୟୁରୋ) : ବ୍ରହ୍ମପୁରରୁ ଜଣେ ନକଲି ଡାକ୍ତରକୁ ଗିରଫ କରିଛି ଟାଉନ୍ ଥାନା ପୋଲିସ୍। ଗିରଫ ଡାକ୍ତର ଜଣକ ହେଲେ ପଶ୍ଚିମବଙ୍ଗର ଡ଼ା. ଉତ୍ପଲ ବାଲା। ଗତ କିଛି ବର୍ଷ ଧରି ସେ ସିଟି ହସ୍ପିଟାଲ ନିକଟରେ କ୍ଲିନିକ୍ କରିଥିଲେ । ଅଭିଯୋଗ ହେବା ପରେ ପୁଲିସ ଉକ୍ତ କ୍ଲିନିକ୍ ରେ ପହଞ୍ଚି ଚଢ଼ାଉ କରି ଉପରୋକ୍ତ ଡାକ୍ତରକୁ ଗିରଫ କରିଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ସିଡିଏମଓଙ୍କ ଅଫିସରୁ ମାତ୍ର ଶହେ ମିଟର ଦୂରରେ ଏହି ନକଲି ଡାକ୍ତର ଜଣକ ଦୀର୍ଘ ବର୍ଷ ହେବ ନିଜ କ୍ଲିନିକ୍ ଚଳାଇ ଆସୁଥିଲେ। ଫୋକସରେ ଥିଲେ ଗ୍ରାମାଞ୍ଚଳର ରୋଗୀ। ତେବେ ଗତ କିଛି ଦିନ ତଳେ ଜଣେ ଯୁବକ ଉକ୍ତ କ୍ଲିନିକ୍ ରୁ ଔଷଧ କିଣି ନେଇ ଖାଇବା ପରେ ରୋଗ ଭଲ ନହେବାରୁ ଏହି ନକଲି ଡାକ୍ତରଙ୍କୁ ପୁଣି ଦେଖାଇଥିଲେ। ଚିକିତ୍ସା ପାଇଁ ପୁଣି ଟଙ୍କା ମାଗିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଏସପିଙ୍କୁ ଭେଟିଥିବା ସୂଚନା ମିଳିଛି। ପରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଟାଉନ୍ ଥାନା ପୋଲିସ୍ ଉକ୍ତ କ୍ଲିନିକ୍‌ରେ ଚଢ଼ାଉ କରି ବହୁ ଔଷଧ ପତ୍ର ଏବଂ କାଗଜ ପତ୍ର ଜବତ୍ କରିଥିଲା। କିନ୍ତୁ ନକଲି ଡାକ୍ତର ଜଣକ ନିଜ ପ୍ରମାଣପତ୍ର ଦେଖାଇ ପାରିନଥିଲେ। ଟାଉନ୍ ଥାନା ପୋଲିସ୍ ଏହି ନକଲି ଡାକ୍ତରଙ୍କୁ ଉଠାଇ ନେଇ ପଚାରା ଉଚାରା କରିବା ପରେ ଗୁରୁବାର କୋର୍ଟ ଚାଲାଣ କରିଛି।

ତେବେ ରେଶମ ସହରରୁ ନକଲି ଡାକ୍ତର ପୁଣି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ନିକଟରୁ ଧରା ପଡିବା ପରେ ଏବେ ସାଧାରଣରେ ଏବେ ସ୍ୱାସ୍ଥ୍ୟ ବିଭାଗର ଯାଞ୍ଚ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠିଛି। ବ୍ରହ୍ମପୁର ସହରରେ ମାଳ ମାଳ କ୍ଲିନିକ୍ ରହିଛି। ମୁଖ୍ୟ ରାସ୍ତା ମାନଙ୍କ ଠାରୁ ଆରମ୍ଭ କରି ଗଳି କନ୍ଦିରେ ଅନେକ ଘରୋଇ କ୍ଲିନିକ୍ ମାନ ରହିଛି। କିନ୍ତୁ ନକଲି ଡାକ୍ତର ପୋଲିସ୍ ହାବୁଡ଼ରେ ପଡିବା ପରେ ରୋଗୀ ,ଅସଲି ଏବଂ ନକଲି ଡାକ୍ତରଙ୍କୁ ନେଇ ଦ୍ୱନ୍ଦ୍ୱରେ ପଡିଥିବା ଜଣାପଡିଛି। ଏଭଳି କ୍ଷେତ୍ରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଛତୁ ଫୁଟିଲା ଭଳି ଫୁଟିଥିବା କ୍ଲିନିକ୍ ଗୁଡିକର ସଠିକ୍ ଯାଞ୍ଚ କରାଯିବାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଆଇଆଇଏସ୍‌ସି ବେଙ୍ଗାଲୁରୁରେ ଫାକଲ୍ଟି ଓ ଛାତ୍ରଛାତ୍ରୀଙ୍କ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭାବ ବିନିମୟ

ଡଙ୍କାରୀ କେଳେଙ୍କାରୀ | ବରଡ଼ାରେ 'ଶୋଲେ' ରିମେକ୍

ଯାଜପୁର,୧୪।୧୧ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ବରଡା କଳାପଥର କ୍ୱୋରି ଅଞ୍ଚଳରେ ଏବେ ଶୋଲେ ଫିଲ୍ମ

- ଗବ୍ବର ଭୂମିକାରେ ବିଧାୟକ!
- ମକରା ଏବଂ ରତ୍ନାକର ସାଜିଛନ୍ତି ଶାମ୍ବା ଓ କାଳିଆ

ଷ୍ଟାଇଲ୍‌ରେ ଚାଲିଛି ଆତଙ୍କରାଜ। ପଥର ଲୁଟ୍ କରୁଥିବା ମାଫିଆମାନେ କାହାକୁ ପଥରଖଣିକୁ ଠେଲି ମାରି ଦେବାକୁ ଧମକ ଦେଉଛନ୍ତି ଆଉ କାହାକୁ ବାଡେଇବାକୁ। ଏଭଳି ଦୃଶ୍ୟ ଲୋକଙ୍କୁ ଏବେ ସୋଲେ ଫିଲ୍ମକୁ ପୁଣିଥରେ ମନେ ପକାଇ ଦେଉଥିବାବେଳେ ସେମାନଙ୍କ ଆଖି ଆଗରେ ଗବ୍ବର, ଶାମ୍ବା ଓ କାଳିଆଙ୍କ ଚରିତ୍ରମାନେ ନାଚି ଉଠିଛନ୍ତି।

ପଥର ଖଣିରେ ଆତଙ୍କର ସମ୍ମୁଖୀନ ହେଉଥିବା ଲୋକଙ୍କ କହିବାକଥା ଯେ ଏଠାରେ ଗବ୍ବର ଭୂମିକାରେ ଥିବା ବିଧାୟକ ଲିକୁ ସାହୁ ଯଦିଓ ନଜର ଆସୁନାହାନ୍ତି କିନ୍ତୁ ଶାମ୍ବା ଓ କାଳିଆ ଭୂମିକାରେ ଥିବା ତାଙ୍କର ଦୁଇ ଚେଲା ମକରା ଓ ରତ୍ନାକର ଲୋକଙ୍କୁ ମାରି ଗୋଡାଉଛନ୍ତି। ଠିକ୍ ଶୋଲେ ଫିଲ୍ମ ଷ୍ଟାଇଲରେ ନାଲିଆଖି ଦେଖାଉଛନ୍ତି। ବିଧାୟକଙ୍କର ଏହି ଦୁଇ ବାହୁବଳି ଫିଲ୍ମ ଷ୍ଟାଇଲ୍‌ରେ ଲୋକଙ୍କୁ ମାରିବାକୁ ଧମକ ଦେଉଥିବାବେଳେ ତାଙ୍କ ସହିତ ରୁଦ୍ର ନାମକ ଆଉଜଣେ ସୋଲେ ଗୁଣ୍ଡା ବି ସାମିଲ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା କଥା, ଖଣି ଅଞ୍ଚଳରେ କଳାପଥର ଲୁଟ୍ କରି ଆତଙ୍କରାଜ ଚଳାଇଥିବା ଲୋକେ ହେଉଛନ୍ତି ବିଧାୟକଙ୍କ ପାଖିଲୋକ। ପୂର୍ବ ସରକାର ଅମଳରେ ଯେମିତି ଲୁଟ୍ ହେଉଥିଲା ଏବେ ବି ସେମିତି ଲୁଟ୍ ହେଉଛି। ନୂଆ ସରକାର ଆସିଲେ ଡଙ୍କାରୀ, ବରଡା ଭଳି ଖଣି ବଞ୍ଚିଯିବ ବୋଲି ସେମାନଙ୍କର ଯେଉଁ ଆଶା ଥିଲା ତାହା ଧୂଳିସାତ ହୋଇଛି। ଖଣି ଲୁଟ୍ ଫିଲ୍ମ ପୂର୍ବଭଳି ଚାଲିଛି। ଖାଲି ଯାହା ଚରିତ୍ର ବଦଳି ଯାଇଛନ୍ତି। ତେଣୁ ତୁରନ୍ତ ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ତେବେ ସ୍ଥାନୀୟ ବିଧାୟକ ଲିକୁ ସହଯୋଗୀଙ୍କ ଅଣ୍ଡାମାଡ ଓ ପରେ ପରେ ବିଧାୟକ ଜନତାଗ୍ୟାରେଜ ଉଦାହରଣ ଦେବାପରେ ଏବେ ବରଡାରେ ସୋଲେ ରିମେକ୍ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି। ଯଦି ଧର୍ମଶାଳାରେ ଏଭଳି ଭାବେ ଗୋଟିଏ ପରେ ଗୋଟିଏ ଫିଲ୍ମର ରିମେକ ଚାଲିବ ତେବେ ଏହା କେବଳ ବିଧାୟକଙ୍କର କ୍ଷତି କରିବ ନାହିଁ ତାଙ୍କ ପଛରେ ଛିଡା ହୋଇଥିବା ବିଜେପିକୁ ବଦନାମ କରିବାପାଇଁ ବେଶିଦିନ ଲାଗିବନାହିଁ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି।

୧୯ରୁ ଓଏସ୍‌ଏସ୍‌ଟିଇଟି ପାଇଁ ଆବେଦନ

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ(ଓଏସ୍‌ଏସ୍‌ଟିଇଟି)-୨୦୨୪ ପାଇଁ ଯୋଗ୍ୟ ପ୍ରାର୍ଥୀମାନେ ଆସନ୍ତା ୧୯ ତାରିଖରୁ ଆବେଦନ କରିପାରିବେ। ଏନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରିଛି ମାଧ୍ୟମିକ ଶିକ୍ଷା ପରିଷଦ। ଏହି ପରୀକ୍ଷା ପାଇଁ ପ୍ରାର୍ଥୀମାନେ କେବଳ ଅନ୍‌ଲାଇନରେ ଆବେଦନ କରିପାରିବେ। ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ୍ www.bseodisha.ac.inକୁ ଯାଇ ସେମାନେ ଆବେଦନ କରିପାରିବେ। ଅନ୍‌ଲାଇନ୍ ଆବେଦନ ଡିସେମ୍ବର ୧ ତାରିଖ ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ଫି' ମଧ୍ୟ ଅନ୍‌ଲାଇନ୍‌ରେ ଦେବାକୁ ହେବ। କୌଣସି ପରିସ୍ଥିତିରେ ଆବେଦନ କରିବାର ଶେଷ ତାରିଖକୁ ବୃଦ୍ଧି କରାଯିବ ନାହିଁ ବୋଲି ବିଏସ୍‌ଇ ପକ୍ଷରୁ ଜାରି ବିଜ୍ଞପ୍ତି କୁହାଯାଇଛି। ପ୍ରାର୍ଥୀମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ମିଛ ବୋଲି ଜଣାପଡ଼ିଲେ ସେମାନଙ୍କୁ ପରୀକ୍ଷାରେ ବସିବାକୁ ସୁଯୋଗ ଦିଆଯିବ ନାହିଁ ଅବା ସେମାନଙ୍କ ପରୀକ୍ଷା ଫଳକୁ ବାତିଲ କରିଦିଆଯିବ। ଏହା ସହିତ ନିୟମ ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଅନ୍‌ଲାଇନ ପଞ୍ଜୀକରଣ ବେଳେ ପ୍ରାର୍ଥୀମାନେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ, ଠିକଣା, ଜାତି ଓ ବିଷୟ ଆଦି ସଂପର୍କରେ ଯେଉଁ ସୂଚନା ଦେବେ, ତାହା ଥରେ ଦାଖଲ ହୋଇଗଲା ପରେ ଆଉ ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଯାଇପାରିବ ନାହିଁ।

ଏଥର କଟନି ଛଟନି ବନ୍ଦ

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ଧାନ ସଂଗ୍ରହକୁ ଉତ୍ସବ ଆକାରରେ ପାଳନ କରିବେ ରାଜ୍ୟ ସରକାର । ପ୍ରତି ଜିଲ୍ଲାରେ କରାଯିବ ଚାଷୀ ସମାବେଶ । ଡିସେମ୍ବର ୮ ତାରିଖରେ ବରଗଡ଼ ସୋହେଲାରେ ରାଜ୍ୟସ୍ତରୀୟ କୃଷକ ସମାବେଶ ଆୟୋଜନ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଧାନର କୁଇଣ୍ଟାଲ ପିଛା ଅତିରିକ୍ତ ୮ଶହ ଟଙ୍କା ଲେଖାଏଁ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଚଳିତ ବର୍ଷ ୧୭ ଲକ୍ଷରୁ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି । ଆସନ୍ତା ୨୦ ତାରିଖରୁ ବରଗଡ଼ରୁ ଧାନକିଣା ଆରମ୍ଭ ହେବ । ୪୮ ଘଣ୍ଟାରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ । ୨୦ ତାରିଖରୁ ନଭେମ୍ବର ୮ ତାରିଖ ମଧ୍ୟରେ ଧାନ ବିକିଥିବା ଚାଷୀଙ୍କୁ ୮ ତାରିଖରେ ୮୦୦ ଟଙ୍କା ଲେଖାଏଁ ଇନପୁଟ ସବିସିଡି ପ୍ରଦାନ କରାଯିବ ।

ଶିଶୁଦିବସ ଅବସରରେ ଜଣେ କୁନି ପିଲା ସହ ଖୁସି ମନାଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।

ବିଶ୍ୱ ଦେଖିବ ଓଡ଼ିଶାର କଳା-ସ୍ଥାପତ୍ୟ ଓ ବିକାଶର ପ୍ରତିଛବି

ନୂଆଦିଲ୍ଲୀ, ୧୪।୧୧ (ସଂଚାର ବ୍ୟୁରୋ) :୨୦୩୬ରେ ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକ ପାଳନ କରିବା ଏବଂ ୨୦୪୭ରେ ସମଗ୍ର ଭାରତବର୍ଷରେ ମଧ୍ୟ ସ୍ୱାଧୀନତାର ଶତବାର୍ଷିକ ପାଳନ କରାଯିବ । ଆମ ରାଜ୍ୟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଏହି ଦୁଇଟି ଐତିହାସିକ ଘଟଣା ଆମ ପାଇଁ ଅବିକଳ୍ପ ସୁଯୋଗ ଆଣିଦେଇଛି ବୋଲି ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ରେ ଓଡ଼ିଶା ପାଭିଲିୟନର ଭବ୍ୟ ମଣ୍ଡପକୁ ଆଜି ଅପରାହ୍ଣରେ ଉଦଘାଟନ କରି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିବା ସହିତ ୨୦୩୬ ମସିହା ସୁଦ୍ଧା ଓଡ଼ିଶାର ବିକାଶ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ବିଷୟରେ ସୂଚନା ପ୍ରଦାନ କରିଥିଲେ । ଓଡ଼ିଶାରେ

ମହିଳା ସଶକ୍ତିକରଣର ଦୃଷ୍ଟାନ୍ତ ଦେଇ, ଗ୍ରାମୀଣ ମା'ମାନଙ୍କ ଉନ୍ନତି, କାରୀଗରମାନଙ୍କର ବିକାଶ, କୃଷିଜୀବୀମାନଙ୍କ ଉତଥାନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଫଳ ଓ ବଳିଷ୍ଠ ନେତୃତ୍ୱରେ ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ରାଜ୍ୟ ଦ୍ରୁତ ବିକାଶ ପଥର ପଥିକ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କହିଥିଲେ । ଆଗାମୀ ଦିନରେ ବିକଶିତ ଭାରତ ୨୦୪୭ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଓଡ଼ିଶା ୨୦୩୬ ଏହା ଏକ ଝଲକ ବୋଲି ଶ୍ରୀମତୀ ପରିଡା କହିବା ସହିତ ଏଥିରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ଏହି ପ୍ୟାଭିଲିୟନରେ ଓଡ଼ିଶାର କଳା ସଂସ୍କୃତି, ଜନଜାତି ଜୀବନ, କୃଷି, ହସ୍ତତନ୍ତ, ହସ୍ତଶିଳ୍ପ, କ୍ଷୁଦ୍ର ଶିଳ୍ପ, ବୁଲେଟ ଟ୍ରେନ, ପର୍ଯ୍ୟଟନ, ପରିବେଶ ସୁରକ୍ଷା ତଥା ରାଜ୍ୟର ସାମଗ୍ରିକ ବିକାଶର ଛବି ପ୍ରତିଫଳିତ ହୋଇଛି ।

ବୃଦ୍ଧାଙ୍କୁ ଝୁଣି ଖାଇଗଲା କୁକୁର

ବାଲେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲାରେ ଭୋଗରାଇରେ ଘଟିଛି ଲୋମହର୍ଷକ ଘଟଣା। ବୃଦ୍ଧାଙ୍କୁ ଝୁଣି ଝୁଣି ମାରିଦେଲା କୁକୁର । ଘର ବାହାରେ ଏକ ପାଗଳ କୁକୁର ଏଭଳି କାଣ୍ଡ ଭିଆଇଛି। ଯାହା ସାଧାରଣରେ ଚାଞ୍ଚଲ୍ୟ ଖେଳାଇଛି। ବାଲେଶ୍ୱର ଜିଲ୍ଲାର ଜୟନାରାୟଣପୁର ପଞ୍ଚାୟତ ନାରାୟଣପୁର ଗାଁରେ ଏଭଳି ଅଘଟଣ ଘଟିଛି। ମୃତକ ହେଲେ ନାରାୟଣପୁର ଗାଁର ବାସନ୍ତୀ ସାହୁ । ସେ ଘର ବାହାରେ ବସିଥିବା ବେଳେ, ପାଗଳ କୁକୁର ଆକ୍ରମଣ କରିଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ଜୀବନ ଯାଇଛି। ଅନ୍ୟପଟେ ଆତଙ୍କ ଖେଳାଇଥିବା ପାଗଳ କୁକୁରକୁ ପିଟି ପିଟି ମାରି ଦେଇଛନ୍ତି ଗ୍ରାମବାସୀ । ମୃତକଙ୍କ ପରିବାର ଲୋକଙ୍କୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଆଜି ବାଲିଯାତ୍ରା

ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): କାର୍ତ୍ତିକ ପୂର୍ଣ୍ଣିମାରୁ ଆରମ୍ଭ ହେବାକୁ ଯାଉଛି ଐତିହାସିକ କଟକ ବାଲିଯାତ୍ରା। ଏହା ଆସନ୍ତା ୨୨ ତାରିଖ ଯାଏ ଚାଲିବ। ଏଥର ବାଲିଯାତ୍ରାରେ ଲାଗିବ ବିଦେଶୀ ଛୁଙ୍କ। ୧୩ଟି ରାଷ୍ଟ୍ରର ରାଷ୍ଟ୍ରଦୂତ, ହାଇକମିଶନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାମିଲ ହେବେ। ଏଥିସହ ବିଭିନ୍ନ ଦେଶର କଳାକାର ନିଜ କଳାର ପ୍ରଦର୍ଶନ କରିବେ। କାଲିଠୁ ଆୟୋଜିତ ହେବାକୁ ଥିବା 'ପିଠା ମହୋତ୍ସବ'ରେ ବିଦେଶୀ ପିଠାର ସ୍ୱାଦ ଚାଖିବେ ଓଡ଼ିଶାବାସୀ। ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ କହିଛନ୍ତି, ଆସନ୍ତାକାଲି ସନ୍ଧ୍ୟା ୫ଟାରେ ବାଲିଯାତ୍ରା ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରତିଦିନ ଗୋଟିଏ କିମ୍ବା ଦୁଇ ଦେଶର କଳାକାର ବାଲିଯାତ୍ରାରେ ନିଜ କଳାର ପ୍ରଦର୍ଶନ କରିବେ। ବର୍ତ୍ତମାନ ସୁଦ୍ଧା ୮ ଦେଶର କଳାକାର ଆସିବା ସ୍ଥିର ହୋଇ ସାରିଲାଣି। ତେବେ ପ୍ରଥମ ଦିନ ଭଜନ ସମାରୋହ ଆୟୋଜିତ ହେବ। ଏ ବର୍ଷ ବାଲିଯାତ୍ରାରେ ପିଠା ମହୋତ୍ସବ ଆରମ୍ଭ ହେବ। ଭାରତ ବ୍ୟତୀତ ଅନ୍ୟ କିଛି ଦେଶରେ ବି ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ ହୁଏ। ତେଣୁ ଆମ ରାଜ୍ୟବାସୀ ସେମାନଙ୍କ ପିଠାର ମଜା ଉଠାଇ ପାରିବେ ଓ ସେମାନେ ଆମ ପିଠାର ସ୍ୱାଦ ଚାଖି ପାରିବେ ବୋଲି କହିଛନ୍ତି ଜିଲ୍ଲାପାଳ। ଏହାବାଦ ଏଥର ବାଲି ଯାତ୍ରାରେ ମହାନଦୀରେ ଲେଜର ଶୋ', ଡ୍ରୋନ ଶୋ' ଆୟୋଜିତ ହେବ। ପ୍ରଥମ ଥର ପାଇଁ ୪୦୦ ଡ୍ରୋନକୁ ନେଇ ଡ୍ରୋନ୍ ଶୋ' ଆୟୋଜିତ ହେବ।

ପାରାଦୀପ ହେବ ନିବେଶର ହବ୍

ପାରାଦୀପ,୧୪।୧୧(ସଂଚାର ବ୍ୟୁରୋ): ଆଗାମୀ ଦିନରେ ପାରାଦୀପରେ ନିବେଶ ହେବ ୨ ଲକ୍ଷ କୋଟିର ପୁଞ୍ଜି। ଗୁରୁବାର କଳିଙ୍ଗ ବାଲିଯାତ୍ରାକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ଏଥିସହିତ ତାଳଚେରକୁ ପାରାଦୀପ ସହ ଯୋଡ଼ିବାକୁ ୧୬ ହଜାର କୋଟି ବ୍ୟୟ ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଭା ମଞ୍ଚରେ ପୂର୍ବ ସରକାରକୁ ମଧ୍ୟ ଟାର୍ଗେଟ୍ କରିଥିଲେ। ୯୯ଟି ଷ୍ଟିଲ ପ୍ଲାଣ୍ଟ ଏମ୍‌ଓୟୁ କରିଥିଲେ, କେତୋଟି କାର୍ଯ୍ୟକାରୀ କରିଛ ବୋଲି ସେ ପ୍ରଶ୍ନ କରିଥିଲେ। ପୂର୍ବ ସରକାର ସମୟରେ ପୋସ୍କୋ ଫେରିଯାଇଥିଲା, ଆମେ ଫେରାଇ ଆଣିଛୁ। ଏଥିସହିତ ମିତ୍ତଲ ପଳାଇଯିବା କଥା ଯେଉଁମାନେ କହୁଛନ୍ତି, ତାହା ବିଭ୍ରାନ୍ତିକର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେପଟେ ଜେଏସଡବ୍ଲୁ ସମୂହ ରାଜ୍ୟରେ ୪୦,୦୦୦ କୋଟି ଟଙ୍କା ବିନିଯୋଗରେ ଏକ ସମନ୍ୱିତ ବୈଦ୍ୟୁତିକ ଯାନ ଏବଂ ଇଭି ବ୍ୟାଟେରୀ ଉତ୍ପାଦନ ପ୍ରକଳ୍ପ ପ୍ରତିଷ୍ଠା ହେବ।

ବିପଦରେ ତେଲେଙ୍ଗିରି ଡ୍ୟାମ୍

ସ୍ଲୁଇସ୍ ଗେଟ୍ ଦେଇ ପାଣି ଲିକ୍

ବୋରିଗୁମ୍ମା, ୧୪।୧୧ (ସଂଚାର ବ୍ୟୁରୋ) : ତେଲିଙ୍ଗିରି ଡ୍ୟାମରେ ସ୍ଲୁଇସ୍ ଗେଟ୍ ଦେଇ ପାଣି ଲିକ୍ ହେଉଥିବା ଦେଖିବାକୁ ମିଳିଛି । ୧୦୦ ଫୁଟ ତଳେ ଥିବା କନଷ୍ଟ୍ରକସନ ସ୍ଲୁଇସ୍ ଗେଟ୍ ଦେଇ ପାଣି ଲିକ୍ ହେଉଛି। ତେବେ ଡ୍ୟାମ୍‌ର ସ୍ଥାୟୀ ମରାମତି ପାଇଁ ଆବଶ୍ୟକ ପଡ଼ିଲେ ପୁରା ଡ୍ୟାମ୍ ଖାଲି କରାଯାଇପାରେ। ଏହା ଫଳରେ ତଳିଆ ଅଞ୍ଚଳର ଏବଂ ରବି ଫସଲ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ସେପଟେ ତେଲେଙ୍ଗିରି ଡ୍ୟାମ୍‌ରୁ ପାଣି ଲିକ୍ ଘଟଣାକୁ ଗୁରୁତର ତ୍ରୁଟି ବୋଲି ଅଧିକ୍ଷଣ ଯନ୍ତ୍ରୀ ବିକାଶ ପ୍ରଧାନ କହିଛନ୍ତି। ମରାମତି ପାଇଁ ବିଶାଖାପାଟଣାରୁ ଏକ୍ସପର୍ଟଙ୍କୁ ଡକାଯାଇଛି। ଡ୍ୟାମ୍‌ରୁ ପାଣି ନିଷ୍କାସନ ବନ୍ଦ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଏବେ ଜଳ ଭଣ୍ଡାରର

ସର୍ବାଧିକ ଜଳଧାରଣ କ୍ଷମତା ୬୩୩ ମିଟର ରହିଛି । ଘଣ୍ଟା ପ୍ରତି ୨୦ ମି.ମି. ପାଣି ଲିକ୍ ହେଉଛି। ଡ୍ୟାମ୍‌ରୁ ପାଣି ଖାଲି ନକରି ମରାମତି ପାଇଁ ଉଦ୍ୟମ ହେବ । ନଚେତ ପାଣି ଖାଲି କରିବାକୁ ବାଧ୍ୟ ବୋଲି ଅଧିକ୍ଷଣ ଯନ୍ତ୍ରୀ କହିଛନ୍ତି । ଏନେଇ ଓଡ଼ିଶା କନ୍‌ଷ୍ଟ୍ରକସନ୍ କର୍ପୋରେସନକୁ ଜଣାଇ ଦିଆଯାଇଛି ।

● ଚେନ୍ ଲୁଟର ଶିକାର ମହିଳାଙ୍କ ମୃତ୍ୟୁ

ପୁଲିସ୍ ବାବୁ କହିଲେ ନିଛାଟିଆ ରାସ୍ତାରେ ଯାଆନ୍ତୁନି

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ଗତ ୧୧ ତାରିଖ ଦିନ ପିପିଲି ଜଟଣୀ ନିଛାଟିଆ ରାସ୍ତାରେ ଘଟିଥିଲା ଏକ ଛିନ୍‌ତାଇ। ଯେଉଁଥିରେ ଲୁଟର ଶିକାର ହୋଇଥିଲେ ବଟଣ୍ଡା ଗାଁର ପ୍ରତାପଙ୍କ ପତ୍ନୀ। କଳା ପଲସର୍‌ରେ ଆସି ଦୁଇ ଜଣ ଯୁବକ ଚେନ୍ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଘଟଣାସ୍ଥଳରେ ଭାରସାମ୍ୟ ହରାଇ ପଡ଼ିଯିବାରୁ ଗୁରୁତର ଆହତ ହୋଇଥିଲେ ତାଙ୍କ ପତ୍ନୀ। ତାଙ୍କୁ ଏକ ଘରୋଇ ଡାକ୍ତର ଖାନାରେ ଚିକିତ୍ସିତ କରାଯାଉଥିଲା। ଗତକାଲି ତାଙ୍କର ମୃତ୍ୟୁ ଘଟିଛି। ଘଟଣା ଦିନ ପ୍ରତାପ ଏରାୟଫିଲ୍ଡ ଥାନରେ ଲିଖିତ ଅଭିଯୋଗ କରିଥିଲେ। ଆଉ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ଏପରିକି ସିପି ଡିସିପିଙ୍କ ନେତୃତ୍ୱରେ ସ୍ପେଶାଲ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ଘଟଣା ସ୍ଥଳକୁ ଯାଇ ସିସିଟିଭି ଫୁଟେଜ୍ ଏବଂ ଅନ୍ୟାନ୍ୟ ପ୍ରମାଣକୁ ଆଧାର କରି ଅନୁସନ୍ଧାନ ଚଳାଇଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ରେଜଲ୍ଟ ମିଳିପାରିନାହିଁ। ଘଟଣାକୁ ୪ଦିନ ବିତିଯାଇଥିଲେ ମଧ୍ୟ ଖାଲି ହାତରେ ବସିଛି ପୁଲିସ୍। ବଡ଼ କଥା ହେଲା ଏରାୟଫିଲ୍ଡ ଥାନର ପୁଲିସ୍ ବାବୁ ଯେଉଁ ପ୍ରତିକ୍ରିୟା ରଖିଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଥିବା ପୁଲିସ୍ ବାବୁ ରାଜଧାନୀବାସୀଙ୍କୁ ନିଛାଟିଆ ରାସ୍ତାରେ ନ ଯିବାକୁ ପରାମର୍ଶ ଦେଇଛନ୍ତି। ତା' ସହ ଅଳଙ୍କାର ପିନ୍ଧି ଯାଉଥିଲେ ଘୋଡ଼ାଇକି ଯିବାବୁ କହିଛନ୍ତି। ଯାହାକୁ ସହଜରେ ଗ୍ରହଣ କରିପାରିନାହାଁନ୍ତି ରାଜଧାନୀବାସୀ।

ଭରତପୁର ଥାନା ମାମଲା

୧୯ରେ ଘଟଣାସ୍ଥଳକୁ ଯିବେ ତଦନ୍ତ କମିଶନ

ଭୁବନେଶ୍ୱର,୧୪।୧୧ (ସଂଚାର ବ୍ୟୁରୋ): ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ମାଡ଼ ମରାଯିବା ମାମଲାରେ ଘଟଣାସ୍ଥଳ ବୁଲି ଦେଖିବେ ତଦନ୍ତ କମିଶନ । ଭରତପୁର ଥାନା ସହିତ ମୂଳ ଘଟଣା ଘଟିଥିବା ସ୍ଥାନ ପରିଦର୍ଶନ କରିବେ ତଦନ୍ତ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସ । ଆସନ୍ତା ୧୯ ତାରିଖ ଅପରାହ୍ଣ ୩ଟାରେ ତଦନ୍ତ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସ ଉଭୟ ଘଟଣାସ୍ଥଳ ଭରତପୁର ଥାନା ଏବଂ ଛାତ୍ରମାନଙ୍କ ସହିତ ହୋଇଥିବା ଗଣ୍ଡଗୋଳ ସ୍ଥଳକୁ ଯାଇ ଅନୁଧ୍ୟାନ କରିବେ। ଅନୁଧ୍ୟାନ ପରେ ଆସନ୍ତା ୩୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରିବେ ବୋଲି ସୂଚନା ଦେଇଛନ୍ତି। ଗୁରୁବାର କମିଶନ ମାମଲାର ଶୁଣାଣି କରିଥିବା ବେଳେ ପୀଡ଼ିତା ଏବଂ ତାଙ୍କ ବନ୍ଧୁ ମେଜର କମିଶନଙ୍କ ନିକଟରେ ହାଜର ହୋଇଥିଲେ। ଏହି ମାମଲାରେ କମିଶନ ୧୬ ଜଣଙ୍କୁ ହାଜର ହେବା ଲାଗି ସମନ ଜାରି କରିଥିଲେ। ଅନ୍ୟମାନଙ୍କ ଓକିଲ ଆସିଥିବା ବେଳେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ ସେନା ଅଧିକାରୀ ଏବଂ ତାଙ୍କ ବାନ୍ଧବୀ । ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୪ ରାତିରେ ଭରତପୁର ଥାନାରେ ଆର୍ମି ମେଜର ଓ ବାନ୍ଧବୀଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ମେଜରଙ୍କ ସହ ପୀଡ଼ିତା ରାତି ୧ଟା ବେଳେ ଅଭିଯୋଗ କରିବାକୁ ଯାଇଥିବା ବେଳେ ପୋଲିସ ତାଙ୍କୁ ଦୁର୍ବ୍ୟବହାର କରିଥିଲା। ଏହି ମାମଲାରେ ତତ୍କାଳୀନ ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ୪ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି।

ରାଜ୍ୟ ଯୋଜନା ବୋର୍ଡ ଓଡ଼ିଶାରେ ଅଚଳ

ଭୁବନେଶ୍ୱର, ୧୪।୧୧: ସତର ବର୍ଷ ଧରି ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡ ବୈଠକ ଅନୁଷ୍ଠିତ ହୋଇନାହିଁ। ଯୋଜନା ବୋର୍ଡର ଅଧ୍ୟକ୍ଷ ନିଜେ ମୁଖ୍ୟମନ୍ତ୍ରୀ ରହିଆସୁଥିବା ବେଳେ ରାଜନୈତିକ ଥଇଥାନ ପାଇଁ ବରିଷ୍ଠ ରାଜନେତାମାନଙ୍କୁ ଏଠାରେ ଉପାଧ୍ୟକ୍ଷ ଓ ସଦସ୍ୟ ଭାବେ ସରକାର ନିଯୁକ୍ତି କରିଥାନ୍ତି। ତେବେ ଓଡ଼ିଶାରେ ବିଜେପି ସରକାର ଗଠିତ ହେବା ପରେ ଅଧାଖଣ୍ଡିଆ ଅବସ୍ଥାରେ ଥିବା ରାଜ୍ୟ ଯୋଜନା ବୋର୍ଡକୁ ଭାଙ୍ଗି ଦିଆଯାଇଥିଲେ ମଧ୍ୟ ଆଉ ନୂଆ ଯୋଜନା ବୋର୍ଡ ଗଢ଼ାଯାଇ ନାହିଁ। ଓଡ଼ିଶାରେ ବିଜେଡି-ବିଜେପିର ମିଳିତ ସରକାର ଚାଲୁଥିବା ବେଳେ ବେଦପ୍ରକାଶ ଅଗ୍ରୱାଲାଙ୍କୁ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ କରାଯାଇଥିଲା। ତାଙ୍କ ସମୟରେ ଯୋଜନା ବୋର୍ଡର ସର୍ବଶେଷ ବୈଠକ ୨୦୦୭ ଅକ୍ଟୋବର ୧୫ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ସୁରେନ୍ଦ୍ର ନାଥ ନାୟକ, ବିଷ୍ଣୁ ଚରଣ ଦାସ, ଏନ୍. ଭାସ୍କର ରାଓ, ସଞ୍ଜୟ ଦାସବର୍ମାଙ୍କ ଭଳି ରାଜନେତାମାନଙ୍କୁ ଏହି ବୋର୍ଡର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇ କ୍ୟାବିନେଟ୍ ମନ୍ତ୍ରୀଙ୍କ ପାଇଁ ଥିବା ବେତନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯାଉଥିଲା। ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଭାବରେ ଦଳୀୟ ଟିକେଟ୍‌ରୁ ବଞ୍ଚିତ ରାଜନେତାଙ୍କୁ ଥଇଥାନ କରାଯାଉଥିଲା। ପ୍ରସନ୍ନ ପାଟ୍ଟଶାଣୀଙ୍କ ଭଳି ପୂର୍ବତନ ସାଂସଦଙ୍କୁ କ୍ୟାବିନେଟ୍ ପାହ୍ୟା ଦିଆଯାଇ ଏହାର ସଦସ୍ୟ ଭାବେ ମଧ୍ୟ ନିଯୁକ୍ତି ଦିଆଯିବାର ନଜିର ରହିଛି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଓ ଉନ୍ନୟନ ପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ ଦୀର୍ଘ ଓ ସ୍ୱଳ୍ପ ମିଆଦି ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଯୋଜନା ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଏଥିପାଇଁ ଜିଲ୍ଲା ସ୍ତରରେ ମଧ୍ୟ ଯୋଜନା କମିଟିମାନ ଗଢ଼ା ଯାଇଥାଏ। ମୋଟାମୋଟି ଭାବେ ରାଜ୍ୟରେ ଗଚ୍ଛିତ ସାମଗ୍ରୀ, ପୁଞ୍ଜି ଓ ମାନବ ସମ୍ବଳକୁ ସୁବ୍ୟବସ୍ଥିତ ଭାବରେ ନିର୍ଦ୍ଧାରଣ ସହିତ ଏହାର ସର୍ବାଧିକ ବିନିଯୋଗ ପାଇଁ ଯୋଜନା ବୋର୍ଡ କାର୍ଯ୍ୟସୂଚୀ ପ୍ରସ୍ତୁତ ସହିତ ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିଥାଏ। ଏମିତିକି ରାଜ୍ୟ ବଜେଟ୍ ପ୍ରସ୍ତୁତିରେ ବୋର୍ଡର ଭୂମିକା ବି ରହିଥାଏ। ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏହି ବୋର୍ଡ ରାଜ୍ୟ ସରକାରଙ୍କୁ ସୁପାରିସ କରିଥାଏ। ତେବେ ଗତ ଜୁଲାଇ ୧୮ ତାରିଖରୁ ଅଚଳ ଯୋଜନା ବୋର୍ଡକୁ ରାଜ୍ୟ ସରକାର ଭାଙ୍ଗି ଦେଇଥିବା ବେଳେ ୪ମାସ ଧରି ଆଉ ନୂଆ ବୋର୍ଡ ଗଢ଼ି ପାରିନାହାନ୍ତି। ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଓ ସଦସ୍ୟ ହେବା ପାଇଁ ବହୁ ରାଜନୈତିକ ନେତା ଆଶା ବାନ୍ଧି ବସିବା ସହିତ ବିଭିନ୍ନ ମହଲରେ ଲବି କରିକରି ହତାଶ ହୋଇପଡୁଥିଲେ ବି ସେମାନଙ୍କ କଥା ଶୁଣିବାକୁ କେହି ନାହିଁ। (ତଥ୍ୟ)

ବିଏମ୍‌ସିରେ ଅଫିସର୍ ରାଜ୍!

ସିଓଙ୍କ ଚାପରେ ବଦଳିଲା ଭତ୍ତା ବଣ୍ଟନ ତାରିଖ

ବ୍ରହ୍ମପୁର,୧୪।୧୧(ସଂଚାର ବ୍ୟୁରୋ): ପୂର୍ବ ସରକାରରେ ଅଫିସର ରାଜ୍ କାହାକୁ ବା ଅଛପା। ବିଜେଡି ସରକାର କ୍ଷମତାରୁ ହଟିବା ପରେ ବିଜେପି ଶାସନରେ ଅଫିସରଙ୍କ ରାଜୁତି ଉପରେ ସମ୍ପୂର୍ଣ୍ଣ ବ୍ରେକ୍ ଲାଗିଥିବା କୁହାଯାଉଛି। କିନ୍ତୁ ବ୍ରହ୍ମପୁର ମହାନଗର ନିଗମରେ ପୂର୍ବଭଳି ଅଧିକାରୀମାନଙ୍କ ଇଚ୍ଛା ଅନୁସାରେ ହିଁ କାର୍ଯ୍ୟ ହେଉଛି। ବିଏମସିରେ ଦିନକୁ ଦିନ ଅବ୍ୟବସ୍ଥା ବଢ଼ିବାରେ ଲାଗିଛି। ଏଠି ନିୟୋଜିତ ଅଧିକାରୀ, ଯନ୍ତ୍ରୀ ଏବଂ କର୍ମଚାରୀ ନିଜ ଇଚ୍ଛା ମୁତାବକ କାର୍ଯ୍ୟ ଜାରି ରଖିଥିବା ଅଭିଯୋଗ ହୋଇଛି। ସମ୍ପ୍ରତି ଭତ୍ତା ବଣ୍ଟନ ତାରିଖକୁ ନେଇ ଏଭଳି କଥା ସାମ୍ନାକୁ ଆସିଛି। ପ୍ରତ୍ୟେକ ମାସର ୧୫ ତାରିଖରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ଭତ୍ତା ବଣ୍ଟନ ହେଉଥିଲା। ଏହି



ଦିନକୁ ଜନସେବା ଦିବସ ଭାବେ ମଧ୍ୟ ନାମିତ କରାଯାଇଛି। ପ୍ରତ୍ୟକ ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ହିତାଧିକାରୀଙ୍କ ସୁବିଧା ପାଇଁ ଛୁଟି ଦିନ ପଡିଲେ ବି ଭତ୍ତା ବଣ୍ଟନ ହେଉଥିଲା। ଏବେ କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଖବର ପ୍ରକାରେ, ଚଳିତ ମାସର ୧୫ ତାରିଖରେ ଭତ୍ତା ବଣ୍ଟନ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହି ଦିନ ରାସ ପୂର୍ଣ୍ଣିମା ଥିବାରୁ ମହାନଗର ନିଗମର ଗୋଷ୍ଠୀ ସଂଯୋଜିକାମାନେ (ସିଓ) ଭତ୍ତା ବାଣ୍ଟିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ। ବ୍ରହ୍ମପୁର ମେୟରଙ୍କୁ ଭେଟି ବହୁ ଗୋଷ୍ଠୀ ସଂଯୋଜିକା ତାରିଖ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲେ। ଆଉ ଏହାକୁ ଦୃଷ୍ଟିରେ ରଖି ଭତ୍ତା ବଣ୍ଟନ ତାରିଖରେ ଏବେ ପରିବର୍ତ୍ତନ ହୋଇଛି। ୧୫ ତାରିଖ ଶୁକ୍ରବାର ପରିବର୍ତ୍ତେ ୧୬ ତାରିଖ ଶନିବାର ଚଳିତ ମାସର ଭତ୍ତା ବଣ୍ଟନ ହେବ। ଯାହାକୁ ନେଇ ହିତାଧିକାରୀ ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଇଚ୍ଛା ଅନୁସାରେ ତାରିଖ ବଦଳା ଯାଇଥିବା ବେଳେ ହିତାଧିକାରୀମାନଙ୍କୁ ଏ ବାବଦରେ କୌଣସି ସୂଚନା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି।

ଲାଞ୍ଚନେଇ ବନ୍ଧାହେଲେ ଆର୍‌ଆଇ

ଭୁବନେଶ୍ୱର/ ଭଦ୍ରକ,୧୪।୧୧ (ସଂଚାର ବ୍ୟୁରୋ): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଲେ ଆରଆଇ। କେସ୍ ଫାଇଲ କରି ଦତନ୍ତ ଆରମ୍ଭ କଲା ବାଲେଶ୍ୱର ଭିଜିଲାନ୍ସ ଡିଭିଜନ୍। ଜମିର କିସମ ପରିବର୍ତ୍ତନ କିରିବା ପାଇଁ ଲାଞ୍ଚ ନେବା ବେଳେ ତିହିଡ଼ି ବ୍ଲକ ଗଦି ରାଜସ୍ୱ ନିରୀକ୍ଷକଙ୍କୁ ଧରିଛି ଭିଜିଲାନ୍ସ।

ଜମିର କିସମ ପରିବର୍ତ୍ତନ କରିବା ପାଇଁ ଆରଆଇ୍ ଭାଗବତ ଖଟୁଆଙ୍କ ପାଖରେ ଆବେଦନ କରିଥିଲେ ବିଜୟ ମଲ୍ଲିକ ନାମକ ଜଣେ ଯୁବକ। ତେବେ ଯୁବକଙ୍କୁ ପାଞ୍ଚ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଆରଆଇ୍। ଘଟଣା ବିଷୟରେ ଭିଜିଲାନ୍ସ ପାଖରେ ଫେରାଦ ହୋଇଥିଲେ ବିଜୟ । ଲାଞ୍ଚୁଆ ଆରଆଇଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା ଭିଜିଲାନ୍ସ। କେମିକାଲ ଲଗା ଟଙ୍କା ନେଇ ଆରଆଇଙ୍କୁ ଦେଇଥିଲେ ବିଜୟ। ସେହି ସମୟରେ ପୂର୍ବ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଅଧିକାରୀ ଆରଆଇ୍ ଭାଗବତ ଖଟୁଆଙ୍କୁ ମାଡ଼ି ବସିଥିଲେ। ପ୍ରମାଣ ସ୍ୱରୂପ ଆରଆଇ୍ ଭାଗବତଙ୍କ ହାତରୁ ମିଳିଥିଲା କେମିକାଲ ଓ ପାଞ୍ଚ ହଜାର ଟଙ୍କା। ଭାଗବତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଛି। କିସମ ପରିବର୍ତ୍ତନ ପାଇଁ ଗରିବ ଠାରୁ ଟଙ୍କା ଆଦାୟ କରୁଥିବାର ଅଭିଯୋଗ ରହିଛି। ତାଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ ଲୋକ ଖୁସି ବ୍ୟକ୍ତ କରିଛନ୍ତି।

AFFIDAVIT

By virtue of an affidavit sworn before the Executive Magistrate Pipili, I Sukuni Behera D/o-Surendra Behera At-Ranapur, Po-Dandamakundpur, Ps-Pipili, Dist-Puri, do here by solemnly affirm that my name has been mentioned as Urmi Behera In my savings account and Adhar Card No- 3337 2179 3047. That after my Marriage with Chinmaya Behera. I am Know as Sukuni Behera Which as been Mentioned in Adhar Card No. 3337 2179 3047. That Sukuni Behera And Urmi Behera is one and Same Person i.e myself.

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

ସେୟାର ବଜାର / ସେନସେକ୍ସ ୧୦୦ ପଏଣ୍ଟ ବୃଦ୍ଧି

ନିଫ୍ଟି ପାଖାପାଖି ୨୩,୬୦୦

ନୂଆଦିଲ୍ଲୀ,୧୪।୧୧: ଭାରତୀୟ ସେୟାର ବଜାର ଦୁଇ ଦିନର ବଡ଼ ପତନ ପରେ ସପ୍ତାହର ଚତୁର୍ଥ ଦିନ ଗୁରୁବାର ଗ୍ରୀନ୍ ଜୋନରେ କାରବାର ଆରମ୍ଭ କରିଥିଲା। ଉଭୟ ପ୍ରମୁଖ ଇଣ୍ଡେକ୍ସ ସାମାନ୍ୟ ହ୍ରାସ ସହିତ ଖୋଲିଥିଲା। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୫୦ ଇଣ୍ଡେକ୍ସ ୧୬.୯୦ ପଏଣ୍ଟ ଅର୍ଥାତ୍ ୦.୦୦୭ ପ୍ରତିଶତ ତଳକୁ ଖସି ୨୩,୫୪୨.୧୫ ପଏଣ୍ଟରେ ଖୋଲିଥିଲା । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୫୪.୦୧ ପଏଣ୍ଟ ଅର୍ଥାତ୍ ୦.୦୭ ପ୍ରତିଶତ ତଳକୁ ଖସି ୭୭.୬୩୬.୯୪ରେ ଖୋଲିଥିଲା । ଯଦିଓ କିଛି ସମୟ ମଧ୍ୟରେ ସେୟାର ବଜାରରେ ବୃଦ୍ଧି ଦେଖିବାକୁ ମିଳିଥିଲା । ସକାଳ ୯ଟା ୪୮ ମିନିଟରେ ସେନସେକ୍ସ ୧୧୧.୭୭ ପଏଣ୍ଟ (୦.୧୪%) ବୃଦ୍ଧି ସହିତ ୭୭,୮୦୨.୭୨ ଏବଂ ନିଫ୍ଟି ୨୫.୯୦ ପଏଣ୍ଟ (୦.୧୧%) ବୃଦ୍ଧି ସହିତ ୨୩,୫୮୪.୯୫ରେ କାରବାର କରୁଥିଲେ। ନିଫ୍ଟି ବ୍ୟାଙ୍କ ୨୯୭.୫୫ ପଏଣ୍ଟ ଅର୍ଥାତ୍ ୦.୫୯ ପ୍ରତିଶତ ବୃଦ୍ଧି ପରେ ୫୦,୩୮୫.୯୦ରେ ରହିଥିଲା। ନିଫ୍ଟି ମିଡକ୍ୟାପ୍ ୧୦୦ ଇଣ୍ଡେକ୍ସ ୨୬୧.୯୫ ପଏଣ୍ଟ ବା ୦.୪୯ ପ୍ରତିଶତର ବୃଦ୍ଧି ପରେ ୫୪,୦୬୨.୮୦ ସ୍ତରରେ କାରବାର କରୁଥିଲା । ସେପଟେ ନିଫ୍ଟି ସ୍ମଲକ୍ୟାପ୍ ୧୦୦ ଇଣ୍ଡେକ୍ସ ୧୧୪.୩୫ ପଏଣ୍ଟ ଅର୍ଥାତ୍ ୦.୬୬ ପ୍ରତିଶତ ବୃଦ୍ଧି ପରେ ୧୭,୫୭୩.୨୫ରେ ରହିଥିଲା । ସେନସେକ୍ସ ପ୍ୟାକରେ ଏଚ୍‌ସିଏଲ୍ ଟେକ୍, ଏସିଆନ୍ ପେଣ୍ଟସ୍, ଏନଟିପିସି, ଇଣ୍ଡସଇଣ୍ଡ ବ୍ୟାଙ୍କ, ଏସବିଆଇ, ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଟେକ୍ ମହିନ୍ଦ୍ରା ସର୍ବାଧିକ ଲାଭକାରୀ ରହିଥିଲେ । ତେବେ ଅଲଟ୍ରା ଟେକ୍ ସିମେଣ୍ଟ, ପାୱାର ଗ୍ରୀଡ୍, ଆକ୍ସିସ୍ ବ୍ୟାଙ୍କ, ହିନ୍ଦୁସ୍ତାନ ୟୁନିଲିଭର, ମାରୁତି ଏବଂ ଏମ୍ ଆଣ୍ଡ ଏମ୍ ସର୍ବାଧିକ ହାରିଥିଲେ । ଯଦିଓ ଭାରତୀୟ ଷ୍ଟକ ବଜାର ପାଇଁ ବୁଧବାରର କାରବାର କ୍ଷତି ହୋଇଛି । ଭାରି ବିକ୍ରୟ ହେତୁ ଉଭୟ ନିଫ୍ଟି ଏବଂ ସେନସେକ୍ସ ପାଞ୍ଚ ମାସ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲେ । ଗତକାଲିର କାରବାରରେ ସେନସେକ୍ସ ୯୮୪ ପଏଣ୍ଟ ଅର୍ଥାତ୍ ୧.୨୫ ପ୍ରତିଶତ ତଳକୁ ଖସି ୭୭,୬୯୦ ଏବଂ ନିଫ୍ଟି ୩୨୪ ପଏଣ୍ଟ ଅର୍ଥାତ୍ ୧.୩୬ ପ୍ରତିଶତ ତଳକୁ ଖସି ୨୩,୫୫୯ରେ ବନ୍ଦ ହୋଇଥିଲା ।

ଭୁବନେଶ୍ୱରରେ ଆଜି ବଢ଼ିଲା ପେଟ୍ରୋଲ ଦର



ଭୁବନେଶ୍ୱର,୧୪।୧୧(ସଂଚାର ବ୍ୟୁରୋ): ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩. ୧୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୪୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୯ ଟଙ୍କା ୯୭ ପଇସା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୪ ଟଙ୍କା ୯୫ ପଇସା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୭୬ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି । କେମିତି ଜାଣିବେ ଆପଣଙ୍କ ସହରରେ କେତେ ଅଛି ଦାମ୍ : ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ ଏସ୍‌ଏମ୍‌ଏସ୍ ମାଧ୍ୟମରେ ମଧ୍ୟ ଜାଣିପାରିବେ । ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ । ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ । ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ । ପ୍ରତିଦିନ ଛଅଟା ବେଳେ ବଦଳିଯାଏ ମୂଲ୍ୟ : ସୂଚନା ମୁତାବକ, ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ । ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ ।

ପୁଣି କମିଲା ସୁନା ଦର

ନୂଆଦିଲ୍ଲୀ,୧୪।୧୧: ଗତ କିଛି ଦିନ ଧରି ବଢି ଚାଲିଥିଲା ସୁନା ଦର । ଦୀପାବଳିରେ ସୁନା ଦର ବୃଦ୍ଧି ପାଇ ୮୨ ହଜାର ପାର କରିଥିଲା । ଏବେ ଦର ଉପରେ ସାମୟିକ ଭାବେ ଲାଗିଛି ବ୍ରେକ। ଆଜି ପୁଣି ସୁନା ଦର ଟିକେ କମିଛି । ସେହିପରି ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୦ ହଜାର ୪୪୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୬ ହଜାର ୮୪୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୦,୪୪୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୬ ,୮୪୦ ଟଙ୍କା ହୋଇଛି । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୦,୪୪୦ଟଙ୍କା ଓ ୭୬ ,୮୪୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୦,୫୯୦ ଟଙ୍କା ଓ ୭୬ , ୯୯୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୦,୪୪୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୬ ,୮୪୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୦,୪୪୦ ଟଙ୍କା ଓ ୭୬ ,୮୪୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୦,୯୦୦ ହଜାର ଟଙ୍କା ହୋଇଛି ।

କେମିତି କରିବେ କୁହୁଡ଼ିରେ ସୁରକ୍ଷିତ ଡ୍ରାଇଭିଂ

ନୂଆଦିଲ୍ଲୀ,୧୪।୧୧: କୁହୁଡ଼ି ହେତୁ ଶୀତ ଋତୁରେ ଗାଡି ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇଯାଏ, ଏପରି ପରିସ୍ଥିତିରେ ସୁରକ୍ଷା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷକୁ ଧ୍ୟାନରେ ରଖିବା ଜରୁରୀ ହୋଇଥାଏ । ପ୍ରତିବର୍ଷ କୁହୁଡି ଯୋଗୁଁ ସଡ଼କ ଦୁର୍ଘଟଣାରେ ଅନେକ ଲୋକ ପ୍ରାଣ ହରାନ୍ତି । କିନ୍ତୁ ଯଦି ଆପଣ ଟିକେ ସତର୍କତାର ସହିତ ଗାଡି ଚଲାଇବେ, ତେବେ ଆପଣ ନିଜ ଜୀବନକୁ ବିପଦରୁ ରକ୍ଷା କରିପାରିବେ । ରିଫ୍ଲେକ୍ଟିଭ୍ ଟେପ୍: ଗ୍ରାହକଙ୍କ ନିରାପତ୍ତାକୁ ଧ୍ୟାନରେ ରଖି ଅନେକ ଅଟୋ କମ୍ପାନୀଗୁଡିକ ଅନେକ ମଡେଲରେ ଫଗ୍ ଲାଇଟର ସୁବିଧା ପ୍ରଦାନ କରନ୍ତି ଯଦି ଆପଣଙ୍କର କାରରେ ଏହି ଫିଚର୍ ନାହିଁ, ତେବେ ଆପଣ ଗାଡିର ଆଗ ଏବଂ ପଛରେ ରିଫ୍ଲେକ୍ଟିଭ୍ ଟେପ୍ ବ୍ୟବହାର କରିବା ଉଚିତ୍ । ଏହି ଟେପ୍ ପ୍ରୟୋଗ କରିବାର ସୁବିଧା ହେଉଛି ଏହି ଟେପ୍ ଦୂରରୁ ମଧ୍ୟ ଚମକିଥାଏ, ଯାହା ଆପଣଙ୍କ ପଛରେ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଜାଣିବାକୁ ଦେଇଥାଏ ଯେ ଆଗରେ ଏକ କାର୍ ଅଛି । କାର୍ ଏସି ହୋଇପାରେ ଉପଯୋଗୀ: ଶୀତ ଋତୁରେ ଏସି ? ଏହା ଶୁଣି ଆପଣ ଚକିତ ହୋଇପାରନ୍ତି, କିନ୍ତୁ ଏସି ଚଳାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର କାରଣ ହେଉଛି, କାର୍ ଗ୍ଲାସ୍ ବନ୍ଦ ଥିବାରୁ ୱିଣ୍ଡିଶିଲ୍ଡରେ କୁହୁଡ଼ି ଜମା ହେବା ଆରମ୍ଭ କରେ । କ୍ଲିୟର୍ ଭିଜିବିଲିଟି ଏବଂ କୁହୁଡି ହଟାଇବା ପାଇଁ ଏସି ଚଳାଇବା ଆବଶ୍ୟକ, ଅବଶ୍ୟ ଆପଣ ଗୋଟିଏ ହି ନମ୍ବରରେ ଏସି ଚଳାଇବା ଉଚିତ ଏବଂ ଗ୍ଲାସରୁ କୁହୁଡ଼ି ବାହାର ହେବା ମାତ୍ରେ ଆପଣ ଏସି ବନ୍ଦ କରିପାରନ୍ତି । ଏହି ଫିଚର୍ କ'ଣ କାମ କରେ ? ଏକ ନୂତନ କାର୍ କିଣିବାବେଳେ, ଆପଣ କିଣୁଥିବା ମଡେଲରେ ଡିଫଗର୍ ଫିଚର୍ ଅଛି କି ନାହିଁ ନିଶ୍ଚିତ ଭାବରେ ଯାଞ୍ଚ କରନ୍ତୁ । ଯେଉଁମାନେ ଏକ ନୂତନ କାର୍ କିଣୁଛନ୍ତି ସେମାନଙ୍କୁ କେବଳ ଡିଫଗର୍ ଏବଂ ଫଗ୍ ଲାଇଟ୍ ଭଳି ଉପଯୋଗୀ ଫିଚର୍ ସହିତ ଆସୁଥିବା କାର କିଣିବାକୁ ପରାମର୍ଶ ଦିଆଯାଇଛି ଯାହାଫଳରେ କୁହୁଡିରେ ଗାଡି ଚଳାଇବା ସହଜ ହେବ । ଯଦି ଆପଣଙ୍କର କାରରେ ଏହି ଫିଚର୍ ନାହିଁ ତେବେ ଆପଣ କାର୍ ୱିଣ୍ଡସିଲ୍ଡ ଫଗ୍ ରିମୁଭର ସ୍ପ୍ରେ ବ୍ୟବହାର କରିପାରିବେ । ଏହି ସ୍ପ୍ରେକୁ ଗ୍ଲାସରେ ସ୍ପ୍ରେ କରନ୍ତୁ, ଏହି ସ୍ପ୍ରେ ଗ୍ଲାସରେ କୁହୁଡ଼ି ରହିବାକୁ ହେବାକୁ ଦିଏ ନାହିଁ ଏବଂ ଆପଣ ଏକ କ୍ଲିୟର୍ ଭିଜିବିଲିଟି ପାଇପାରିବେ ଯାହା ସେଫ୍ ଡ୍ରାଇଭିଂରେ ସାହାଯ୍ୟ କରେ । ଆପଣ ଏହି ସ୍ପ୍ରେକୁ ଅଫଲାଇନ୍ ଏବଂ ଅନଲାଇନ୍ (ଫ୍ଲିପକାର୍ଟ ଏବଂ ଆମାଜନ) ପାଇପାରିବେ ।

ଅକ୍ଟୋବରରେ କମିଲା ବାଣିଜ୍ୟିକ ଘାଟା

ନୂଆଦିଲ୍ଲୀ,୧୪।୧୧: ଅକ୍ଟୋବରରେ କମିଲା ବାଣିଜ୍ୟିକ ଘାଟା। ଗୁରୁବାର ଭାରତ ସରକାର ଜାରି କରିଥିବା ତଥ୍ୟ ଅନୁସାରେ, ଅକ୍ଟୋବର ମାସରେ ଦେଶରେ ବାଣିଜ୍ୟିକ ଘାଟା ବାର୍ଷିକ ଆଧାରରେ ୩୩.୪୩ ବିଲିଅନ ଡଲାର ହ୍ରାସ ପାଇ ୨୭.୧୪ ବିଲିଅନ ଡଲାର ହୋଇଛି। ସେପ୍ଟେମ୍ବର ୨୦୨୪ରେ ଏହି ସଂଖ୍ୟା ୨୦.୭୮ ବିଲିୟନ ଡଲାର ଥିଲା। ରୟଟର୍ସର ପୋଲ୍ ଅନୁସାରେ, ଅକ୍ଟୋବରରେ ବାଣିଜ୍ୟିକ ଘାଟା ୨୨ ବିଲିଅନ ଡଲାର ହେବାର ଆକଳନ କରାଯାଇଥିଲା। ଅକ୍ଟୋବର ମାସରେ ଭାରତର ବାଣିଜ୍ୟିକ ରପ୍ତାନୀ ୩୯.୨ ବିଲିଅନ ଡଲାର ରହିଥିଲା। ସେହିପରି ଆମଦାନୀ ୬୬.୩୪ ବିଲିଅନ ଡଲାର ରହିଥିଲା। ସେହିପରି ଗତ ମାସରେ ରପ୍ତାନୀ ୩୪.୫୮ ବିଲିଅନ ରହିଥିବା ବେଳେ ଆମଦାନୀ ୫୫.୩୫ ବିଲିଅନ ରହିଥିଲା। ଅକ୍ଟୋବର ମାସରେ ଭାରତର ସେବା ରପ୍ତାନୀ ୩୪.୨ ବିଲିଅନ ଡଲାର ରହିଥିବା ବେଳେ ଆମଦାନୀ ୧୭. ବିଲିଅନ ଡଲାର ହୋଇଛି। ଯାହା ସେପ୍ଟେମ୍ବରରେ ରପ୍ତାନୀ ୩୦.୬୧ ବିଲିଅନ ଡଲାର ଓ ଆମଦାନୀ ୧୬.୩୨ ବିଲିଅନ ଡଲାର ରହିଥିଲା।

୧୭ ହଜାର କର୍ମଚାରୀ ଛଟେଇ କରିବ ବୋଇଂ

ନୂଆଦିଲ୍ଲୀ,୧୪।୧୧: ଆମେରିକା ବିମାନ ନିର୍ମାଣକାରୀ କମ୍ପାନୀ ବୋଇଂ କର୍ମଚାରୀ ଛଟେଇ କରିବ ବୋଲି ବୁଧବାର ଘୋଷଣା କରିଛି। ଚଳିତ ସପ୍ତାହ ଠାରୁ କର୍ମଚାରୀଙ୍କ ପାଖକୁ ଛଟେଇ ନୋଟିସ୍ ପଠାଯିବ ବୋଲି କମ୍ପାନୀ କହିଛି। ଅନ୍ତର୍ଜାତୀୟ ଗଣମାଧ୍ୟମର ରୟଟର୍ସର ରିପୋର୍ଟ ଅନୁସାରେ ବହୁଦେଶୀୟ କମ୍ପାନୀ ବୋଇଁ ୧୭ ହଜାର କର୍ମଚାରୀ ଛଟେଇ କରିବ। ଏହା କମ୍ପାନୀର ବିଶ୍ୱ ଶ୍ରମବଳର ମାତ୍ର ୧୦ ପ୍ରତିଶତ। ଋଣରେ ବୁଡ଼ିଥିବା ପ୍ରତିଷ୍ଠିତ ଏରୋସ୍ପେସ୍ କମ୍ପାନୀ ବୋଇଂକୁ ଚଳିତ ବର୍ଷ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି।

ମୋଦିଙ୍କ ଶାସନରେ କମିଛି ମଧ୍ୟବିତ୍ତଙ୍କ ମୁଣ୍ଡରୁ ଟିକସ ବୋଝ

ନୂଆଦିଲ୍ଲୀ,୧୪।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ୧୦ ବର୍ଷର ଶାସନ ସମୟରେ ମଧ୍ୟବିତ୍ତଙ୍କୁ ମୁଣ୍ଡରୁ କମିଛି ଟିକସ ବୋଝ। ଯେଉଁ ବ୍ୟକ୍ତିମାନେ ବାର୍ଷିକ ୨୦ ଲକ୍ଷରୁ କମ ଟଙ୍କା ଆୟ କରନ୍ତି, ସେମାନେ ମଧ୍ୟବିତ୍ତ ବର୍ଗର ଲୋକ ଭାବେ ବିବେଚିତ ହୁଅନ୍ତି। ଏହି ବର୍ଗରେ ଥିବା ଲୋକଙ୍କ ମୁଣ୍ଡରୁ ଟିକସ ବୋଝ ମୋଦିଙ୍କ ପ୍ରଥମ ୧୦ ବର୍ଷର ଶାସନ ମଧ୍ୟରେ ହ୍ରାସ ପାଇଛି। ଅନ୍ୟପଟେ ମୋଦିଙ୍କ ୧୦ ବର୍ଷର ଶାସନ ମଧ୍ୟରେ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ଟିକସ ଫାଇଲ କରିବାର ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଛି। ପୂର୍ବ ତୁଳନାରେ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକମାନେ ଅଧିକ ସଂଖ୍ୟାରେ ଆୟକର ଫାଇଲ କରୁଛନ୍ତି। ଆୟକର ଟିକସ ରିଟର୍ଣ୍ଣ(ଆଇଟିଆର) ଫାଇଲ ତଥ୍ୟ ଅନୁସାରେ, ୨୦୨୩-୨୪ରେ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ସଂଖ୍ୟା ୯.୩୯ ଲକ୍ଷକୁ ବୃଦ୍ଧି ପାଇଛି। ଏହା ୨୦୧୩-୧୪ ତୁଳନାରେ ୫ ଗୁଣ ଅଧିକ। ୨୦୧୩-୧୪ରେ ୧.୮୫ ଲକ୍ଷ ଲୋକ ସେମାନଙ୍କ ଆୟ ୫୦ ଲକ୍ଷରୁ ଅଧିକ ଥିବା କହିଥିଲେ। ଏହିସହ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ଆୟକର ଟିକସ ପରିମାଣ ମଧ୍ୟ ୩.୨ ଗୁଣ ଅଧିକ ରହିଛି। ୨୦୧୪ରେ ଏହା ୨.୫୨ ଲକ୍ଷ ଥିବା ବେଳେ ୨୦୨୪ରେ ଏହା ୯.୬୨ ଲକ୍ଷ କୋଟିରେ ପହଞ୍ଚିଛି। ଗୋଟିଏ ସୂତ୍ରରେ କୁହାଯାଇଛି ଯେ ସଂଗ୍ରହ ହେଉଥିବା ମୋଟ ଟିକସ ମଧ୍ୟରୁ ୭୬% କେବଳ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ଠାରୁ ଆଦାୟ ହୋଇଛି। ଏହାଦ୍ୱାରା ମଧ୍ୟବିତ୍ତଙ୍କ ମୁଣ୍ଡ ଉପରେ ରହିଥିବା ଟିକସ ବୋଝ ଆଶାତୀତ ଭାବେ ହ୍ରାସ ପାଇଛି।

ଶୀତଦିନେ ବାଇକ୍ ଦେବ ଜବରଦସ୍ତ ପରଫରମାନ୍ସ

ନୂଆଦିଲ୍ଲୀ,୧୪।୧୧: ଶୀତଦିନ ପାଖେଇ ଆସୁଥିବାରୁ ବାଇକ୍ ରାଇଡର୍ସଙ୍କ ପାଇଁ ସମସ୍ୟା ବଢ଼ିଯାଏ । ଥଣ୍ଡା କାରଣରୁ ବାଇକ୍ ଡ୍ରାଇଭରମାନଙ୍କୁ ମଧ୍ୟ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଯେଉଁଥିରେ ବାଇକ୍ ଷ୍ଟାର୍ଟ ନହେବା ଠାରୁ ଆରମ୍ଭ କରି ସଠିକ୍ ମାଇଲେଜ୍ ନ ଦେବା ପର୍ଯ୍ୟନ୍ତ ଅନେକ ଜିନିଷ ସାମିଲ ଅଛି । ତେବେ ଆଜି ଆମେ ଆପଣଙ୍କୁ ଶୀତଋତୁ ଆସିବା ପୂର୍ବରୁ ବାଇକରେ କିଛି ସର୍ଭିସିଂ ବା କାମ ବିଷୟରେ ଜଣାଇବୁ । ଯେଉଁ କାରଣରୁ ବାଇକର କାର୍ଯ୍ୟଦକ୍ଷତା ଉନ୍ନତ ହେବ ଏବଂ ମାଇଲେଜ୍ ମଧ୍ୟ ଉନ୍ନତ ହେବ । ତେବେ ଆସନ୍ତୁ ଜାଣିବା ଏହା ବିଷୟରେ । ଇଞ୍ଜିନ୍ ଅଏଲ ଚେଞ୍ଜ କରନ୍ତୁ: ଶୀତଦିନେ, ଇଞ୍ଜିନ ଅଏଲ୍ ଗାଢ଼ ହୋଇପାରେ, ଯେଉଁ କାରଣରୁ ଇଞ୍ଜିନ ଉପରେ ଅଧିକ ପ୍ରେସର ପଡେ । ଇଞ୍ଜିନ ଉପରେ ଅତ୍ୟଧିକ ପ୍ରେସର ଯୋଗୁଁ ମାଇଲେଜ୍ କମ୍ ହୋଇପାରେ । ତେଣୁ, ଶୀତଋତୁ ଆରମ୍ଭରେ, ପୁରୁଣା ଇଞ୍ଜିନ୍ ଅଏଲକୁ ସଠିକ୍ ଗ୍ରେଡ୍ ର ନୂଆ ଇଞ୍ଜିନ୍ ଅଏଲ ସହିତ ବଦଳାନ୍ତୁ, ଯାହା ଶୀତରେ ମଧ୍ୟ ସହଜରେ ଫ୍ଲୋ ହୋଇପାରିବ । ଏୟାର ଫିଲ୍ଟର୍ ସଫା କରନ୍ତୁ: ଶୀତଦିନେ ଏୟାର ଫିଲ୍ଟରକୁ ନିୟମିତ ସଫା କରାଯିବା ଉଚିତ୍ । ଏହା ଉପରେ ଧୂଳି ଏବଂ ମଇଳା ଜମା ହୋଇଯାଏ, ଯେଉଁଥିପାଇଁ ଇଞ୍ଜିନ୍ ପର୍ଯ୍ୟାପ୍ତ ଏୟାର ପାଇ ନଥାଏ ଏବଂ ପରେ ବାଇକ୍ ର ମାଇଲେଜ୍ ପ୍ରଭାବିତ ହୁଏ । ଥଣ୍ଡା ଆରମ୍ଭ ହେବା ପୂର୍ବରୁ ଏୟାର ଫିଲ୍ଟରକୁ ସଫା କରିବା କିମ୍ବା ବଦଳାଇବା ଉଚିତ । ଏହି କାରଣରୁ, ଇଞ୍ଜିନ୍ ସଠିକ୍ ଭାବରେ କାମ କରେ ଏବଂ ବାଇକ୍ ଭଲ ମାଇଲେଜ୍ ମଧ୍ୟ ଦିଏ । ସ୍ପାର୍କ ପ୍ଲଗ୍ ଯାଞ୍ଚ କରନ୍ତୁ: ଯଦି ବାଇକ୍ ର ସ୍ପାର୍କ ପ୍ଲଗ୍ ସଠିକ୍ ଭାବରେ କାମ ନକରେ ତେବେ ଇଞ୍ଜିନର ଇଗ୍ନିସନ୍ ପ୍ରୋସେସ ପ୍ରଭାବିତ ହୁଏ, ଏହା ଧୀର ହୋଇପାରେ । ଏହି କାରଣରୁ, ଫୁଏଲ ଜମିବା ପାଇଁ ଅଧିକ ସମୟ ଏବଂ ଇନ୍ଧନ ଲାଗିବ । ତେଣୁ ଥଣ୍ଡା ଆରମ୍ଭ ହେବା ପୂର୍ବରୁ, ସ୍ପାର୍କ ପ୍ଲଗ୍ ଯାଞ୍ଚ କରନ୍ତୁ ଏବଂ ଆବଶ୍ୟକ ହେଲେ ଏହାକୁ ବଦଳାନ୍ତୁ । ଟାୟାର ପ୍ରେସର ମେଣ୍ଟେନ୍ ରଖନ୍ତୁ: ଶୀତଦିନେ ଟାୟାର ପ୍ରେସର କମ୍ ହୋଇପାରେ, ଯାହା ବାଇକର ଉଭୟ ବାଲାନ୍ସ ଏବଂ ମାଇଲେଜକୁ ପ୍ରଭାବିତ କରିଥାଏ । ତେଣୁ, ପ୍ରତି ସପ୍ତାହରେ ଆପଣଙ୍କ ବାଇକର ଟାୟାର ପ୍ରେସର ଯାଞ୍ଚ କରନ୍ତୁ ଏବଂ ଏଥିରେ ସଠିକ୍ ପରିମାଣର ଏୟାର ଭରନ୍ତୁ । ଚେନ୍ ଏବଂ ବ୍ରେକ୍ ସର୍ଭିସିଂ: ଶୀତଦିନେ ଚେନ୍ ଏବଂ ବ୍ରେକ୍ ଉପରେ ଜଙ୍ଗ ହେବାର ଆଶଙ୍କା ବଢ଼ିଥାଏ। ଏହାକୁ ଏଡାଇବା ପାଇଁ, ଚେନ୍ କୁ ଭଲ ଭାବରେ ସଫା କରନ୍ତୁ, ଏଥିରେ ଲୁବ୍ରିକାଣ୍ଟ ଲଗାନ୍ତୁ ଏବଂ ବ୍ରେକ୍ ଯାଞ୍ଚ କରନ୍ତୁ ଯାହା ଦ୍ୱାରା ଏଗୁଡିକ ସଠିକ୍ ଭାବରେ କାମ କରିବ । ଯେତେବେଳେ ଏହା ସଠିକ୍ ଭାବରେ କାମ କରେ ବାଇକ୍ ଭଲ ମାଇଲେଜ୍ ମଧ୍ୟ ଦେଇଥାଏ ।

ପାର୍ବଣରେ ହାଇ ଡିମାଣ୍ଡ, ଭାରତରେ ବିକ୍ରି ହୋଇଛି ୩.୯୩ ଲକ୍ଷ କାର୍

ନୂଆଦିଲ୍ଲୀ,୧୪।୧୧: ଭାରତରେ ବଢି ଚାଲିଛି ଦୁଇ ଚକିଆ ଓ ଚାରି ଚକିଆ ଯାନର ଆଦୃତି। ଚଳିତ ବର୍ଷ ପାର୍ବଣ ଋତୁରେ ରେକର୍ଡ ସଂଖ୍ୟକ ଦୁଇ ଚକିଆ ଓ ଚାରି ଚକିଆ ଯାନ ବିକ୍ରି ହୋଇଛି। ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମ୍ୟାନୁଫାକ୍ଚର୍ସ (ଏସ୍‌ଆଇଏଏମ୍) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଅକ୍ଟୋବରରେ ୨୧.୬୪ ଲକ୍ଷ ଦୁଇ ଚକିଆ ଯାନ ବିକ୍ରି ହେବାର ରେକର୍ଡ କରାଯାଇଛି। ଏହି ସଂଖ୍ୟା ପୂର୍ବ ବର୍ଷ ତୁଳନାରେ ୧୪.୨ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଦେଶରେ କାର୍ ବିକ୍ରି ସଂଖ୍ୟା ମଧ୍ୟ ବୃଦ୍ଧି ଘଟିଛି। ଗତବର୍ଷ ଭାରତରେ ୩.୮୯ ଲକ୍ଷ କାର୍ ବିକ୍ରି ହୋଇ ଥିବାବେଳେ ଚଳିତ ବର୍ଷ ୩.୯୩ ଲକ୍ଷ ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ, ଚଳିତ ବର୍ଷ ମୋଟ ୩ ଲକ୍ଷ ୯୩ ହଜାର ୨୩୮ଟି କାର୍ ବିକ୍ରି ହୋଇଛି। ଏସ୍‌ଆଇଏଏମ୍ ତଥ୍ୟ ଅନୁଯାୟୀ, କେବଳ ଅକ୍ଟୋବରରେ ଅର୍ଥାତ୍ ପାର୍ବଣ ଋତୁରେ ୬.୫୬ ଲକ୍ଷ ଦୁଇ ଚକିଆ ବିକ୍ରି ହୋଇଛି। ଏଥିରେ ସର୍ବାଧିକ ହିରୋ କମ୍ପାନୀର ମୋଟୋକର୍ପ ବାଇକ୍ ରହିଛି। ସେହିପରି ୫.୫୩ ଲକ୍ଷ ବାଇକ୍ ଏବଂ ସ୍କୁଟର ସହିତ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏମାନଙ୍କ ପରେ ଲୋକଙ୍କ ତୃତୀୟ ପସନ୍ଦ ରହିଛି ଟିଭିଏସ୍। ଚଳିତ ବର୍ଷ ଟିଭିଏସ୍ କମ୍ପାନୀର ମୋଟ ୩.୯୦ ଲକ୍ଷ ଦୁଇ ଚକିଆ ଯାନ ବିକ୍ରି ହୋଇଛି। ଏହାର ଅର୍ଥ ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଟିଭିଏସ୍ ବିକ୍ରିରେ ୧୩.୨୦ ପ୍ରତିଶତ ବୃଦ୍ଧି ଘଟିଛି। ଯଦି ଚାରି ଚକିଆ ଯାନ କଥା କହିବା, ତେବେ ଘରୋଇ ବିକ୍ରିରେ ୫.୦୪ ପ୍ରତିଶତ ହ୍ରାସ ସତ୍ତ୍ୱେ ମାରୁତି ସୁଜୁକି ୧.୫୯ ଲକ୍ଷ କାର ବିକ୍ରି ସହିତ ଏକ ନମ୍ବର ସ୍ଥାନ ବଜାୟ ରଖିଛି। ୫୫,୫୬୮ ୟୁନିଟ୍ ବିକ୍ରି ସହିତ ହୁଣ୍ଡାଇ ମୋଟର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ୫୪,୫୦୪ ୟୁନିଟ୍ ବିକ୍ରି ସହିତ ତୃତୀୟ ସ୍ଥାନ ଅଧିକାର କରିଛି।

ଲଞ୍ଚ ହେଲା ଇଲେକ୍ଟ୍ରିକ୍ ସ୍କୁଟର୍ ଜେଲିଓ ଏକ୍ସ ମେନ୍ ୨.୦

ନୂଆଦିଲ୍ଲୀ,୧୪।୧୧: ଇଲେକ୍ଟ୍ରିକ୍ ସ୍କୁଟର ଉତ୍ପାଦନକାରୀ କମ୍ପାନୀ ଗଜଲିଓ ଗ୍ରାହକଙ୍କ ପାଇଁ ଏକ ଲୋ ସ୍ପିଡ୍ ଇଲେକ୍ଟ୍ରିକ୍ ସ୍କୁଟର ଜେଲିଓ ଏକ୍ସ-ମେନ ୨.୦ ଲଞ୍ଚ କରିଛି । ଏହି ସ୍କୁଟରଟି ଏକ୍ସ-ମେନର ଏକ ଅପଗ୍ରେଡ୍ ମଡେଲ୍, କମ୍ପାନୀ ଏହି ମଡେଲରେ ନୂଆ ଟେକ୍ନୋଲୋଜି ଏବଂ ନୂଆ ଫିଚର୍ସ ଯୋଡିଛି, ଯେଉଁ କାରଣରୁ ଏହି ସ୍କୁଟର ପୂର୍ବ ମଡେଲ ଅପେକ୍ଷା ଭଲ ପରଫର୍ମ କରିବ । ଡେଲି ରାଇଡ୍ କରୁଥିବା ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ଏହି ଇଲେକ୍ଟ୍ରିକ୍ ସ୍କୁଟରକୁ ଡିଜାଇନ୍ କରିଛି । କଲେଜ ଯିବା ଏବଂ ଅଫିସ୍ ଯାଉଥିବା ଲୋକମାନେ ବିଶେଷ ଭାବରେ ଏହି ସ୍କୁଟରକୁ ପସନ୍ଦ କରିପାରନ୍ତି । ଲିଥିୟମ୍-ଆୟନ ଏବଂ ଲିଡ୍-ଏସିଡ୍ ବ୍ୟାଟେରୀ ସହିତ ୪ ଟି ଭରିଆଣ୍ଟରେ ଏହି ସ୍କୁଟରକୁ ଲଞ୍ଚ କରାଯାଇଛି । ଏହି ସ୍କୁଟରକୁ ହ୍ୱାଇଟ୍, ଗ୍ରୀନ୍, ରେଡ୍ ଏବଂ ସିଲଭର୍ ୪ ଟି ଭିନ୍ନ କଲରରେ କିଣାଯାଇପାରିବ । ଦେଶରେ ଇଲେକ୍ଟ୍ରିକ୍ ଟୁ-ହ୍ୱିଲର ସ୍କୁଟରର ଡିମାଣ୍ଡ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାକୁ ନଜରରେ ରଖି ଟୁ ହ୍ୱିଲର ନିର୍ମାତା କମ୍ପାନୀଙ୍କ ସହ ନୂଆ ଷ୍ଟାର୍ଟଅପ ଓ ଅନ୍ୟ କମ୍ପାନୀମାନେ ନିଜ ପ୍ରସ୍ତୁତ ଇଲେକ୍ଟ୍ରିକ୍ ସ୍କୁଟର ମାର୍କେଟରେ ଲଞ୍ଚ କରିବାରେ ଲାଗିଛନ୍ତି । ବର୍ତ୍ତମାନ ସମୟରେ ବଜାରରେ ଲଞ୍ଚ ହେଉଥିବା ଇଲେକ୍ଟ୍ରିକ ସ୍କୁଟର ମାନଙ୍କ ମଧ୍ୟରେ ଗୋଟିଏ ହେଉଛି ଗଜଲିଓ । ଏହି ସ୍କୁଟର ଖୁବ କମ ଦାମରେ ଲମ୍ବା ରେଞ୍ଜ ଦେଇଥାଏ । ଯଦି ଆପଣ ବି ଖୁବ କମ ଦିନ ଭିତରେ ଇଲେକ୍ଟ୍ରିକ ସ୍କୁଟର ଟିଏ କିଣିବା ପାଇଁ ପ୍ଲାନ କରୁଛନ୍ତି ତେବେ ଆପଣ ଏହାର ମୂଲ୍ୟ ସହିତ, ବ୍ୟାଟେରୀ ତଥା ଫିଚର ବିଷୟରେ ଡିଟେଲରେ ଜାଣିରଖନ୍ତୁ ।

୬୦ଭି / ୩୨ଏଏଚ୍ ଲିଡ୍ ଏସିଡ୍ ବ୍ୟାଟେରୀ ଭାରିଆଣ୍ଟର ମୂଲ୍ୟ ୭୧,୫୦୦ ଟଙ୍କା ଏବଂ ୭୪ଭି / ୩୨ଏଏଚ୍ ଭାରିଆଣ୍ଟର ମୂଲ୍ୟ ୭୪ ହଜାର ଟଙ୍କା । ୬୦ଭି / ୩୦ଏଏଚ୍ ଲିଥିୟମ୍-ଆୟନ ବ୍ୟାଟେରୀ ଭାରିଆଣ୍ଟର ମୂଲ୍ୟ ୮୭,୫୦୦ ଟଙ୍କା ଏବଂ ୭୪ଭି / ୩୨ଏଏଚ୍ ଭାରିଆଣ୍ଟର ମୂଲ୍ୟ ୯୧,୫୦୦ ଟଙ୍କା ସ୍ଥିର କରାଯାଇଛି ।

ଟପ୍ ସ୍ପିଡ୍ ଏବଂ ଡ୍ରାଇଭିଂ ରେଞ୍ଜ: ଏହି ନୂଆ ଇଲେକ୍ଟ୍ରିକ୍ ସ୍କୁଟରର ଟପ୍ ସ୍ପିଡ୍ ହେଉଛି ୨୫କିମି/ଏଚ୍ ଏବଂ ଏହି ସ୍କୁଟରଟି ଗୋଟିଏ ଫୁଲ୍ ଚାର୍ଜରେ ୧୦୦ କିଲୋମିଟର ଦୂରତା ଅତିକ୍ରମ କରିପାରିବ । କମ୍ପାନୀ ଏହି ସ୍କୁଟରରେ ୬୦ / ୭୨ଭି ବିଏଲ୍‌ଡିସି ମୋଟର ବ୍ୟବହାର କରିଛି ଯାହା ଗୋଟିଏ ଫୁଲ୍ ଚାର୍ଜରେ ମାତ୍ର ୧.୫ ୟୁନିଟ୍ ବିଦ୍ୟୁତ୍ ଖର୍ଚ୍ଚ କରିଥାଏ । ଏହାର ଅର୍ଥ ଏହି ସ୍କୁଟର ବିଦ୍ୟୁତ୍ ଏବଂ ଅର୍ଥ ଉଭୟ ସଞ୍ଚୟ କରିବ । ଚାର୍ଜିଂ ସମୟ ବ୍ୟାଟେରୀ ଠାରୁ ବ୍ୟାଟେରୀ ମଧ୍ୟରେ ଭିନ୍ନ ହୋଇପାରେ, ଲିଡ୍ ଏସିଡ୍ ବ୍ୟାଟେରୀ ଭାରିଆଣ୍ଟ ସମ୍ପୂର୍ଣ୍ଣ ଚାର୍ଜ ହେବାକୁ ୮ ରୁ ୧୦ ଘଣ୍ଟା ସମୟ ନେଇଥାଏ, ଯେତେବେଳେ ଲିଥିୟମ୍-ଆୟନ ବ୍ୟାଟେରୀ ଭାରିଆଣ୍ଟ ସମ୍ପୂର୍ଣ୍ଣ ଚାର୍ଜ ହେବାକୁ ୪ ରୁ ୫ ଘଣ୍ଟା ଲାଗେ ।

ତୈଳ ମୂଲ୍ୟକୁ ନେଇ ପେଟ୍ରୋଲିୟମ ମନ୍ତ୍ରୀଙ୍କ ବଡ଼ ବୟାନ

ନୂଆଦିଲ୍ଲୀ ୧୪।୧୧: ବିଶ୍ୱର ତୃତୀୟ ସର୍ବ ବୃହତ୍ତ ଅଶୋଧିତ ତୈଳ ଆମଦାନୀକାରୀ ଭାରତ ଆଶା କରୁଛି ଆମେରିକା ଓ କାନାଡା ଭଳି ପାଶ୍ଚାତ୍ୟ ଦେଶ ଅଧିକ ତୈଳ ଉତ୍ପାଦନ କରନ୍ତୁ। ଏହା ଦ୍ୱାରା ବଜାରରେ ଶାନ୍ତି ରହିବା ସହିତ ମୂଲ୍ୟରେ ମଧ୍ୟ ସ୍ଥିରତା ଆସିବ। ଏହା କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ। ଗୁରୁବାର କନଫେଡରେସନ ଅଫ ଇଣ୍ଡିଆଇ ଇଣ୍ଡଷ୍ଟ୍ରି (ସିଆଇଆଇ)ର ଦ୍ୱାଦଶ ପିଏସଇ ଶିଖର ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ ସେ ଏହା କହିଛନ୍ତି। ପୁରୀ କହିଛନ୍ତି ଯେ ପଶ୍ଚିମ ଗୋଲାର୍ଦ୍ଧର ଦେଶମାନେ ଏବେ ଅଧିକ ଉତ୍ପାଦନ କରୁଛନ୍ତି। ଏଣୁ ପେଟ୍ରୋଲିୟମ ରପ୍ତାନୀକାରୀ ଦେଶଙ୍କ ସଙ୍ଗଠନ 'ଓପେକ' ମଧ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ବାଧ୍ୟ ହୋଇପାରେ। ଏହା ଦ୍ୱାରା ସେମାନଙ୍କର ଅଧିକ ଉପାର୍ଜନ ହୋଇ ପାରିବ। ତୈଳ ଦର ତଳ ଉପର ହେବା ଆବଶ୍ୟକତା ପୂରଣ ପାଇଁ ଆମଦାନୀ ଉପରେ ନିର୍ଭର କରୁଥିବା ଅର୍ଥ ବ୍ୟବସ୍ଥାଙ୍କୁ ସମସ୍ୟାରେ ପକାଉଛି। କାରଣ ଏହା ନା କେବଳ ଇନ୍ଧନ କ୍ରୟ ପାଇଁ ଅତିରିକ୍ତ ଖର୍ଚ୍ଚ କରିବାକୁ ପଡୁଛି ବରଂ ଏହା ଯୋଗୁ ମୁଦ୍ରାସ୍ଫିତି ମଧ୍ୟ ପ୍ରଭାବିତ ହେଉଛି। ସେ କହିଛନ୍ତି ଯେ ଆଜି ବୈଶ୍ୱିକ ବଜାରକୁ ପଶ୍ଚିମ ଗୋଲାର୍ଦ୍ଧାରୁ ଅଧିକ ଉତ୍ପାଦନ ଆସୁଛି। ବ୍ରାଜିଲ, ଗୁଏନା, କାନାଡା ଓ ଆମେରିକା ଅଧିକ ଉତ୍ପାଦନ କରୁଛନ୍ତି। ଅଧିକରୁ ଅଧିକ ତେଲ ଆସୁଥିବାରୁ ଆଶା କରାଯାଉଛି ବଜାରର ପରିସ୍ଥିତି ଶାନ୍ତ ପଡିବ। ପୁରୀ କହିଛନ୍ତି ଯେ ଏହା ଦ୍ୱାରା କିଛିକାଂଶରେ ସେହି ଉତ୍ପାଦକଙ୍କୁ ଲାଭ ହେବ ଯେଉଁମାନେ ତୈଳ ଉତ୍ପାଦନ କାଟ କରିଛନ୍ତି, ଯାହା ଦ୍ୱାରା ଅଧିକ ରାଜସ୍ୱ ଅର୍ଜନ କରିବା ଲାଗି ଅଧିକ ଉତ୍ପାଦନ କରାଯାଇ ପାରିବ। ଅଶୋଧିତ ତୈଳ ରପ୍ତାନୀକାରୀ ଦେଶଙ୍କ ସଙ୍ଗଠନ ଓ ଋଷିଆ ନେତୃତ୍ୱାଧୀନ ସଙ୍ଗଠନ ଓପେକ ପ୍ଲସ୍ ୨୦୨୨ ଶେଷ ସମୟରୁ ମୂଲ୍ୟ ବଢାଇବା ଓ ଚାହିଦା ପୂରଣ କରିବା ପାଇଁ ଉତ୍ପାଦନ ହ୍ରାସ କରିଛନ୍ତି। ଓପେକ ପ୍ଲସ ସଦସ୍ୟମାନେ ବର୍ତ୍ତମାନ ମୋଟ ୫୮.୬ ଲକ୍ଷ ବ୍ୟାରେଲ ପ୍ରତିଦିନ ଅର୍ଥାତ ବୈଶ୍ୱିକ ଚାହିଦାର ୫.୭ ପ୍ରତିଶତ ଉତ୍ପାଦନ କାଟ କରିଛନ୍ତି। ତେବେ ପୁରୀ କହିଛନ୍ତି ଯେ ଓପେକ୍ ପ୍ଲସ୍ ଦେଶମାନେ ଉତ୍ପାଦନ ହ୍ରାସ ଲାଗି ନିଷ୍ପତ୍ତିକୁ ଏବେ ସକ୍ରିୟତାର ସହ ବିଚାର କରୁଛନ୍ତି।

୩୨ତମ କୁମାରସ୍ୱାମୀ ମହୋତ୍ସବ ଉଦ୍‌ଘାଟିତ

ନର୍ଲା,୧୪।୧୧ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ଠାରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏହାସହ ଆରମ୍ଭ ହୋଇଛି ଗୋସିଙ୍ଗ ଦୈତ୍ୟ ଦରବାର। ବଲାଙ୍ଗୀର ଜିଲ୍ଲା ବିଜେପୁରର ସମାଜସେବୀ ଭେଷମତି ବଗର୍ତ୍ତୀ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡ଼ାମାଝୀଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ରାଜ ଅତିଥି ଭାବେ ଯୁବ ଉଦ୍ୟୋଗପତି ସୁମିତ କୁମାର ଅଗ୍ରୱାଲ, ସମାଜସେବୀ ରତନ କୁମାର ଅଗ୍ରୱାଲ, ଶିକ୍ଷାବିତ ଗୁଣନିଧି ଧଙ୍ଗଡାମାଝୀ, ସାମ୍ବାଦିକ ଅଲତାଫ ଅଲ୍ଲୀ ଖାଁଙ୍କ ସମେତ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ, କୋଷାଧ୍ୟକ୍ଷ ଜୟଦ୍ରଥ ଜାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅଶ୍ୱିନୀ କୁମାର ଭୋଇଙ୍କୁ 'ଦେବଗିରି ସମାଜସେବା ସମ୍ମାନ', ତେଜନ ଦୁର୍ଗାଙ୍କୁ 'ଦେବଗିରି କ୍ରୀଡ଼ା ସମ୍ମାନ', ଲୋକନାଥ ସାଙ୍କୁ 'ଦେବଗିରି ଲୋକକଳା ସମ୍ମାନ', ସୁଶାନ୍ତ ମିଶ୍ରଙ୍କୁ 'ଦେବଗିରି କଳା ସମ୍ମାନ', ସାମ୍ବାଦିକ ଦୀପକ ଠାକୁର, ତ୍ରିଲୋଚନ ଗଉଡ ଓ ହିରଣ୍ୟ ବେହେରାଙ୍କୁ 'ଦେବଗିରି ବାର୍ତ୍ତା ସମ୍ମାନ' ପ୍ରଦାନ କରାଯାଇଥିଲା। ଦେବଗିରି ବୁଢ଼ୀପଦରରେ ଚାଲିଛି ସମ୍ରାଟ ଗୋସିଙ୍ଗ ଦୈତ୍ୟଙ୍କ ରାଜୁତି। ଗୋସିଙ୍ଗ ଦୈତ୍ୟ ଦରବାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ରଙ୍ଗୀନ ହୋଇ ଉଠୁଛି। ବିଶିଷ୍ଟ କଳାକାର ବିଜୟ କୁମାର ଧଙ୍ଗଡ଼ାମାଝୀ ଗୋସିଙ୍ଗ ଦୈତ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ପ୍ରଥମ ରଜନୀରେ ପାରମ୍ପରିକ ଗଣା ବଜା, ଘଣ୍ଟ ବାଦ୍ୟ, ମା' ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନ ଶାନ୍ତପୁରର ସାମାଜିକ ନାଟକ 'କଙ୍କାଳ ଖେଳିବ ରକ୍ତର ହୋରି' ପରିବେଷିତ ହୋଇଥିଲା। କେନ୍ଦ୍ର ସାହିତ୍ୟ ଏକାଦେମୀ ଯୁବ ପୁରସ୍କାରପ୍ରାପ୍ତ ଲେଖକ ଡିଲେଶ୍ୱର ରଣା ମଞ୍ଚ ସଂଚାଳନ କରିଥିବାବେଳେ ଅନୁଷ୍ଠାନର ଯୁଗ୍ମ ସଂପାଦକ ସୁଧୀର କୁମାର ଧଙ୍ଗଡ଼ାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବ ତିନି ଦିନ ଧରି ଚାଲିବ ବୋଲି ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତି।

ମା' ବିନ୍ଧ୍ୟବାସିନୀ ପୀଠରେ ଚଣ୍ଡୀ ହବନ

ଭେଡେନ,୧୪।୧୧(ସଂଚାର ବ୍ୟୁରୋ): ସଂକ୍ରୀଡ଼ା ସ୍ଥିତ ମା' ବିନ୍ଧ୍ୟବାସିନୀ ପୀଠରେ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ସପ୍ତଶତୀ ଚଣ୍ଡୀପାଠ ସହ ହବନ କରାଯାଇଥିଲା । ଏଥିରେ କର୍ତ୍ତା ଭାବରେ ଶ୍ରୀଯୁକ୍ତ ବିଜୟ କୁମାର ମିଶ୍ର ଏବଂ ତାଙ୍କ ଧର୍ମ ପତ୍ନୀ ଶ୍ରୀମତୀ ଗୀତାଞ୍ଜଳି ମିଶ୍ର ଦାୟିତ୍ୱ ତୁଲାଇଥିଲେ । ଏହି ପୂଜା ଅନୁଷ୍ଠାନରେ ବିଭିନ୍ନ ଅଞ୍ଚଳର ପଣ୍ଡିତମାନେ ଆସି ସହଯୋଗ କରିଥିଲେ ।ଶ୍ରୀଯୁକ୍ତ ରାଧା ମୋହନ ତ୍ରିପାଠୀ,ଶ୍ରୀଯୁକ୍ତ ଶ୍ୟାମ ନାୟକ,ଶ୍ରୀଯୁକ୍ତ ବଂଶୀଧର ଆଚାର୍ଯ୍ୟ, ଶ୍ରୀଯୁକ୍ତ ରଜତ କୁମାର ଦାଶ,ଶ୍ରୀମାନ ଜଗନ୍ ଶତପଥୀ,ଶ୍ରୀଯୁକ୍ତ ସୁଧାଂଶୁ ଦାଶ,ଶ୍ରୀଯୁକ୍ତ ରବୀନ୍ଦ୍ର ଦାଶ,ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପାଢ଼ୀ,ଶ୍ରୀଯୁକ୍ତ ମାନସ ପଣ୍ଡା,ଶ୍ରୀଯୁକ୍ତ ଘନଶ୍ୟାମ ପଣ୍ଡା ପ୍ରମୁଖ ବ୍ୟକ୍ତି ପଣ୍ଡିତ ଭାବରେ ଉପସ୍ଥିତ ଥିଲେ। ମା' ଙ୍କ ପୂଜାରେ ଉପସ୍ଥିତ ଥିବା ସମସ୍ତ ଭକ୍ତ ବୃନ୍ଦ ଶେଷରେ ପ୍ରସାଦ ସେବନ କରିଥିଲେ । ବାହ୍ୟ ଯୋଗାଯୋଗରେ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ବନଛୋର ପୂର୍ଣ୍ଣ ସହଯୋଗ କରିଥିଲେ ।

କମାଲ କଲେ ବାଲ୍ ବୈଜ୍ଞାନିକ

ବକଟିରେ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ଭେଡେନ,୧୪।୧୧(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ବକଟି ଗ୍ରାମ ପଂଚାୟତ ହାଇସ୍କୁଲ ରେ ବ୍ଲକ ସ୍ତରୀୟ ବାଳ ବିଜ୍ଞାନ ପ୍ରଦର୍ଶନୀ-୨୦୨୪ ଅନୁଷ୍ଠିତ ହୋଇଯାଇଛି।ବିଇଓ ମଛିନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନ ସଭାରେ ଅତିଥି ଭାବରେ ଏ ବି ଇ ଓ ହେମବତୀ ମେହେର,ଅଭିମନ୍ୟୁ ଭୋଇ, ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ଡ଼ନସନା, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଶିବ ପ୍ରସାଦ ଖମାରି , ବିଜ୍ଞାନ ସମୀକ୍ଷକ ସଞ୍ଜୀବ ପଧାନ, ପୂର୍ବତନ ସରପଞ୍ଚ ଗୌର ଚନ୍ଦ୍ର ଦତ୍ତା, ପ୍ରଧାନ ଶିକ୍ଷକ ନରେଶ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ବିଇଓ ମଛିନ୍ଦ୍ର ମଲ୍ଲିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଜାପନି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ବିଜ୍ଞାନ ସମୀକ୍ଷକ ଧୀରଜ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଭେଡେନ ନାଗରିକ କମିଟି ସଭାପତି ସ୍ୱାଧୀନ ରଥ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ଡ଼ନସେନା, ଏ ବି ଇ ଓ ହେମବତୀ ମେହେର,ଅଭିମନ୍ୟୁ ଭୋଇ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ କୃଷ୍ଣ ମହାନ୍ତି, ପୂର୍ବତନ ସରପଞ୍ଚ ଗୌରଚନ୍ଦ୍ର ଦତ୍ତା,ରାଜକିଶୋର ମେହେର, ବ୍ଲକ ବିଜ୍ଞାନ ସଂଯୋଜକ ସଂଜୀବ ପଧାନ , ବକଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ନରେଶ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଶିକ୍ଷକ ଗୋବିନ୍ଦ ସେଠ ଓ ଆଶିଷ ଦେଓ ପରିଚାଳନା କରିଥିବାବେଳେ ଶିକ୍ଷକ ଆଦିତ୍ୟ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ମେଳାରେ ମୋଟ ୧୫୮ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ-ଅଙ୍କିତା ମହାନନ୍ଦ , ଲକ୍ଷ୍ମୀ ରାଜେଶ୍ୱରୀ, ନମନ୍ ମହାକୁର, ସାଗରିକ ନାୟକ, ଯସ୍ ପ୍ରଧାନ, ପ୍ରୀୟାନ୍ସୁ ଖେତି,ଶୀତଳ ଭୁଏ ଆଦି ଛାତ୍ର ଛାତ୍ରୀଙ୍କ ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲା। ଶିକ୍ଷକ ଜୟପ୍ରକାଶ ପ୍ରଧାନ, ଅଶୋକ ପଣ୍ଡା, ମନୋଜ ବଢେଇ, ମନୋଜ ବାରିକ,ହେମନ୍ତ ମେହେର, ଅଭିଜିତ ଘୋଷ ଆଦି ଶିକ୍ଷକ ବିଚାରକ ଦାୟିତ୍ୱ ତୁଲାଇଥିଲେ।ପରିଚାଳନା ରେ ବ୍ଲକ ର ସମସ୍ତ ସିଆରସିସି ,ଶିକ୍ଷକ ଶିକ୍ଷୟତ୍ରୀ ଓ ବକଟି ସ୍କୁଲର ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଅବ୍ସରରେ ସାମ୍ବାଦିକ ନିର୍ମଳ କୁମାର ମେହେର ମୁକୁନ୍ଦ ଷଡ଼ଙ୍ଗୀ,ବଳରାମ ବାଗ,ହୀରା ମହାକୁର, ପ୍ରଭାକର ଦାଶ ଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି

ସୁବର୍ଣ୍ଣପୁର,୧୪।୧୧(ସଂଚାର ବ୍ୟୁରୋ): ବହୁ ପ୍ରତୀକ୍ଷିତ ସୋନପୁର ର ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି। ଗତବର୍ଷ ଅଗଷ୍ଟ ୨୩ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ସୋନପୁର ରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।ଏହି ନୂତନ ବସଷ୍ଟାଣ୍ଡରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହୋଇଥାନ୍ତା ହେଲେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ହୋଇସାରିଥିଲା ବେଳେ କାମ କାହିଁକି ଆରମ୍ଭ ହେଉନାହିଁ ଏହା ସମସ୍ତ ଙ୍କୁ ଚକିତ କରିଛି।। ରାଜ୍ୟ ର ବିଭିନ୍ନ ସଦର ମହକୁମା ତଥା ସୁବର୍ଣ୍ଣପୁର ଜିଲ୍ଲାର ପ୍ରାୟ ବସଷ୍ଟାଣ୍ଡ ନିର୍ମାଣ ହୋଇ ଯାତ୍ରୀମାନଙ୍କ ବ୍ୟବହାର ହେଲାଣି । କିନ୍ତୁ ଦ୍ୱିତୀୟ ବାରାଣାସୀ କୁହାଯାଉ ଥିବାର ସୋନପୁର ସହରରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟରମ୍ଭ ହୋଇ ପାରୁ ନାହିଁ। ଏହାର ବିଳମ୍ବିତ ନେଇ ଯାତ୍ରୀ ଓ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଖରା ଓ ବର୍ଷା ଦିନରେ ଖୋଲା ଆକାଶରେ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଅନେକ ଅସୁବିଧାର ସାମ୍ନା କରୁଛନ୍ତି ଯାତ୍ରୀ ଓ ପର୍ଯ୍ୟଟକ । ଶୈବ, ଶାକ୍ତ, ବିଷ୍ଣୁ ସହ ମହିମା ଧର୍ମ ମହା ମିଳନସ୍ଥଳୀ ସୁବର୍ଣ୍ଣପୁର ଜିଲ୍ଲାଙ୍କୁ ବହୁ ପର୍ଯ୍ୟଟକ ସହ ପ୍ରତ୍ୟହ ହଜାର ହଜାର ଯାତ୍ରୀ ଆସୁଛନ୍ତି ହେଲେ ବସ୍ କୁ ଅପେକ୍ଷା କରୁଥିବା ଯାତ୍ରୀ ଙ୍କ ପାଇଁ ବିଶ୍ରାମଗାର ଟିଏ ନଥିବା ହେତୁ ୟା ତା ଦୋକାନ ବାରଂବା ବାହାରେ ହନ୍ତସନ୍ତ ହେଉଛନ୍ତି। ସଦର ମହକୁମାର ପୁରୁଣା ବସଷ୍ଟାଣ୍ଡ ର ଦୁରାବସ୍ଥା ଦେଖି କ୍ଷୋଭ ପ୍ରକାଶ ମଧ୍ୟ କରୁଛନ୍ତି। ଅନ୍ୟ ପକ୍ଷରେ ସୋନପୁର ସହର କେନ୍ଦ୍ର ସ୍ଥଳୀରେ ଉକ୍ତ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବାପାଇଁ ଜମି ଅଧିଗ୍ରହଣ ହୋଇ ସେଠାରେ ଥିବା ଭୀମଭୋଇ କଳା ମଣ୍ଡପ,ପୁରୁଣା ଟାଉନ୍ ହଲ୍ ସହ କିଛି କିଓସ୍କ ର ଷ୍ଟଲ ସବୁ ଭଙ୍ଗା ସରିଛି ଓ ବସଷ୍ଟାଣ୍ଡ ପାଇଁ ଫଣ୍ଡ ମଧ୍ୟ ରହିଛି । ହେଲେବି ଆରମ୍ଭ ପାଇଁ ଅସୁବିଧା ଯେ କେଉଁଠି ରହିଛି ଏହାର ଉତ୍ତର ମଧ୍ୟ କାହାପାଖରେ ନାହିଁ। ଏହିଠାରେ ହିଁ ଅତ୍ୟାଧିନିକ ନୂତନ ବସଷ୍ଟାଣ୍ଡ ନେଇ ସହର ବାସୀ ଉତ୍ସାହିତ ଓ ଆଶାବାଦୀ ଅଛନ୍ତି। ଏହି ନୂତନ ବସଷ୍ଟାଣ୍ଡ ପାଇଁ ୩.୩୪ ଏକର ଜମି ଓଡ଼ିଶା ରାଜ୍ୟ ସଡ଼କ ପରିବହନଙ୍କୁ ହସ୍ତାନ୍ତରିତ କରାଯାଇଛି। ତେବେ ନୂତନ ବସଷ୍ଟାଣ୍ଡ ନେଇ ଟାଉନ ହଲ,ଭୀମ ଭୋଇ କଳା ମଣ୍ଡପ, ବିଶ୍ରାମ ଗାର ଉଚ୍ଛେଦ ହୋଇଛି ତା ସଙ୍ଗେ ସଙ୍ଗେ କେତେକ ଷ୍ଟଲ ମାଲିକ ମଧ୍ୟ ନିଜ ପକ୍ଷରୁ ଷ୍ଟଲ ଛାଡି ଦେଇ ଥିବାରୁ ଷ୍ଟଲ ଭଙ୍ଗା ଯାଇଛି । ନୂତନ ବସଷ୍ଟାଣ୍ଡ ନେଇ ଟେଣ୍ଡର କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି। ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରାଜନୈତିକ ନେତୃତ୍ୱବୃନ୍ଦ ଓ ଜିଲ୍ଲା ପ୍ରଶାସନ ଠୋସ ପଦକ୍ଷେପ ନେବାକୁ ଦାବି ହେଉଛି। ପ୍ରକାଶ ଯୋଗ୍ୟ ଯେ ଏଠାରେ ହିଁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୃଥକ ପୃଥକ ଭାବେ ପୌର ସଂସ୍ଥାର ସମସ୍ତ କାଉନସିଲର ,ଜିଲ୍ଲା ବଣିକ ସଂଘ, ବେସରକାରୀ ବସ୍ ମାଲିକ ସଂଘ ଓ ବୁଦ୍ଧିଜୀବିମାନେ ଜିଲ୍ଲାପାଳ ଙ୍କୁ ଭେଟି ସେମାନଙ୍କର ଦାବିପତ୍ର ଦେଇଛନ୍ତି ତେବେ ମଧ୍ୟ ପ୍ରଶାସନିକ ସ୍ତରରେ କିଛିବି ପଦକ୍ଷେପ ନନେବା ଯୋଗୁଁ ଏବେ ଜନ୍ ଅସନ୍ତୋଷ ଦାନା ବାନ୍ଧୁଛି। ଆଗାମୀ ଏକମାସ ମଧ୍ୟରେ ଯଦି ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ନହୁଏ ତାହେଲେ ସରକାର ଏକ ବିରାଟ ଜନ ଆନ୍ଦୋଳନର ସାମ୍ନା କରିବେ ବୋଲି ବହୁ ସଚେତନ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

ଦୌଡ଼କୁଦ ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲ୍ଲାର ବାଜିମାତ

ସୁନ୍ଦରଗଡ,୧୪।୧୧(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଶଙ୍କରପୁର ସ୍ଥିତ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ଓ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସଙ୍ଗଠନ ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ କେନ୍ଦୁଝର ଦ୍ୱାରା ଆୟୋଜିତ ୬୮ ତମ ଓଡ଼ିଶା ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ନଭେମ୍ବର ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ସୁନ୍ଦରଗଡ ଜିଲ୍ଲାରୁ ମୋଟ ୯ ଜଣ ଦକ୍ଷ ଖେଳ ପରିଚାଳକ ଯାଇ ଥିବା ବେଳେ ୫ ଜଣିଆ ମ୍ୟାନେଜର ଦଳ ସହିତ ୨୫ ଜଣ ବାଳକ ବାଳିକା (୧୪ ଓ ୧୭) ବର୍ଷରୁ କମ୍ ଯୋଗ ଦେଇ ଥିଲେ। ଏହି ସଫଳତାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ପ୍ରଶଂସା କରିବା ସହିତ ସୁନ୍ଦରଗଡ ଜିଲ୍ଲା ଦୌଡକୁଦ ପ୍ରତିଯୋଗିତାରେ ପୂର୍ବ ଗୌରବକୁ ଫେରି ଆସିଛି ବୋଲି ମତ ଦେଇଛନ୍ତି।

ଏରସମା ବିଜେପି କାର୍ଯ୍ୟାଳୟରେ ମିଶ୍ରଣପର୍ବ

ଏରସମା,୧୪।୧୧(ସଂଚାର ବ୍ୟୁରୋ): ବାଲିକୁଦା -ଏରସମା ନିର୍ବାଚନ ମଣ୍ଡଳୀରେ ଭୁଷୁଡୁଛି ବିଜେଡି ଦୁର୍ଗ। ଏହି ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ବିଧାୟକ ସାରଦା ଜେନାଙ୍କ ଉପରେ ଭରଷା କରି ନପାରି ଶହ ଶହ ବିଜେଡି କର୍ମୀ ଦଳ ଛାଡୁଥିବା ଦେଖିବାକୁ ମିଳିଛି। ଅଳ୍ପ କିଛି ଦିନ ତଳେ ଏରସମା ବ୍ଲକର ଜପା ପଞ୍ଚାୟତର ତିନି ତିନି ଜଣ ପୂର୍ବତନ ସରପଂଚ ଙ୍କ ସହ ଦେଢ଼ ଶହରୁ ଉର୍ଦ୍ଧ୍ୱ ବିଜେଡି କଂଗ୍ରେସ କର୍ମୀ ବିଜେପିରେ ମିଶିଥିବା ବେଳେ ଶୁକ୍ରବାର ଦିନ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ଛାମୁଆ ବିଜେଡି କର୍ମୀ ଦଳ ଛାଡି ବିଜେପି ରେ ମିଶିଥିବା ଦେଖାଯାଇଛି। ଏରସମା ବ୍ଲକର ପ୍ରଭାବଶାଳୀ ଯୁବ ବିଜେଡି ଉପସଭାପତି ମାନସ ସ୍ୱାଇଁଙ୍କ ନେତୃତ୍ୱରେ ଦିଲ୍ଲିପ ସ୍ୱାଇଁ,ରମେଶ ସେଠି,କାଳନ୍ଦୀ ଗୋଚ୍ଛାୟତ,ବାବାଜି ସାହୁ,ସହ ଶତାଧିକ କର୍ମୀ ଶଙ୍ଖ ଛାଡ଼ି ପଦ୍ମ ଧରିଛନ୍ତି। ଏରସମା ସ୍ଥିତ ବିଜେପି ମୁଖ୍ୟାଳୟରେ ବାଲିକୁଦା ଏରସମା ବିଜେପି ନେତା ସତ୍ୟ ସାରଥି ମହାନ୍ତି ଓ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସଂଯୋଜକ ନୃସିଂହ ସାହୁ, ଜିଲ୍ଲା ବିଜେପି କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, ଜଟାଧାରୀ ସ୍ୱାଇଁ ଙ୍କ ଉପସ୍ଥିତି ରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଶତାଧିକ ବିଜେଡି କଂଗ୍ରେସ କର୍ମୀ ବିଜେପିରେ ମିଶିଛନ୍ତି। ଆଗାମୀ ୨ ମାସ ମଧ୍ୟରେ ବିଜେଡି ଭାଡ଼ି ଖାଲି ହୋଇଯିବ ବୋଲି ବିଜେପି ନେତା ନୃସିଂହ ସାହୁ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳନ

ସୁନ୍ଦରଗଡ,୧୪।୧୧(ସଂଚାର ବ୍ୟୁରୋ): ଆଜି ନଭେମ୍ବର ୧୪ ତାରିଖ ଅପରାହ୍ନ ୩ ଘଟିକା ସମୟରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ମହା ଆଡମ୍ବର ସହକାରେ ଶିଶୁ ଦିବସ ପାଳନ କରିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ମହୋଦୟ ଯୋଗ ଦେଇ କୁନି କୁନି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ତେବେ ଏହି ଉତ୍ସବ ଜଗନ୍ନାଥଙ୍କୁ ସମର୍ପଣ କରି ଆରମ୍ଭ ହୋଇଥଲା। ଏହି ଉତ୍ସବରେ ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଦେଇ ଉତ୍ସବକୁ ଆଗେଇ ନେଇଥିଲେ। ତେବେ ଏହି ଅବସରରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ତାର ବାର୍ଷିକ କ୍ରୀଡ଼ା ଉତ୍ସବର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସେକ୍ରେଟାରୀ ରାଜ କିଶୋର ଷଡ଼ଙ୍ଗୀ, ଟ୍ରଷ୍ଟି ମେମ୍ବର ବରିଷ୍ଠ ଆଇନଜୀବି ନିମାଇଁ ଚରଣ ନାଏକ, ବେଣୁ ମାଧବ ତ୍ରିପାଠି , ଅଧ୍ୟକ୍ଷା ହରିପ୍ରିୟା ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରା ଯାଇଥିଲା । ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆର୍ଚେରୀ, ବ୍ୟାଡମିଣ୍ଟନ ଓ ବକ୍ସିଂ ଖେଳରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଏବଂ ବିଦ୍ୟାଳୟରେ ହୋଇଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା । ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ଦ୍ୱାରା ଉତ୍ସବକୁ ଅଧିକ ରୁଚିକର ହୋଇଥିଲା ।

ବିଡିଓଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ

ରାୟଗଡା,୧୪।୧୧(ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକର ୧୨ ଟି ପଞ୍ଚାୟତର ସରପଞ୍ଚ ମାନଙ୍କୁ ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଏ ସାନମୁଖୀ କୁମାର ପାତ୍ର ଅଣଦେଖା ସହ ଉନ୍ନୟନ ମୂଳକ କାର୍ଯ୍ୟ ସଠିକ ଭାବେ ପରିଚାଳନା କରୁ ନଥିବାରୁ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ , ଜିଲ୍ଲାପାଳ ପାରୁଲ ପାଟ୍ୱାରୀ ଓ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରୋଇତଙ୍କୁ ଆଜକୁ ପ୍ରାୟ ତିନି ବର୍ଷ ହେଲା ପଂଚାୟତ ସମିତି ବୈଠକ ଦୁଇ ମାସ କୁ ଥରେ ଅନୁଷ୍ଠିତ ହେବା କଥା ତାହା ନହୋଇ ବର୍ତ୍ତମାନ ଛଅ ମାସ କୁ ଥରେ ବୈଠକ ଆୟୋଜନ କରାଯାଉଥିବା , ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତକୁ ଆସୁଥିବା ସରକାର ଙ୍କ ବାର୍ଷିକ ଅର୍ଥରାଶିର ବିଭିନ୍ନ ପ୍ରକଳ୍ପକୁ ପ୍ରତି ପଞ୍ଚାୟତକୁ ଦେବା ପାଇଁ ଇଚ୍ଛା ପ୍ରକାଶ କରୁନଥିବା ବେଳେ ଅବଗତ ମଧ୍ୟ କରୁନାହାନ୍ତି ଯଦ୍ୱାରା ସରକାରଙ୍କ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରିବାରେ ସଫଳ ହୋଇ ପାରୁନାହୁଁ, ଯାହାକି ପଂଚାୟତ ବାସୀ ଙ୍କୁ ମୌଳିକ ସୁବିଧା ଯୋଗାଇବେ ଅସୁବିଧା ହେଉଛି ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ଉନ୍ନତି ମୂଳକ ପ୍ରକଳ୍ପ ଏସଏଫସି ,ସିଏଫସି, ସ୍ୱତନ୍ତ୍ର ପାଣ୍ଠି ,ସରକାରୀ ଅନୁଦାନ ପାଣ୍ଠି, ବିଦ୍ୟାଳୟ ମରାମତି ଓ ରକ୍ଷଣାବେକ୍ଷଣ ପାଣ୍ଠି, ଆଇଟିଡିଏ,ଓଟିଏଲପି ପାଣ୍ଠି ,ଏସ ଏଣ୍ଡମି,ସହିତ ବିଭିନ୍ନ ପ୍ରକାର ଉନ୍ନତି ମୂଳକ ଯୋଜନା ଗୁଡ଼ିକ ସରପଞ୍ଚଙ୍କ ଅଜାଣତରେ କାର୍ଯ୍ୟ ଗୁଡିକ ଚାଲୁଅଛି ।

ଜିଲ୍ଲାସ୍ତରୀୟ ପୋଷ୍ୟ ସନ୍ତାନ ଗ୍ରହଣ ତାଲିମ ଶିବିର

ନୟାଗଡ଼,୧୪।୧୧ (ସଂଚାର ବ୍ୟୁରୋ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ଗ୍ରହଣ ମାସ ପାଳନ ଅବସରରେ ଏକ ସଚେତନତା ରଥର ଶୁଭ ଉଦ୍‌ଘାଟନ କରାଯାଇଥିଲା । ଏହାପରେ ଜିଲ୍ଲାପାଳଙ୍କ ସଦ୍ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଦିଲିପ କୁମାର ବଳଙ୍କ ଅଧ୍ୟକ୍ଷତାରେ ପୋଷ୍ୟ ସନ୍ତାନ ଗ୍ରହଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ କିଶୋର ଚନ୍ଦ୍ର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସିବିୟନ ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅର୍ଚ୍ଚନା କଅଁର, ଉପ ଆରକ୍ଷୀ ଅଧୀକ୍ଷକ ହେମନ୍ତ ରାଓ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ସଂଯୋଗ ପ୍ରଶାନ୍ତ କୁମାର ପାଲଟାସିଂ ସଂସାଧନ ସଦସ୍ୟ ଭାବେ ଯୋଗ ଦେଇ ଜିଲ୍ଲାରେ ପୋଷ୍ୟ ସନ୍ତାନ ଗ୍ରହଣ କିଭଳି ଭାବେ ଅଭିବୃଦ୍ଧି ଘଟିବ ଓ ପ୍ରତିପାଳକ ଯତ୍ନ ବ୍ୟବସ୍ଥାର ସଠିକ୍ କାର୍ଯ୍ୟକାରୀ ହୋଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଚାଇଲଡ୍ ହେଲପ୍ ଲାଇନର ସୁଦୂର ପ୍ରସାର ନିମନ୍ତେ ପୋଷ୍ଟର ଗୁଡ଼ିକୁ ମଂଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ । ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତିଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କର୍ମଶାଳାରେ ନୟାଗଡ଼ ଜିଲ୍ଲାର ସମସ୍ତ ସିଡିପିଓ,ସୁପରଭାଇଜର, ନର୍ସିଂ ହୋମର କର୍ମକର୍ତ୍ତା,ସାମାଜିକ ଅନୁଷ୍ଠାନ, ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନର ତତ୍ତ୍ୱାବଧାରକ, ଆଶା ସଂଯୋଜକ ପ୍ରମୁଖ ଯୋଗ ଦେଇଥିଲେ ।

ନିଶା ନିବାରଣ ସଚେତନ କାର୍ଯ୍ୟକ୍ରମ ସଫଳ ହେବ ?

ପାଟଣାଗଡ଼,୧୪।୧୧(ସଂଚାର ବ୍ୟୁରୋ): ସରକାରଙ୍କ ବୁଦ୍ଧିମତ୍ତା ଯୋଜନାକୁ ମାନିବାକୁ ପଡିବ। କେତେବେଳେ ନିଶା କାରଖାନା ଖୋଲିବା ପାଇଁ ଅନୁମତି ତ କେତେବେଳେ ବନ୍ଦ କରିବାକୁ ପ୍ରୟାସ । କାହିଁକି କେଜାଣି ସରକାର ବୁଲେଇ ବଙ୍ଗେଇ ଜନତାଙ୍କୁ ଭୁଆଁ ବୁଲାଉଛନ୍ତିକି ? । ନିଶା ମାନଙ୍କ ମଧ୍ୟ୍ୟରେ ମଦ ଦେଶୀ ହେଉ ବା ବିଦେଶୀ ବର୍ତ୍ତମାନ ଯୁବପିଢ଼ି ମାନଙ୍କ ପାଇଁ ଫାଷ୍ଟ ଫୁଡ ପାଲଟି ଯାଇଛି କେବଳ ଯୁବପିଢ଼ି କାହିଁକି ବଡବଡିଆ ମାନଙ୍କ ଚା, କଫି ପାଲଟି ଯାଇଛି । ବିଗତ ଦିନରେ ନିଶା ମୁକ୍ତ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ମହିଳା ମାନେ ଚେଷ୍ଟା କରି ବିଫଳ ହୋଇଛନ୍ତି । ମଦ ନିଶା ମଣିଷ କୁ ରୋଗା କ୍ରାନ୍ତ କରେ, ପରିବାର ଛାରଖାର କରେ ତଥାପି ସେଥିରୁ ନିବୃତ ହେବା କଷ୍ଟକର । ବିଗତ ଦିନର ଖବର ଅନୁଯାଇ ସରକାର ମଦବେପାରରେ ଅଧିକ ଟଙ୍କା ଟିକସ ପାଇଛନ୍ତି । ଓଡ଼ିଶାରେ ଡବଲ ଇଂଜିନ ସରକାର ହେବା ପରେ ନିଶା ମୁକ୍ତ ଭାରତ ଗଠନ ପାଇଁ ଟଙ୍କା ଖର୍ଚ୍ଚ କରି ପ୍ରୟାସ ଜାରି ରଖିଛନ୍ତି । ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ କେନ୍ଦ୍ର ସରକାର ସହାୟତାରେ ପିପୁଲ୍ସ ଫୋରମ ତରଫରୁ ଆଜି ଖପ୍ରାଖୋଲ ବ୍ଲକ ସଭା ଗୃହ ଠାରେ ନିଶା ମୁକ୍ତ ଭାରତ ଗଠନ ପାଇଁ ସଚେତନ କାର୍ଯ୍ୟକ୍ରମ ହୋଇଥିଲା । ପ୍ରକୃତରେ ଏହି ସଚେତନ କାର୍ଯ୍ୟକ୍ରମ ଦ୍ୱାରା ନିଶା ସେବନ ବ୍ୟକ୍ତି ମାନେ ସେଥିରୁ ନିବୃତ୍ତ ହେବେ ନାଁ ଏହା ଚରିକାନ୍ଥ ଭିତରେ ଆବଦ୍ଧ ହୋଇ ରହି ଯିବନିତ? ବ୍ଲକ ଠାରୁ ଜିଲ୍ଲା ଯାଏଁ ଅବକାରୀ ବିଭାଗର କର୍ମଚାରୀ ରହିଛନ୍ତି । ବିନା ଲାଇସେନ୍ସ ରେ ଗ୍ରାମାଞ୍ଚଳ ଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଅବାଦରେ ମଦବିକ୍ରି ଚାଲିଛି ତାକୁ ବନ୍ଦ କରିବାରେ କେତେଦୂର ସଫଳ କାହାକୁ ଅଛପା ନାହିଁ । ସତରେ କ'ଣ ସରକାର ନିଶା ବନ୍ଦ କରି ରାମ ରାଜ୍ୟ କରିବେ। ନାଁ ପ୍ରହସନ ହେବ ବୋଲି ଜନସାଧାରଣ ଙ୍କ ମଧ୍ୟରେ ଚର୍ଚ୍ଚା ଆଲୋଚନା ଚାଲିଛି ।

ଅବକାରୀ ଏସ୍‌ପିଙ୍କ କର୍ତ୍ତବ୍ୟରେ ଅବହେଳା

ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ସୋନପୁର,୧୪।୧୧(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଅବକାରୀ ବିଭାଗର ଏସପି ପ୍ରବୀର ସାମଲ ତାଙ୍କ ଡ୍ୟୁଟି କାର୍ଯ୍ୟରେ ଅଭହେଳା କରୁଥିବା ନେଇ ମୁଖ୍ୟ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ରେ ଅଭିଯୋଗ ହୋଇଥିଲା ଏନେଇ ମୁଖ୍ୟମନ୍ତ୍ରୀ ଙ୍କ କାର୍ଯ୍ୟାଳୟ ରୁ ତଦନ୍ତ କରିବା ପାଇଁ ଏକ୍ସାଇଜ ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ସୂଚନା ଯୋଗ୍ୟ ମୁଖ୍ୟ ଅଭିଯୋଗ ଖମ୍ବେଶ୍ୱରୀପାଲି ମଦ ଭାଟି ଠାରେ ମଦ ତିଆରି ପାଇଁ ପାଉଚିଂ ମେସିନ ବସି ନାହିଁ ଏବଂ ସୋନପୁର ସଦର ବ୍ଲକ ର ମଲ୍ଲିକମୁଣ୍ଡା, ବିଶିମୁଣ୍ଡା, ହରଡୋଖୋଲ ଗ୍ରାମ ପଂଚାୟତ ର ସାଗରପାଲି,ମେଦିନୀପାଲି ନର୍ସିଂଗଡ଼, ବୈଦ୍ୟନାଥ ବ୍ରିଜ, ଗଇଲବେଣ୍ଡା ଉଚ୍ଚ ବିଦ୍ୟାଳୟ ସାମ୍ନା , ବିଶିମୁଣ୍ଡା ଗ୍ରାମର ଆରଆଇ ଅଫିସ ସାମ୍ନା ରେ କୁଚିଆ ଦେଶୀ ମଦ ଏବଂ ପାଉଚ ବିକ୍ରି ହେଉଥିବା ନେଇ ସୋନପୁର ଜିଲ୍ଲା ଦୁର୍ନୀତି ନିବାରଣ ସଙ୍ଘ ପକ୍ଷରୁ ସୋନପୁର ଅବକାରୀ ଏସପି ଙ୍କ ପାଖରେ ଏହି ସ୍ଥାନ ଗୁଡିକରେ ମଦ ବନ୍ଦ କରିବା ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ଓ ଖମ୍ବେଶ୍ୱରୀପାଲି ଠାରେ ଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟିରେ ସରକାର ଙ୍କ ନିୟମ ଅନୁଯାଇ ଦେଶୀ ମଦ ପାଉଚିଂ ମେସିନ ବସିବା କଥା ମେସିନ ଲାଗି ନଥିବାରୁ ଭାଟିରେ ମେସିନ ବସେଇବା ପାଇଁ ଦାବି ଜଣେଇ ଥିଲେ ଏହି ପ୍ରସଙ୍ଗରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୋନପୁର ଅବକାରୀ ବିଭାଗ ନିରବ ଦ୍ରଷ୍ଟା ସାଜିଥିଲେ, ସ୍କୁଲ ଓ ଶିଶୁମନ୍ଦିର ସାମ୍ନାରେ ମଦ ବିକ୍ରି କରିବାର ନିୟମ ନାହିଁ ଜାଗା ଚିହ୍ନଟ କରି ଏହି ସ୍ଥାନରେ ମଦ ବନ୍ଦ କରିବାକୁ ଦାବି କରିଥିଲେ, ସୁବର୍ଣ୍ଣପୁର ଜିଲ୍ଲାର ଅବକରି ବିଭାଗର ମୁଖ୍ୟ କାର୍ଯ୍ୟରତ ଅଧିକାରୀ ତଥା ସୁବର୍ଣ୍ଣପୁର ଅବକାରୀ ବିଭାଗର ଏସପି ପ୍ରବୀର ସାମଲ ଙ୍କ ଦାୟିତ୍ୱ ଓ ଡ୍ୟୁଟି କାର୍ଯ୍ୟ କୁ ଦୁର୍ନୀତି ନିବାରଣ ସଙ୍ଘ ସନ୍ଦେହ ସୃଷ୍ଟି ଅନୁଭବ କରିଥିଲେ ସେଥିପାଇଁ ଓଡିଶା ସରକାର ଙ୍କ ଗ୍ରୀଭେନ୍ସ କାର୍ଯ୍ୟାଳୟ ରେ ଅନଲାଇନ ମାଧ୍ୟମରେ ଜଣ ଶୁଣାଣି ପୋର୍ଟାଲ ରେ ଗତ ଅକ୍ଟୋବର ୨୭ ତାରିଖରେ ଅଭିଯୋଗ କରିଥିଲେ,ଅଭିଯୋଗ ର ପଞ୍ଜିକରଣ ନମ୍ବର ସିଏମଓ ୨୦୨୪୯୧୧୯୯୪୫ ନମ୍ବର ଅଟେ ଅଭିଯୋଗ ପଞ୍ଜିକରଣ ହେବା ପରେ ଏହି ଅଭିଯୋଗ କୁ ଗୁରୁତ୍ୱ ଦେଇ ଓଡିଶା ସରକାରଙ୍କ ଗ୍ରୀଭେନ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ରୁ ତଦନ୍ତ ପାଇଁ ନିର୍ଦ୍ଦେଶ ଆସିଥିବା ସୂଚନା ମିଳିଛି ଓଡିଶା ସିଏମଓ ଗ୍ରୀଭେନ ଅଫିସ ଦାୟିତ୍ୱ ରେ ଥିବା ଅଧିକାରୀ ମୁଖ୍ୟମନ୍ତ୍ରୀ ଙ୍କୁ ଏହି ଅଭିଯୋଗ ଜଣେଇ ଥିଲେ ମୁଖ୍ୟମନ୍ତ୍ରୀ ଏହି ଅଭିଯୋଗ କୁ ଗୁରୁତ୍ୱ ଦେଇ ଗତ ନଭେମ୍ବର ୧୧ ତାରିଖରେ ଓଡିଶା ଏକ୍ସାଇଜ ବିଭାଗର ସଚିବଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

ମଦ ପାଇଁ ଟଙ୍କା ନଦେବାରୁ ସ୍ତ୍ରୀକୁ ହାଣିଦେଲା ସ୍ୱାମୀ

ମୟୂରଭଞ୍ଜ,୧୪।୧୧(ସଂଚାର ବ୍ୟୁରୋ): ମଦ ପିଇବା ପାଇଁ ଟଙ୍କା ନଦେବାରୁ ସ୍ତ୍ରୀଙ୍କୁ ହାଣିଦେଲା ସ୍ୱାମୀ। ଏପରି ବୀଭତ୍ସ ହତ୍ୟାକାଣ୍ଡ ମୟୂରଭଞ୍ଜ ଜିଲ୍ଲାରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ବାଙ୍ଗିରିପୋଷି ଥାନା ବ୍ରାହ୍ମଣଗାଁ ପଞ୍ଚାୟତ ଶାଳଘାଟି ଗାଁର ପଦନ ଦେହୁରୀ ହେଉଛନ୍ତି ଜଣେ ଗରିବ ଶ୍ରେଣୀରେ ଲୋକ। କାମଦାମ ଓ ଜଙ୍ଗଲରୁ କାଠ ସଂଗ୍ରହ କରି ପରିବାର ଭରଣ ପୋଷଣ କରନ୍ତି। ବେଶ ହସ ଖୁସିରେ ଚାଲିଥିଲା ସଂସାର। ବୁଧବାର ଉଭୟ ସ୍ୱାମୀ-ସ୍ତ୍ରୀ କଦମଡିହା ଗାଁକୁ ଯାଉଥିଲେ। ତେବେ ରାସ୍ତାରେ ପଦନ ମଦ ପିଇବା ପାଇଁ ପତ୍ନୀ କୌଶଲ୍ୟାଙ୍କୁ ଟଙ୍କା ମାଗିଥିଲେ। ହେଲେ କୌଶଲ୍ୟା ଟଙ୍କା ଦେବାକୁ ମନା କରିଥିଲେ। ଯେଉଁଥିପାଇଁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲେ। ଧୀରେ ଧୀରେ ଏହି ପାଟିତୁଣ୍ଡ ଉଗ୍ର ରୂପଧାରଣ କରିଥିଲା। ରାଗରେ ଉତ୍‌କ୍ଷିପ୍ତ ହୋଇ ହାତରେ ଧରିଥିବା କୁରାଢ଼ୀରେ କୌଶଲ୍ୟାଙ୍କୁ ଆକ୍ରମଣ କରିଥିଲେ ପଦନ। ଘଟଣା ସ୍ଥଳରେ କୌଶଲ୍ୟା ଟଳି ପଡ଼ିଥିଲେ। ଏହା ପରେ ସେ ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ଚେଷ୍ଟା କରୁଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ଅଟକ ରଖିଥିଲେ।